


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୪୮ ● ୧୬ ଜାନୁଆରୀ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-348 ● 16th January 2025, Thursday ● Bhubaneswar | Licensed to post without pre-payment of postage No- BN-60/25-27


# ବର୍ଦ୍ଧିତ ପେନସନ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଉପକୃତ ହେବେ ୪,୧୭,୪୯୬ ହିତାଧିକାରୀ



**ଭୁବନେଶ୍ୱର, ୧୫/୧**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ୮୦ ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀମାନେ ବୁଧବାରୁ ଠାରୁ ମାସକୁ ୩୫୦୦ ଟଙ୍କା ପେନସନ ପାଇବେ । ପୂର୍ବରୁ ସେମାନେ ୧୨୦୦ ଟଙ୍କା ପେନସନ ପାଉଥିବା ବେଳେ ଏଥିରେ ୨୩୦୦ ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯାଇଛି । ଏହା ଦ୍ୱାରା ରାଜ୍ୟର ୪,୧୭,୪୯୬ ଜଣ ହିତାଧିକାରୀ ଉପକୃତ ହେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦୁଝରଠାରେ ଏହି ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ସମାଜରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ସମ୍ମାନ ଓ ଆଦର ଦିଆଯାଏ, ସେହି ସମାଜ ହେଉଛି ଏକ ଆଦର୍ଶ ସମାଜ । ଏମାନଙ୍କ ପ୍ରତି ସମାଜ ସମ୍ବେଦନଶୀଳ ହେବା ଆବଶ୍ୟକ । ବରିଷ୍ଠ ନାଗରିକମାନେ ହେଉଛନ୍ତି ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର । ସେମାନଙ୍କ ହସ, ଖୁସି ଏବଂ ଯୁବ ସମାଜ ଉପରେ ସେମାନଙ୍କ ଅଖଣ୍ଡ ଆସ୍ଥା ହିଁ ଆମ ବିରଳ ସମ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମର ହିତାଧିକାରୀ ହୁଅନ୍ତୁ ବା ମଧୁବାବୁ ପେନସନ ହିତାଧିକାରୀ, ସମସ୍ତେ ଏହି ବର୍ଦ୍ଧିତ ପେନସନ ପାଇବେ । କେନ୍ଦୁଝର ଜିଲ୍ଲାର ମଧ୍ୟ ୯,୯୧୩ ଜଣ ହିତାଧିକାରୀ ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି । ଏହି କାର୍ଯ୍ୟକ୍ରମ ଏକ ଆଦର୍ଶ ସମାଜ ଆଡକୁ ଆମ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ । ନୂଆ ସରକାର ଆପଣ ମାନଙ୍କୁ କଥା ଦେଇଥିଲେ, କଥା ରଖିଛନ୍ତି । ଆପଣ ମାନଙ୍କ ପାଇଁ ଏହି ବର୍ଦ୍ଧିତ ପେନସନର ଶୁଭାରମ୍ଭ କରି ମୁଁ ବ୍ୟକ୍ତିଗତ ଭାବରେ ବହୁତ ଖୁସି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଜଣେ ମଣିଷ ଭାବରେ ଆପଣ ଯଦି, ବୟସ୍କ ଓ ଭିନ୍ନକ୍ଷମଙ୍କୁ କିଛି ସହାୟତା ବା ସହଯୋଗ କରିପାରନ୍ତି, ତାହା ବାସ୍ତବିକ ମନକୁ ଖୁସି ଦିଏ ଏବଂ ପୁଣ୍ୟ ଅର୍ଜନ ହୋଇଥାଏ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବୟସ୍କ, ଭିନ୍ନକ୍ଷମ ମାନେ ସେମାନଙ୍କର ସମସ୍ୟା ନେଇ ଆସିଥାନ୍ତି । ମୁଁ ଆଗ ପ୍ରାଧାନ୍ୟ ଦେଇ ସେମାନଙ୍କ ସମସ୍ୟା ଶୁଣେ ଓ ତା'ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥାଏ । ଗରିବ, ଭିନ୍ନକ୍ଷମ ଓ ଅସହାୟଙ୍କୁ ସାହାଯ୍ୟ କରି ମୁଁ ଯେଉଁ ସନ୍ତୋଷ ପାଉଛି, ତାହା ହେଉଛି ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ପୁଞ୍ଜି ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଆମ ସରକାର କ୍ଷମତାକୁ ଆସିବାକୁ ମାତ୍ର ୭ ମାସ ହୋଇଛି । ଏହି ୭ ମାସ ମଧ୍ୟରେ ଆମ ସରକାର ଲୋକଙ୍କ କଲ୍ୟାଣ ପାଇଁ ଅନେକ *(ପୃଷ୍ଠା ୭ରେ)*

## ତୁଟିଲା ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ବିବାଦ

# ବିଭ୍ରାଟ କରିଥିବା ସେବାୟତଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ : ଜିଲ୍ଲାପାଳ



**ଭୁବନେଶ୍ୱର,୧୫।୧**
**ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ନୀତିକାନ୍ତି ବିଭ୍ରାଟକୁ ନେଇ ବସିଥିବା ଟ୍ରଷ୍ଟ ବୋର୍ଡ ବୈଠକ ଶେଷ ହୋଇଛି । ଏଥିରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବିବାଦ ସମାଧାନ ହୋଇଛି । ଏହାପରେ ସ୍ୱାଭାବିକ ଭାବେ ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ଆରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସମସ୍ତ ନିଯୋଗର କର୍ମକର୍ତ୍ତା ସାମିଲ ହୋଇଥିଲେ । ବାରମ୍ବାର ନୀତି ବିଭ୍ରାଟ ଭକ୍ତଙ୍କୁ ଆଘାତ ଦେଇଥିଲା । ବର୍ତ୍ତମାନ ଠାରୁ ସ୍ୱାଭାବିକ ଭାବେ ପୁଣି ଆରମ୍ଭ ହେଲା ନୀତି ବୋଲି ଖୋର୍ଦ୍ଧା ଜିଲ୍ଲାପାଳ କହିଛନ୍ତି । ଯେଉଁ ସେବାୟତମାନଙ୍କ ପାଇଁ ଏସବୁ ବିଭ୍ରାଟ ହୋଇଛି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ୨୪ ଘଣ୍ଟା ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତଦନ୍ତ କରି ରିପୋର୍ଟ ଦେବେ । ତା' ପରେ ରିପୋର୍ଟ ଆଧାରରେ ସମ୍ପୃକ୍ତ ସେବାୟତମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଧାରା ୩୨ ଅନୁଯାୟୀ ସେହି ସେବାୟତମାନଙ୍କୁ ସେବା କାର୍ଯ୍ୟରୁ ନିଲମ୍ବିତ କରାଯିବ । ଏହା ବାଦ ଦରକାର ପଡିଲେ ଧାରା ୬୮ ଅନୁସାରେ ଲିଙ୍ଗରାଜଙ୍କ ଯେଉଁ ଜମିକୁ ସେବାୟତ ଭୋଗ କରୁଛନ୍ତି ତାକୁ ମଧ୍ୟ ଫେରାଇ ନେବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ଆଗକୁ ଏଭଳି ସମସ୍ୟା ଯେପରି ଆଉ ନ ସୃଷ୍ଟି ହୁଏ ସେଥିପାଇଁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତିକୁ ସଠିକ ଭାବେ ତର୍ଜମା କରିବା ପାଇଁ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି । ମନ୍ଦିରର ଯାହା ରେକର୍ଡ ଅଫ ରାଇଟ ଅଛି ସେହି ଆଧାରରେ ସମସ୍ତ ନୀତିକାନ୍ତି କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ରାଣା କହିଛନ୍ତି । ସୂଚନାଯୋଗ୍ୟ ଯେ ସେବାୟତଙ୍କ ମଧ୍ୟରେ ହୋଇଥିବା ବିବାଦ ଯୋଗୁଁ ପ୍ରଭୁ ଲିଙ୍ଗରାଜଙ୍କ ନୀତି ସେବାୟତମାନେ ବନ୍ଦ କରିଥଲେ । ମକର ମଣ୍ଡପରେ ସୋମବାର ରାତିରୁ ପ୍ରଭୁ ଲିଙ୍ଗରାଜ ଉପାସ ରହିଥିଲେ । ଠାକୁରଙ୍କ ମଙ୍ଗଳ ଆଳତି, *(ପୃଷ୍ଠା ୭ରେ)*

## ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪କୋଟିର ଗଞ୍ଜେଇ ଜବତ

**ଭୁବନେଶ୍ୱର, ୧୫/୧**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର କଷ୍ଟମ୍ସ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବାରେ ଉଦ୍ୟମ ଜାରି ରହିଛି । ଏହି ମର୍ମରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରାଯାଇଛି । ଗୁପ୍ତ ସୂଚନା ଆଧାରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର କଷ୍ଟମ୍ସ ଅଧିକାରୀମାନେ ବ୍ୟାଙ୍କରୁ ଆସୁଥିବା ଜଣେ ଯାତ୍ରୀଙ୍କୁ ଅଟକାଇଥିଲେ । ତାଙ୍କ ଲଗେଜ୍ ଯାଞ୍ଚ ସମୟରେ ସେଥିରୁ ୪ ପ୍ୟାକେଟ ଗଞ୍ଜେଇ ମିଳିଥିଲା । ଏହା ସହିତ ୮ ପ୍ୟାକେଟ ପଲିବ୍ୟାଗରେ ଏକ ପ୍ରକାର ସବୁଜ ଏବଂ ଲମ୍ବା ପଦାର୍ଥ ରହିଥିଲା । ଏହାର ପରୀକ୍ଷା କରାଯାଇଥିଲା । ଅଭିଯୁକ୍ତଙ୍କଠାରୁ ୩.୯୯୦ କିଲୋଗ୍ରାମ ହାଇଡ୍ରୋପୋନିକ୍ ଗଞ୍ଜେଇ ଥିବା ପ୍ୟାକେଟଗୁଡିକ ଜବତ କରାଯାଇଥିଲା । ସମ୍ପୃକ୍ତ ଯାତ୍ରୀଙ୍କୁ ଏନ୍‌ଡିପିଏସ୍ ଅଧିନିୟମ, ୧୯୮୫ ଅନୁଯାୟୀ ଗିରଫ କରାଯାଇଛି ଏବଂ କୋର୍ଟରେ ହାଜର କରାଯାଇଥିଲା । ଏହା ପରେ ଅଧିକ ପଚରାଉଚରା ପାଇଁ ନ୍ୟାୟିକ ହେପାଜତକୁ ନିଆଯାଇଛି ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି-୨୦୨୦: ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି

**ଭୁବନେଶ୍ୱର, ୧୫/୧**
**ନ୍ୟୁଜ ବ୍ୟୁରୋ**




ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନଇପି)–୨୦୨୦ ଲାଗୁ ପାଇଁ ବିଜ୍ଞପ୍ତି ଜାରି ହୋଇଛି । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଞ୍ଚଳିକ ବିଷୟବସ୍ତୁକୁ ବିଚାରକୁ ନେଇ କରିକୁଲମ୍ ପ୍ରସ୍ତୁତି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

ସୂଚନାଯୋଗ୍ୟ, ଏହାକୁ ଲାଗୁ କରାଯିବ କି ନାହିଁ ସେନେଇ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଥିବା ବେଳେ ବର୍ତ୍ତମାନ ଏନେଇ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଗଣଶିକ୍ଷା ବିଭାଗରେ ଆସୁଥିବା ବେଳେ ଏହାକୁ ରାଜ୍ୟ ସରକାର ଏବେ ଲାଗୁ କରିବେ । ଆଞ୍ଚଳିକ ବିଷୟବସ୍ତୁ ଥିବା ପାଠ ପଢାଯିବ ଏବଂ ସେନେଇ ପାଠ୍ୟ ଖସଡ଼ା ମଧ୍ୟ ପ୍ରସ୍ତୁତ କରାଯିବ । ପିଲାମାନେ ମହାପୁରୁଷଙ୍କ ଜୀବନୀ, ରାଜ୍ୟର ଐତିହ୍ୟ ସଂସ୍କୃତି ବିଷୟରେ ଜ୍ଞାନ ଲାଭ କରିପାରିବେ । ଅନୁସନ୍ଧାନ, ନବସୃଜନ ଏବଂ ବ୍ୟବହାରିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଏହା ୨୦୨୪-୨୫ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରୁଛି ବୋଲି ସରକାର କହିଛନ୍ତି ।

ଜାତୀୟ ଶିକ୍ଷା ନୀତି-୨୦୨୦ ମଧ୍ୟ ଶିକ୍ଷ ଇଣ୍ଟର୍ଣ୍ଣସିପ୍ ମାଧ୍ୟମରେ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେବ । ନିଯୁକ୍ତି ସୁଯୋଗ ଏବଂ ଚାକିରି ବଜାରର ଚାହିଦାକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ ହେବ । ବିଭାଗ *(ପୃଷ୍ଠା ୭ରେ)*

# ଶ୍ରୀନଅରରେ ସରିଲା ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ନୀତି



**ପୁରୀ, ୧୫/୧**
**ନ୍ୟୁଜ ବ୍ୟୁରୋ**

ପୁଷ୍ୟା ନକ୍ଷତ୍ର ତିଥିରେ ଶ୍ରୀନଅରରେ ଅନୁଷ୍ଠିତ ହୋଇଛି ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ନୀତି । ସୋମବାର ଶ୍ରୀମନ୍ଦିରରେ ପୌଷପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଦେବାଭିଷେକ ନୀତି ସମ୍ପର୍ଣ୍ଣ ହେବା ପରେ ପରମ୍ପରା ଅନୁଯାୟୀ ବୁଧବାର ଶ୍ରୀନଅରରେ ମଧ୍ୟ ଗଜପତିଙ୍କର ରାଜାଭିଷେକ ଅନୁଷ୍ଠିତ ହୋଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀନଅରରେ ଇଷ୍ଟଦେବୀ କନକଦୁର୍ଗାଙ୍କ ପାଖରେ ବିଧିବିଧାନ ଅନୁସାରେ ପାରମ୍ପରିକ ନୀତିରେ ପୂଜାର୍ଚ୍ଚନା ନୀତି ପରେ ଗଜପତିଙ୍କ ଅଭିଷେକ ହୋଇଛି । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ନୀତିକୁ ଆଧାର କରି ଗଜପତି ମହାରାଜାଙ୍କ ରାଜାଭିଷେକ ଉତ୍ସବ ପାଳନ କରାଯାଇଥାଏ । ଗଜପତିଙ୍କ ଶାସନ ଶୁଭ ଓ ମଙ୍ଗଳପ୍ରଦ ହେବା ସହ ଜଗତର କଲ୍ୟାଣ ପାଇଁ ହୋଇଥାଏ ଏହି ନୀତି । ପରମ୍ପରା ଅନୁଯାୟୀ, ବରୁଣ ପୂଜା, ବର୍ଦ୍ଧନ ପୂଜା, କଳସ ପୂଜା, ରାମାଭିଷେକ ପଟି ପୂଜା ପରେ ଅଭିମନ୍ତ୍ରିତ କରାଯାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଭିଷେକ କରାଯାଇଛି । ଏହା ପରେ ଗଜପତି ମହାରାଜ ସିଂହାସନ *(ପୃଷ୍ଠା ୭ରେ)*

# ଭାରତୀୟ ନୌସେନା ପାଇଁ ଐତିହାସିକ ଦିନ : ସାମିଲ ହେଲା ୩ ଯୁଦ୍ଧ ଜାହାଜ

**ନୂଆଦିଲ୍ଲୀ, ୧୫/୧**



ଭାରତୀୟ ନୌସେନାରେ ଯୋଡି ହେଲା ୩ ଯୁଦ୍ଧ ଜାହାଜ । ଆଇଏନଏସ୍ ସୁରତ, ଆଇଏନଏସ୍ ନୀଳଗିରି ଏବଂ ଆଇଏନଏସ୍ ବାଘଶୀର ସାମିଲ ହୋଇଛି । ମୁମ୍ବାଇ ନାଭାଲ୍ ଡକୟାର୍ଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସମର୍ପିତ କରିଛନ୍ତି । ବୁଧବାର ନୌସେନା ପାଇଁ ଏକ ଐତିହାସିକ ଦିନ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ଦେଶ ପାଇଁ ନିଜ ଜୀବନକୁ ସମର୍ପି ଦେଇଥିବା ଯବାନ ମାନଙ୍କୁ ନମସ୍କାର ଜଣାଇଛନ୍ତି । ସେନା ବାହିନୀର ବୀର ଯବାନ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ୩ ଯୁଦ୍ଧ ଜାହାଜ ମେଡ୍ ଇନ୍ ଇଣ୍ଡିଆ, ଏହା ଅତି ଗୌରବର କଥା । ଯବାନ, ଶ୍ରମିକ ଓ କର୍ମଚାରୀଙ୍କ ପରିଶ୍ରମ ପାଇଁ ଏହି ସଫଳତା ମିଳିଛି । ବିଶ୍ୱ ଆମ ପରିବାର, ଆଉ ପରିବାରର ସୁରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଭାରତ ଏବେ ସାମୁଦ୍ରିକ, ସାମରିକ ଓ ଆର୍ଥିକ କ୍ଷେତ୍ରରେ ମଜଭୁତ ହେଉଛି । ମେକ୍ ଇନ୍ ଇଣ୍ଡିଆ ସେନା ଯବାନଙ୍କ ବଳ ବଢାଉଛି । ଜଳ, ସ୍ଥଳ, ଆକାଶ, ଗଭୀର ସମୁଦ୍ର, ଅନ୍ତରୀକ୍ଷରେ ଭାରତ ନିଜକୁ ସୁରକ୍ଷିତ କରୁଛି । ୩ ସେନା ବ୍ୟତୀତ ଅନ୍ୟ ସେକ୍ଟରରେ ମଧ୍ୟ ଆମେ ଆଗକୁ ବଢୁଛୁ । ମେକ୍ ଇନ୍ ଇଣ୍ଡିଆ ପାଇଁ ଭାରତ ଅର୍ଥନୈତିକ ସ୍ଥିତି ସୁଦୃଢ ହେଉଛି । ଆମରି ଲୋକ ଭାରତରେ କାମ ପାଇଁ ରୋଜଗାରକ୍ଷମ ହେଉଛନ୍ତି । ଭାରତ ଏବେ ୩ୟ ଅର୍ଥନୀତି ଦେଶ ଆଡକୁ ଗତି କରୁଛି । ଗଭୀର ସମୁଦ୍ରରେ ବଡ ବଡ ପାହାଡର ନାମକରଣ କରିଛି ଭାରତ । ଯେଉଁ ଦ୍ୱୀପରେ ଲୋକ ଯିବାକୁ ଡରନ୍ତି, ଭାରତ ତାକୁ ମନିଟରିଂ କରୁଛି ।

# ୧୧ ଓଏଏସ୍, ୧୭ ଓଆରଏସ୍, ୨ ଓଏମ୍ଏଏସ୍ ଅଧିକାରୀଙ୍କୁ ନୂତନ ନିଯୁକ୍ତି

**ଭୁବନେଶ୍ୱର, ୧୫/୧**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାର ଓଡିଶା ପ୍ରଶାସନିକ ସେବା (ଓଏଏସ୍), ଓଡିଶା ରାଜସ୍ୱ ସେବା (ଓଆରଏସ) ଏବଂ ଓଡିଶା ମ୍ୟୁନିସିପାଲିଟି ଆଡମିନିଷ୍ଟ୍ରେଟିଭ୍ ସର୍ଭିସେସ୍ (ଓଏମ୍ଏସ୍)ର କେତେକ ଅଧିକାରୀଙ୍କୁ ସ୍ଥାନାନ୍ତର କରି ସେମାନଙ୍କୁ ନୂତନ ନିଯୁକ୍ତି ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ ୧୧ ଓଏଏସ୍, ୧୭ ଓଆରଏସ୍, ୨ ଓଏମ୍ଏଏସ୍ ଅଧିକାରୀଙ୍କୁ ସ୍ଥାନାନ୍ତର କରାଯାଇଛି ଏବଂ ନୂତନ ନିଯୁକ୍ତି ଦିଆଯାଇଛି । ସମ୍ପୃକ୍ତ ଅଧିକାରୀଙ୍କୁ ସେମାନଙ୍କର ନୂତନ ପଦବୀରେ ଦାୟିତ୍ୱ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ କେନ୍ଦୁଝର ଏଡିଏମ୍ ଭାବେ କାର୍ଯ୍ୟ କରୁଥିବା ଓଏଏସ୍ ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି । ଖୋର୍ଦ୍ଧା ଉପ ଜିଲ୍ଲାପାଳ ପଦ୍ମ ଚରଣ ସାହୁଙ୍କୁ ବର୍ତ୍ତମାନ କ୍ରୀଡା ଏବଂ ଯୁବ ସେବା ଉପ ସଚିବ ଭାବରେ ନିଯୁକ୍ତ କରାଯାଇଛି । । କେନ୍ଦୁଝର ଆନନ୍ଦପୁରର ଅତିରିକ୍ତ ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କୁ ଖୋର୍ଦ୍ଧା ଉପ ଜିଲ୍ଲାପାଳ ଭାବରେ ଦାୟିତ୍ୱ ଦିଆଯାଇଛି । ଏହା ସହିତ ତାଙ୍କୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ଉପ ପ୍ରଶାସକ(ରାଜସ୍ୱ) ଭାବରେ ନିଯୁକ୍ତ କରାଯାଇଛି ।

## ଫେରିବ ଶୀତ : ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି

**ଭୁବନେଶ୍ୱର,୧୫।୧**
**ନ୍ୟୁଜ ବ୍ୟୁରୋ**

ଗତ ଦୁଇ ଦିନ ମଧ୍ୟରେ କିଛି ଆରାମ ପାଇବା ପରେ ଶୀତ ପୁଣି ଓଡିଶା ଫେରିବାର ସମ୍ଭାବନା ରହିଛି । ଆସନ୍ତା ତିନିରୁ ଚାରି ଦିନ ମଧ୍ୟରେ ସର୍ବନିମ୍ନ କିମ୍ବା ରାତିର ତାପମାତ୍ରାରେ ପରିବର୍ତ୍ତନ ଆସିବ ବୋଲି ବୁଧବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ରାଜ୍ୟର ବିଭିନ୍ନ ଜିଲ୍ଲା ମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ରହିଛି ବୋଲି ଆଇଏମଡି କହିଛି । ଏଥିସହିତ ଓଡିଶାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ପାଇଁ ଆଇଏମଡି ୟେଲୋ ୱାର୍ଣ୍ଣିଂ ମଧ୍ୟ ଦେଇଛି । ଗୁରୁବାର ଝାରସୁଗୁଡା, ସମ୍ବଲପୁର, କଟକ, ପୁରୀ, ଗଞ୍ଜାମ, ଗଜପତି, *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବାଘହାତୀ ସବୁ ଶୀକାର ହୁଅନ୍ତି
ପୁରା ଅସୁରକ୍ଷିତ ବଣ
ଏମିତି ମଣିଷ ନିଇତି ଲୁଟୁଛି
ପ୍ରକୃତି ମାତାର ଋଣ
ଚୁପ୍‌ଚାପ ଶାସକ ଗଣ
ଜଙ୍ଗଲ ବିଭାଗ ସୁଆଦିଆଭାରି
ପଡି ନାହିଁ କିନ୍ତୁ ଲୁଣ

# ବନ୍ଦେ ଭାରତ ଏବଂ ତେଜସ୍ ଏକ୍ସପ୍ରେସରେ ମାଗଣା ଯାତ୍ରା କରିପାରିବେ ସରକାରୀ କର୍ମଚାରୀ



**ନୂଆଦିଲ୍ଲୀ, ୧୫/୧**

ଦେଶର କୋଟି କୋଟି ସରକାରୀ କର୍ମଚାରୀଙ୍କ ପାଇଁ ବଡ଼ ଉପହାର ଘୋଷଣା କରିଛନ୍ତି ମୋଦି ସରକାର । କେନ୍ଦ୍ର ସରକାର ଏବେ ତାଙ୍କର କର୍ମଚାରୀ ମାନଙ୍କୁ ଛୁଟି ଯାତ୍ରା ରିହାତି (ଏଲ୍‌ଟିସି) ଅଧୀନରେ ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ତେଜସ ଏକ୍ସପ୍ରେସରେ ଯାତ୍ରା କରିବାକୁ ଅନୁମତି ଦେଇଛନ୍ତି । ଏଲ୍‌ଟିସି ଅଧୀନରେ ବିଭିନ୍ନ ପ୍ରିମିୟମ୍ ଟ୍ରେନ୍‌ର ଗ୍ରହଣୀୟତା ସମ୍ପର୍କରେ କାର୍ମିକ ଏବଂ ତାଲିମ ବିଭାଗ ବିଭିନ୍ନ କାର୍ଯ୍ୟାଳୟ/ବ୍ୟକ୍ତିଙ୍କଠାରୁ ଅନେକ ପରାମର୍ଶ ପାଇଥିଲା, ଯାହା ପରେ କେନ୍ଦ୍ର ସରକାର ଏହାର କର୍ମଚାରୀ ମାନଙ୍କୁ ଏଲ୍‌ଟିସି ଅଧୀନରେ ବନ୍ଦେ ଭାରତ ଏବଂ ତେଜସ୍ ଟ୍ରେନ୍‌ର ଲାଭ ଉଠାଇବାକୁ ଅନୁମତି ଦେଇଛନ୍ତି । ତେବେ ପୂର୍ବରୁ ରାଜଧାନୀ ଏକ୍ସପ୍ରେସ୍, ଶତାବ୍ଦୀ ଏକ୍ସପ୍ରେସ୍ ଏବଂ ଦୂରନ୍ତ ଏକ୍ସପ୍ରେସ୍‌ରେ ଯାତ୍ରା କରିବାକୁ ଅନୁମତି ଦିଆଯାଇଥିଲା । ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ବିଭାଗ କହିଛି ଯେ, କର୍ମଚାରୀ ଏବଂ ତାଲିମ ବିଭାଗ, ବ୍ୟୟ ବିଭାଗ ସହିତ ପରାମର୍ଶ କରି ମାମଲାକୁ ଯାଞ୍ଚ ଏବଂ ପରଖିବା ପରେ, ସରକାରୀ କର୍ମଚାରୀଙ୍କ ଯୋଗ୍ୟତା ଅନୁସାରେ ତେଜସ ଏକ୍ସପ୍ରେସକୁ ଏଲ୍‌ଟିସି ଅଧୀନରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛି । ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ହମସଫର ଏକ୍ସପ୍ରେସ ଟ୍ରେନ ଗୁଡ଼ିକୁ ମଧ୍ୟ ଯାତ୍ରା କରିବାକୁ ଅନୁମତି ଦିଆଯିବ । ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ନିଷ୍ପତ୍ତି ପୂର୍ବରୁ କେନ୍ଦ୍ର ସରକାରୀ କର୍ମଚାରୀ ମାନଙ୍କୁ ରାଜଧାନୀ ଏକ୍ସପ୍ରେସ, *(ପୃଷ୍ଠା ୭ରେ)*

# ଦିଲ୍ଲୀ ବିଧାନସଭା ନିର୍ବାଚନ

## ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କଲା ବିଜେପି

**ନୂଆଦିଲ୍ଲୀ, ୧୫/୧**

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବୁଧବାର ବିଜେପି ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି । ଏନେଇ ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂହ ନିର୍ବାଚନ ଆୟୋଗଙ୍କୁ ସୂଚନା ଦେଇଛନ୍ତି । ବିଜେପିର ଏହି ଷ୍ଟାର ପ୍ରଚାରକ ତାଲିକାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ, କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ, କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଖଟ୍ଟର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ସର୍ଦ୍ଦାର ହରଦୀପ ସିଂହ ପୁରୀ, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ନାଁ ସାମିଲ ହୋଇଛି । ସେହିଭଳି ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଦିଲ୍ଲୀ ନିର୍ବାଚନରେ ବିଜେପିର ଷ୍ଟାର ପ୍ରଚାରକ ହୋଇଛନ୍ତି । ତାଲିକାରେ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସାମିଲ କରାଯାଇଛି । ଏଥିରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏବଂ ହରିୟାଣ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ନାଁ ସାମିଲ ରହିଛି । ଉତ୍ତର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ *(ପୃଷ୍ଠା ୭ରେ)*



# ସୋଆରେ ୨-ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ମେଟାହ୍ୟୁରିଷ୍ଟିକ୍ ଆଲଗୋରିଥିମର ବ୍ୟବହାର କରି ଗବେଷଣା କ୍ଷେତ୍ରରେ କମ୍ ସମୟ ମଧ୍ୟରେ ସଠିକ୍ ଫଳାଫଳ ପାଇବା ସମ୍ଭବ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ଏକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଠାରେ ଆୟୋଜିତ 'ଦ୍ୱିତୀୟ ଇଣ୍ଟରନ୍ୟାସ୍‌ନାଲ୍ କନ୍‌ଫରେନ୍ସ ଅନ୍ ମେଟାହ୍ୟୁରିଷ୍ଟିକ୍ସ ଇନ୍ ଇଞ୍ଜିନିୟରିଂ ଆଣ୍ଡ ଇଟ୍‌ସ ଆପ୍ଲିକେସନ୍ସ' (ମେଟାସପ୍ଟ - ୨୦୨୪) ଶେଷ ହୋଇଛି। ଆଇଟିଇଆର୍‌ର ଡିପାର୍ଟମେଣ୍ଟ ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍ ପକ୍ଷରୁ ହାଇବ୍ରିଡ୍ ମୋଡ୍‌ରେ ଏହାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଦେଶରୁ ଅନେକ ଜଣ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ଆଇଆଇଟି ଗୁଆହାଟୀର ପ୍ରଫେସର ଆର୍ଯ୍ୟବର୍ତ୍ତ ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଚନ୍ଦ୍ରଶେଖର ପେରୁମାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। ପ୍ରଫେସର ନନ୍ଦ ସୋଆ ବିଶ୍ୱବିଦ୍ୟାଳୟରେ ଗବେଷଣାକୁ ପ୍ରାଧାନ୍ୟତା ଦିଆଯାଉଛି ବୋଲି ପ୍ରକାଶ କରି ଏଠାରେ ଅନେକ ସଂଖ୍ୟାରେ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରାଯାଉଛି ବୋଲି କହିଥିଲେ। ଏହି ଅବସରରେ ଆଇଟିଇଆର୍‌ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, କମ୍ପ୍ୟୁଟର ଆପ୍ଲିକେସନ୍ ବିଭାଗର ମୁଖ୍ୟ ପ୍ରଫେସର କାବେରୀ ଦାସ, ପ୍ରୋଗ୍ରାମ ଚେୟାର ପ୍ରଫେସର ବିଚିତ୍ରାନନ୍ଦ ପାତ୍ର ଓ ସମ୍ମିଳନୀର ଆବାହକ ପ୍ରଫେସର ଦେବବ୍ରତ ସିଂହ ବକ୍ତବ୍ୟ ରଖିଥିଲେ।

ଦ୍ୱିତୀୟ ଦିନ ସମ୍ମିଳନୀରେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ବିଭୁଦତ୍ତ ସାହୁ, ନାଗାଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜାତା ଦାଶ ଓ କୋସୋଭୋ ସ୍ଥିତ ରୋଚେଷ୍ଟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜିର ପ୍ରଫେସର ଦେବବ୍ରତ ସାମନ୍ତ ବକ୍ତୃତା ଦେଇଥିଲେ। ଏଥିରେ ସୋଆ ଏସ୍‌ଆରଆଇସି ଡିନ୍ ପ୍ରଫେସର ପି.କେ. ପାତ୍ର ଅଧ୍ୟକ୍ଷତା କରିଥିଲେ।

# ଇଲୋକ୍ଟ୍ରୋ ହୋମିଓପାଥିର ଉପକାରିତା ଉପରେ ଆଲୋକପାତ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟ ଇଲୋକ୍ଟ୍ରୋ ହୋମିଓପାଥିକ ପ୍ରାକ୍ଟିସନର ଆସୋସିଏସନ ପକ୍ଷରୁ ଆଠଗଡ଼ ସ୍ଥିତ ବୀରକେଶରେପୁର ମେଟ୍ଟୀ ହରବାଲ ହେଲ୍‌ଥକେଆର ଫାର୍ମାସିଉଟିକାଲ ପରିସରରେ ଇଲୋକ୍ଟ୍ରୋ ହୋମିଓପାଥିର ଜନକ ଡାକ୍ତର କାଉଣ୍ଟସିଜର ମାଟ୍ଟୀଙ୍କର ୨୧୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଡାକ୍ତର ସୁଧାକର ବର୍ଦ୍ଧନଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ଡାକ୍ତର ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମା' ଅମ୍ବିକା ଇଲୋକ୍ଟ୍ରୋ ହୋମିଓପାଥିକ କଲେଜର ଅଧ୍ୟକ୍ଷ ଡାକ୍ତର ଦିଲୀପ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଅଫ ନେଚୁରାଲ ମେଡ଼ିସିନ ଆଣ୍ଡ ହସ୍ପିଟାଲର ଅଧ୍ୟକ୍ଷ ଡାକ୍ତର ପ୍ରଫୁଲ ଚନ୍ଦ୍ର ବେହେରା, ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡାକ୍ତର ସୂର୍ଯ୍ୟନାରାୟଣ ମିଶ୍ର ଯୋଗ ଦେଇ ଇଲୋକ୍ଟ୍ରୋ ହୋମିଓପାଥିର ଉପଯୋଗୀତା ଓ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଇଲୋକ୍ଟ୍ରୋ ହୋମିଓପାଥି ଡାକ୍ତର ଆସୋସିଏସନର ସମ୍ପାଦକ ଡାକ୍ତର ଲାଲାଟେନ୍ଦୁ ଦଳେଇ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଡାକ୍ତର ନିହାର ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଦୀପକ ପୃଷ୍ଟି, ଡାକ୍ତର ଲକ୍ଷ୍ମୀଧର ପ୍ରଧାନ, ଡାକ୍ତର ପୁରୋଷୋତ୍ତମ ସାହୁ, ଡାକ୍ତର ଲକ୍ଷ୍ମୀପ୍ରିୟା ଦଳେଇ, ଡାକ୍ତର ଗାୟତ୍ରୀ ସାହୁ, ଡାକ୍ତର ସ୍ନେହବାଳା ଦାସ, ଡାକ୍ତର ସଲମା ସୀତାର, ଡାକ୍ତର ବିଜେତା ମହାନ୍ତି, ଡାକ୍ତର ଭରତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଡାକ୍ତର ଉମାକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମିସା ବନ୍ଦୀ ସଂଗ୍ରାମୀଙ୍କୁ ମିଳିବ ୨୦ ହଜାର ଟଙ୍କାର ପେନସନ ଓ ମାଗଣା ଚିକିତ୍ସା

**ବଲେଶ୍ୱର, ନ୍ୟୁଜ୍**

ଦେଶର ଜରୁରୀ କାଳୀନ ପରିସ୍ଥିତିରେ ମିସା, ଡିଆଇଆର ଏବଂ ଡିଆଇଏସଆଇଆର ଆଇନରେ ରାଜ୍ୟର ବିଭିନ୍ନ ଜେଲରେ ବନ୍ଦୀଥିବା ସଂଗ୍ରାମୀମାନଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ମାସକୁ ୨୦ ହଜାର ଟଙ୍କାର ପେନସନ ମିଳିବା ସମ୍ବନ୍ଧରେ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ଓ ପେନସନ ସହିତ ସମସ୍ତ ସଂଗ୍ରାମୀ ମାନଙ୍କ ମେଡିକାଲ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ। ଏଥି ନିମନ୍ତେ ନିର୍ଦ୍ଦିଷ୍ଟ ଦରଖାସ୍ତ ଦ୍ୱାରା ଆବେଦନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଅପରାହ୍ନ ୭ ଘଟିକା ସମୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ଏବଂ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଉପସ୍ଥିତିରେ ଜିଲ୍ଲାରେ ଏହି ଯୋଜନାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଲୋଚନା ଅନୁଯାୟୀ ଜିଲ୍ଲାସ୍ତରୀୟ କମିଟି ପାଖକୁ ୨୧ ତାରିଖ ସୁଦ୍ଧା ପହଞ୍ଚିଥିବା ଫର୍ମଗୁଡ଼ିକୁ ଯାଞ୍ଚ କରାଯାଇ ରାଜ୍ୟସ୍ତରକୁ ପଠାଯିବ। ୭୬ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଯାଞ୍ଚ ହୋଇଥିବା ଆବେଦନକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ଏହି ପେନସନ ଓ ଚିକିତ୍ସା ସୁବିଧା ପାଇବେ। ସୂଚନା ଯୋଗ୍ୟ ଯେ ୨୫ ଜୁନ୍ ୧୯୭୫ ମସିହାରୁ ୨୧ ମାର୍ଚ୍ଚ ୧୯୭୭ ମସିହା ପର୍ଯ୍ୟନ୍ତ ଦେଶର ଜରୁରୀ କାଳୀନ ପରିସ୍ଥିତିକୁ ବିରୋଧ କରି ଅନେକ ସଂଗ୍ରାମୀ ଦେଶର ବିଭିନ୍ନ ଜେଲରେ ବନ୍ଦୀ ହୋଇଥିଲେ।

## କୋର୍ଟଙ୍କ ବାରଣ ସତ୍ତ୍ୱେ ଚାଲିଛି ଗୃହ ନିର୍ମାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅଧିନ ବିଲିକଣା ଗ୍ରାମରେ କୋର୍ଟ ଆଦେଶକୁ ଅବମାନନା କରି ଘର କାମ ତିଆରି ଚାଲିଥିବା ବେଳେ ଆଳି ଥାନା ପୋଲିସ ନିଷ୍କ୍ରିୟ ଭାବେ ବସି ରହିଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ମୁତାବକ ସେହି ଗ୍ରାମର ଆଲୋକ କୁମାର ସାହୁ ଓ ତାଙ୍କ ପଡିଶାଙ୍କ ମଧ୍ୟରେ ଜମିବାଡି ସଂପର୍କକୁ ନେଇ ବିବାଦ ରହିଥିଲା । ଅପରପକ୍ଷ ଆଲୋକଙ୍କ ଜାଗାକୁ ମଡାଇ ଘର ତିଆରି କରୁଥିବାରୁ ଆଲୋକ ଆଳି ଅଦାଲତ ରେ ଏକ ମାମଲା ଦାଏର କରିଥିଲେ । କୋର୍ଟ ପକ୍ଷରୁ ସଂପୃକ୍ତ ଜାଗାରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଜାରି ଥିବାବେଳେ ଅପରପକ୍ଷ ଜୋର ଜବରଦସ୍ତ ନିର୍ମାଣ କରୁଥିବା ଆଲୋକ ଅଭିଯୋଗ କରିଛନ୍ତି । ଏନେଇ ଥାନାକୁ ଅବଗତ କରାଗଲେ ମଧ୍ୟ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଆଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

# କୁନିକୁନି ପିଲାମାନଙ୍କ କଳାର ବିକାଶ ଉପରେ ଗୁରୁତ୍ୱ

**ବାରିପଦ, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ସହିଦ ସ୍ମୃତି ଭବନରେ ସାଇ କଳା ଏକାଡେମୀ ଓ ଫାଇନ ଆର୍ଟ ବିଦ୍ୟାଳୟର ୨୦ତମ ଚିତ୍ର କଳା ପ୍ରଦର୍ଶନୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ରାଜକିଶୋର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ କାନ୍ତ ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘର ସଭାପତି ବିଭୁପ୍ରସାଦ ଦାସ ଯୋଗଦେଇ କଳାର ମାହାତ୍ମ୍ୟ ବିଷୟରେ ଆଲୋକପାତ କରି କୁନି କୁନି ପିଲାମାନଙ୍କର କଳାର ବିକାଶ ଦିଗରେ ପିଲା ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ସୋମନାଥ ସିଂ ଙ୍କୁ ଜଣେ ଆଦର୍ଶ ଶିକ୍ଷକ ଓ ସମାଜସେବୀ, ଦଶରଥ ମହାନ୍ତଙ୍କୁ ବାଲୁକା କଳା ଶିଳ୍ପୀ, ଦିବ୍ୟ ରଞ୍ଜନ ଦାସଙ୍କୁ ଜାତୀୟ ରଗବି ରେଫରି, ନିବେଦିତା ମହାନ୍ତଙ୍କୁ ଚିତ୍ର ଶିଳ୍ପୀ, ଦିପୁ ଧୋଡାଙ୍କୁ ନୃତ୍ୟ ଗୁରୁ ଓ ଓମ୍ ଶୁଭମ୍ ମହାପାତ୍ରଙ୍କୁ ଜାତୀୟ ନୃତ୍ୟ ଶିଳ୍ପୀ ତଥା ଶ୍ରେୟାଂଶୁ କୁମାର ବେହେରାଙ୍କୁ ଶିଶୁ ସିନେମା କଳାକାର ଭାବେ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟର ସହଯୋଗୀ ଶିକ୍ଷୟିତ୍ରୀ ଜୟସ୍ମିତା ପରିଡ଼ା, ଅପର୍ଣ୍ଣା ପାତ୍ର ଏବଂ ବନପ୍ରଭା ମହାନ୍ତ ସହଯୋଗ କରିଥିଲେ। ଚଳିତ ବର୍ଷର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରା ଯାଇଥିଲା। କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କର୍ଯ୍ୟକ୍ରମ ଆୟୋଜନ ହୋଇ ଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ବନପ୍ରଭା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରାତନ ରାମଲିଙ୍ଗେଶ୍ୱର ଶୈବ ପୀଠର ପୁନରୁଦ୍ଧାର ଜାରି

**ଲମତାପୁଟ, ନ୍ୟୁଜ୍‌ବ୍ୟୁରୋ**



ଲମତାପୁଟ ବ୍ଲକ ନନ୍ଦପୁର ଥାନା ଅଧୀନ କୁମାର ଗନ୍ଧଣା ପଞ୍ଚାୟତ ପାଲିବା ଗ୍ରାମରେ ଅବସ୍ଥିତ ବହୁ ପୁରାତନ ରାମଲିଙ୍ଗେଶ୍ୱର ଶୈବ ପୀଠରେ ଆଜି ଛାତ କାମ ଶେଷ ହୋଇଛି। ସୂଚିତ ଯେ ଉକ୍ତ ଶୈବ ପୀଠରେ କମ୍ବୁ ପୂଜାରୀଙ୍କ ସପ୍ତମ ପିଢ଼ି ପୂଜା କରି ଆସୁଛନ୍ତି ବୋଲି ପୂଜା କମିଟି ମତ ପ୍ରକାଶ କରିଚନ୍ତି। ଏହି ଶିବ ମନ୍ଦିରକୁ ଗ୍ରାମବାସୀ ନିଜସ୍ୱ ସମ୍ବଳରେ ପୁନରୁଦ୍ଧାର କରୁଥିବା ବେଳେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ବିଶେଷକରି କମିଟିର ସଦସ୍ୟମାନଙ୍କ ସହାୟତାରେ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ରୂପାନ୍ତର ହୋଇପାରିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଗଣ କହିଛନ୍ତି। ଏହି ଶୈବପୀଠରେ ମହା ଶିବରାତ୍ରି, କାର୍ତ୍ତିକ ପୂର୍ଣ୍ଣିମା ତଥା ଶ୍ରାବଣ ମାସରେ ପାଣି ଚଢ଼ାଇବା ଲାଗି ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ଏଣୁ ଏହି ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ଲାଗି ସରକାର ତଥା ସ୍ୱେଚ୍ଛାକୃତ ଦାନ ମାଧ୍ୟମରେ ନିର୍ମାଣ କାର୍ଯ୍ୟକୁ ଭାବ୍ୟ ଓ ଲୋକାଭିମୁଖୀ କରାଯାଇ ପାରିବ ବୋଲି ପୂଜା କମିଟି ଓ ପୂଜକ ମତ ପ୍ରକାଶ କରିଛନ୍ତି।

# ସୁକତେଲ ମହୋତ୍ସବ ଉଦ୍‌ଯାପିତ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ନେସନାଲ ସର୍ଭିସ୍ ଫାଉଣ୍ଡେସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଅନୁକୂଲ୍ୟରେ ଆୟୋଜିତ ସୁକତେଲ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହି ନେଇଥିଲା ବଲାଙ୍ଗିରର ସୁନାମଧନ୍ୟ ଅନୁଷ୍ଠାନ ସଂଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ସଂଗିତା ଦାଶଙ୍କ ମଡୁଆଶାଳ, ପଞ୍ଚରଶି, ଡାଲଖାଇ ଆଦି ଲୋକନୃତ୍ୟ ଓ ଲୋକ ଗୀତ। ମଡୁଆଶାଳର ବିଶେଷ ଆକର୍ଷଣ ବିହା ବେଦୀରେ ମଡୁଆ ମାରିବାଠୁ ନେଇ ଝିଅ ଶାଶୂ ଘର ଯିବା ପର୍ଯ୍ୟନ୍ତ ଲୋକ ଗୀତ ଓ ଲୋକନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଦଣ୍ଡନୃତ୍ୟ, ରାମଲିଳା, ଆଦିବାସୀ ନୃତ୍ୟ, କିର୍ତ୍ତନ ପାର୍ଟି ସହ ବହୁ କଳାକାର ଯୋଗ ଦେଇଥିଲେ। ମୁଖ୍ୟତଃ ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ମୁରଲିଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୂଦନ ନାୟକଙ୍କ ଉପସ୍ଥିତି ବହୁ କଳାକାରଙ୍କୁ ଉତ୍ସାହିତ କରିଥିଲା। ବରେଣ୍ୟ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ଅମଜିତ ପଟେଲ ଓ ପୁରୁଷୋତ୍ତମ ସାହୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବରେଣ୍ୟ ଅତିଥି ଉପ-ଜିଲ୍ଲାପାଳ ଆଲୋକ ରଞ୍ଜନ ପଟେଲ, ଗୋଲାପ ବାଗ, ଦେଓଗାଁ ବିଡ଼ିଓ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଶିଷ୍ଟ କଳାକାର ଦଣ୍ଡ ଶିରୋମଣୀ ସାନନ୍ଦ ସିକା, ବିଶିଷ୍ଟ ସମାଜସେବୀ ଲୋକନାଥ କୁମୁରା ଚୁଡ଼ାପାଲି, ମୋର ସମିଆ ରିପୋର୍ଟର ନିବେଶ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ଆର.ଆର. କଲୋନି ଡୁଙ୍ଗୁରିପାଲି, ଘୁଙ୍ଗୁରୁ କଳାପରିଷଦ, ଦେଓଗାଁ ବିଡିଓ, ବିଶିଷ୍ଟ କଣ୍ଠ ଶିଳ୍ପୀ ପ୍ରତାପ ସାହୁ କଳା ପରିବେଷଣ କରିଥିଲେ। ଆୟୋଜକ କମିଟି ସଭାପତି ବିଧୁଭୂଷଣ ସିଂଦେଓ, ସଂପାଦକ ପ୍ରଣୟ ଆନନ୍ଦ ତ୍ରିପାଠୀ, ଆବାହକ ଚିଙ୍କୁ ପ୍ରଧାନ, ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠୀ, ସୁକତେଲ ମହୋତ୍ସବର ଉଦ୍ୟୋକ୍ତା ସଂଜୟ ଆନନ୍ଦ ତ୍ରିପାଠୀ, ସଂଯୋଜକ ସତ୍ୟନାରାୟଣ ଗହିର, ଉପ ସଭାପତି ସୁବଳ ଗୁରହାଣ୍ଡି, ସୁରେଶ ମେହେର, କାର୍ଯ୍ୟକ୍ରମ ନିଷ୍ପଦକ ହାଡ଼ିବନ୍ଧୁ ତ୍ରିପାଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ ଏବଂ ସଂଯୋଜକ ସଂଗଠକ ଜୟକୃଷ୍ଣ ମିଶ୍ର ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ବିବେକାନନ୍ଦ ଜୟନ୍ତୀରେ ଗଣଦୌଡ଼ ଓ ପ୍ରତିଯୋଗିତା

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଓ ଜାତୀୟ ଯୁବ ଦିବସରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବ ଅନୁଷ୍ଠାନ ବିବେକାନନ୍ଦ ସୋସିଆଲ ଡେଭେଲପମେଣ୍ଟ ତରଫରୁ ଗଣଦୌଡ଼ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ଦ୍ୱାଦଶ ବାର୍ଷିକୋତ୍ସବ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭାତରେ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡିଆ ଠାରୁ ଗଣଦୌଡ଼ ଆରମ୍ଭ ହୋଇଥିଲା। ଜାତୀୟ କ୍ରୀଡାବିତ୍ ନଳିନୀକାନ୍ତ ମିଶ୍ର, ପ୍ରତୀମା ମିଶ୍ର, କବିସୁର୍ଯ୍ୟନଗର ପୌର ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ବିଜୟ ସାହୁ, ଚୌଦ୍ୱାର ଥାନା ଏସଆଇ ଆଶୁତୋଷ ପାଣି, କାଉନସିଲର ବିନୋଦିନୀ ରାଉତରାୟ, ଶରତ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଯୁବ ଦୌଡ଼ାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଗଣଦୌଡ଼ରେ ୫୦୦ରୁ ଊର୍ଦ୍ଧ୍ୱ ଯୁବକ, ଯୁବତୀ, ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଚୌଦ୍ୱାର ଅଞ୍ଚଳର ୧୦ କି.ମି. ରାସ୍ତା ପରିକ୍ରମା କରିଥିଲେ। ପରେପରେ ସାରାଦିନ ଧରି ଅନୁଷ୍ଠିତ ଡିବେଟ୍, କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଂଗଠନର ସଭାପତି ଭାସ୍କର ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀସ୍ଥିତ ଜଳୌକା ଆନନ୍ଦ ଧାମର ମହନ୍ତ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତା ଓ ଗଣଦୌଡ଼ରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଶ୍ୱିନୀ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଭୀମସେନ ବିଶ୍ୱାଳ, ସୁରେଶ ରାଉତରାୟ, ସୁଜିତ୍ ଦାସ, ମାନସ ଖୁଣ୍ଟିଆ, ଦୀପକ ସେନାପତି, ମୋହନ ବେହେରା, ଜିତେଶ ମହାନ୍ତି, ନୃଷିଙ୍ଗ ଆଚାର୍ଯ୍ୟ, ରଂଜିତ୍ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ସିଦ୍ଧିଶକ୍ତି ମତ୍ସ୍ୟଚାଷୀ ଉତ୍ପାଦକ ସମିତିର ପ୍ରତିଷ୍ଠା ଦିବସ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜଜାଙ୍ଗ ଠାରେ ସିଦ୍ଧିଶକ୍ତି ମତ୍ସ୍ୟଚାଷୀ ଉତ୍ପାଦକ ସମବାୟ ସମିତିର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ପଣ୍ଡା ଏବଂ ମତ୍ସ୍ୟ ସମବାୟ ସମିତିର ପରିଦର୍ଶକ ଏମ.ଏସ. ରୋନିତ ଯୋଗ ଦେଇଥିଲେ। ସମିତିର ସଭାପତି ଭାଗବତ ଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡାଇରେକ୍ଟର ସୋନାଶିଷ ପ୍ରିୟଦର୍ଶନ ଜେନା ଚଳିତ ବର୍ଷ ସମିତିର ଉପଲବ୍ଧି ବିଷୟରେ ନିଜର ଅଭିଭାଷଣ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ପାଞ୍ଚ ଜଣ ସଫଳ ଚାଷୀଙ୍କୁ ସିଦ୍ଧିଶକ୍ତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତିର ଉପସଭାପତି ଚନ୍ଦନା ବାରିକ, ଗ୍ରାମ ଉତ୍ଥାନର ସହ ସମ୍ପାଦକ ଗୋବିନ୍ଦ ନାୟକ, ଡାଇରେକ୍ଟର କୃତିବାସ ରାଉତ, ନାରାୟଣ ପ୍ରଧାନ ପ୍ରମୁଖ ସଦସ୍ୟ ଦିଲ୍ଲୀପ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ରଶ୍ମିରଞ୍ଜନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଡ୍ ରିବନ କ୍ଲବ ପକ୍ଷରୁ ବିଶ୍ୱ ଯୁବ ଦିବସ ପାଳନ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ ରେଡ୍ ରିବନ କ୍ଲବ୍ ପକ୍ଷରୁ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଘୁ.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ.ଦିଲୀପ କୁମାର ମହାପାତ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ରେଡ୍ ରିବନ କ୍ଲବ୍ ଜିଲ୍ଲା ସଂଯୋଜକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, ଆଇକ୍ୟୁଏସି ସଂଯୋଜକ ହିମାଂଶୁ ଚରଣ ସାହୁ, କୁଡୁତୁଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ କୁମାର ଜେନା, କାଉନସେଲର ଦଣ୍ଡପାଣି ଭୂୟାଁ, ବାଣିଜ୍ୟ ବିଭାଗ ମୁଖ୍ୟ ସରୋଜ କୁମାର ପାଠୀ, ଇତିହାସ ଅଧ୍ୟାପକ ମାନସ ରଞ୍ଜନ ପ୍ରଧାନ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ହମନ୍ ଦିବାକା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଦୁଷ୍ମନ୍ତ ଶବର ପ୍ରମୁଖ ଉପସ୍ଥିତ ରହି ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇ ଥିଲେ। କେଶରୀ ମୁଠାମାଝୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପ୍ରବାସୀ ଭାରତୀୟ ଦିବସ ପାଳନର ଉଦ୍‌ଯାପନୀ ଉତ୍ସବରେ କ୍ୱିଜ୍, ପୋଷ୍ଟର ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ।

# ବିଶ୍ୱକୁ ମାର୍ଗ ଦର୍ଶନର ସନ୍ନ୍ୟାସୀ ଥିଲେ ସ୍ୱାମୀ ବିବେକାନନ୍ଦ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ, ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କେନ୍ଦୁଝର ଶାଖାର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସଭାଗୃହରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ତୈଳଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ମୁଖ୍ୟ ଅତିଥି ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ଅଧ୍ୟକ୍ଷ ଭକ୍ତବତ୍ସଳ ମହାନ୍ତି, ମୁଖ୍ୟବକ୍ତା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିପିନ ବିହାରୀ ମହାପାତ୍ର ଓ ଅଧ୍ୟକ୍ଷ ପୁରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଉଦଘାଟନ କରିଥିଲେ। ସୁଶ୍ରୀ ରୁପଶ୍ରୀ ଚାଟାର୍ଜୀ ଓ ତାଙ୍କର ସାଥିମାନେ ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପୁରେନ୍ଦ୍ର କୁମାର ବିଶ୍ୱାଳ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ରେଡ୍ ରିବନ କ୍ଲବ, ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନାର ୭୮ଜଣ ଛାତ୍ରଛାତ୍ରୀ ସଭାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପରେଶ ଚନ୍ଦ୍ର ଧର ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭକ୍ତବତ୍ସଳ ମହାନ୍ତି ଯୁବ ସଂଗୀତ ବିଶ୍ୱ ବିଜୟୀ ନବଯବାନରୁ ବକ୍ତବ୍ୟ ଆରମ୍ଭ କରିଥିଲେ। ସେ କହିଲେ ସ୍ୱାମୀ ବିବେକାନନ୍ଦ ବା ନରେନ୍ଦ୍ର ନାଥ ଦତ୍ତ ପୂର୍ବ ଆଶ୍ରମରେ ପରିଚିତ ନରେନ, ପିତା ବିଶ୍ୱନାଥ ଦତ୍ତ ଓ ମାତା ଭୁବନେଶ୍ୱରୀ ଦେବୀଙ୍କର କୋଳରେ ୧୮୬୩ ଜାନୁଆରୀ ୧୨ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସ୍ୱାମୀଜୀଙ୍କ ଭାଷାରେ ସ୍ୱାମୀଜୀ ମାନଙ୍କ ମଧ୍ୟରେ ନିହିତ ପୂର୍ଣ୍ଣତାର ପରିପ୍ରକାଶ ହିଁ ଶିକ୍ଷା, ମଣିଷକୁ ଭଗବାନଙ୍କ ଭଳି ସେବା କର। ଆମର କର୍ତ୍ତବ୍ୟ ହେଉଛି ଅନ୍ୟକୁ ସାହାଯ୍ୟ କରିବା ଓ ବିଶ୍ୱର ମଙ୍ଗଳ ସାଧନ କରିବା। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିପିନ ବିହାରୀ ମହାପାତ୍ର କହିଲେ ଗୌତମ ବୁଦ୍ଧ, ମହାତ୍ମାଗାନ୍ଧୀ ଓ ସ୍ୱାମୀ ବିବେକାନନ୍ଦ ବିଶ୍ୱ ମାନବ ବାଦୀ ଚିନ୍ତାଧାରାର ଥିଲେ। ସ୍ୱାମୀ ବିବେକାନନ୍ଦ, ଆଧ୍ୟାତ୍ମିକବାଦୀ, ବିଶ୍ୱ ମାନବବାଦୀ, ବିଶ୍ୱ ଭାତୃତ୍ୱ ବାଦୀ, ଆଧ୍ୟାତ୍ମିକବାଦୀ ଚିନ୍ତାଧାରାର, ବିଶ୍ୱ ମାର୍ଗଦର୍ଶନ ଦେଇଥିବା ଜଣେ ସନ୍ନ୍ୟାସୀ ଥିଲେ । ଭାରତୀୟ ସନାତନ ଧର୍ମର ବୈଦିକ ଦିଗକୁ ପାଠ କରିଥିଲେ । ଧର୍ମର ସଂକୀର୍ଣ୍ଣତା ଠାରୁ ମାନବ ଜାତିକୁ ବିଶ୍ୱରେ ବହୁ ଊର୍ଦ୍ଧ୍ୱକୁ ନେଇ ଯାଇଥିଲେ । ଧର୍ମଗତ ଭେଦଭାବକୁ ଭୁଲି ବିଶ୍ୱ ଭାତୃତ୍ୱ ପ୍ରତିଷ୍ଠା କରିବା ତାଙ୍କର ଲକ୍ଷ୍ୟ ଥିଲା । ଚିକାଗୋ ଧର୍ମ ସଭାରେ ସ୍ୱାମୀଜୀଙ୍କୁ ସର୍ବଶ୍ରେଷ୍ଠ ବକ୍ତା ଭାବେ ବିଶ୍ୱ ଗ୍ରହଣ କରିଥିଲା । ଭାରତୀୟ ଉପନିଷେଦ, ଗୀତା, ବେଦାନ୍ତକୁ ୟୁରୋପରେ ୪ବର୍ଷ ରହି ପ୍ରଚାର କରିଥିଲେ । ଜାତୀୟ ସେବା ଯୋଜନାର ଅଧିକାରୀ ଗୀତାରାଣୀ ସାହୁ, ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ, ଅଧ୍ୟାପକ ସତ୍ୟବ୍ରତ ମହାନ୍ତ, ଅଧ୍ୟାପିକା ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ପ୍ରମୁଖ ସ୍ୱାମୀଜୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀମାନେ ସ୍ୱାମୀଜୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ । ଶେଷରେ ଅତିଥିମାନେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଫଳ ବୃକ୍ଷ ରୋପଣ କରିଥିଲେ ।

# ପ୍ରହସନରେ ପରିଣତ ହୋଇଛି ସୁବର୍ଣ୍ଣପୁର ଜିଲ୍ଲାରେ ଟିବି ନିରାକରଣ ଅଭିଯାନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ଅଭାବରୁ ପ୍ରହସନରେ ପରିଣତ ହୋଇଛି ସୁବର୍ଣ୍ଣପୁର ଜିଲ୍ଲାରେ ୧୦୦ ଦିନିଆ ଟିବି ନିରାକରଣ ଅଭିଯାନ। କାର୍ଯ୍ୟକ୍ରମର ପୃଷ୍ଠ ଭୂମିକୁ ଅନୁଧ୍ୟାନ କଲେ ମନେହୁଏ ଏହା ଏକ ଲୋକ ଦେଖାଣିଆ କାର୍ଯ୍ୟକ୍ରମ। କିଛି କାର୍ଯ୍ୟ ହାତକୁ ନେଇ ଧର୍ମକୁ ଆଖିଠାର ସଦୃଶ ଚାଲିଛି ପ୍ରୋଗ୍ରାମ। ବାସ୍ତବତାରେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି ପ୍ରୋଗ୍ରାମ କାର୍ଯ୍ୟକାରୀ କରାଯାଇଛି ତାହା ସମ୍ପୂର୍ଣ୍ଣ ରୂପେ ଫେଲ୍ ହେବା ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ଟିବି ପ୍ରବଣ ୨୦ଟି ଜିଲ୍ଲାରେ କାର୍ଯ୍ୟକ୍ରମ ଚାଲିଛି। ଲକ୍ଷ୍ୟ ରହିଛି ଟିବି ମୁକ୍ତ ଭାରତ। ଆସନ୍ତୁ ଜାଣିବା ୧୦୦ ଦିନିଆ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କ'ଣ କ'ଣ ପଦକ୍ଷେପ ନେଇଛି ଓ କିଭଳି ପ୍ରସ୍ତୁତ ରହିଛି। ୧୦୦ ଦିନିଆ ଟିବି ନିରାକରଣ କାର୍ଯ୍ୟକ୍ରମ ଗାଇଡ୍ ଲାଇନ ଅନୁଯାୟୀ ପ୍ରିଣ୍ଟ ମିଡ଼ିଆ, ସୋସିଆଲ ମିଡ଼ିଆ ଓ ଇଲୋକ୍ଟ୍ରୋନିକ ମିଡ଼ିଆରେ ଏହି କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାପାଇଁ ପ୍ରଚାର ପ୍ରସାର କରିବା କଥା। ଦ୍ୱିତୀୟରେ ଫିଲ୍ଡ ଲେବେଲର ସର୍ଭେ କାର୍ଯ୍ୟକ୍ରମର ରିପୋର୍ଟ କରିବା ପାଇଁ ମିଡ଼ିଆ ସେଲ୍ ବ୍ୟବହାର ହେବା କଥା କିନ୍ତୁ ଏଠି ଲୋକାର୍ପଣ ପର୍ବରେ ଡାକିଦେଇ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ପତ୍ର ଦେଇ ବିଭାଗ ଚୁପ୍ ହୋଇ ରହିଛି। ଏ ବିଷୟରେ ବିଭାଗ ପକ୍ଷରୁ କୌଣସି ସନ୍ତୋଷ ଜଣକ ଉତ୍ତର ମିଳୁ ନାହିଁ। କିଛି ଗୁମର ଫିଟି ଯିବା ଭୟରେ କୌଣସି ପ୍ରତିକ୍ରିୟା ଦେଉନଥିବା ଜଣାପଡେ। ଆଇଇସି/ବିସିସି ପାଇଁ ଅନେକ ଟଙ୍କା ଏନଏଚଏମ୍ ଫଣ୍ଡରୁ ଖର୍ଚ୍ଚ ହେଉଛି ମାତ୍ର ଜିଲ୍ଲାପାଳଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଟିବି କାର୍ଯ୍ୟକ୍ରମର ହୋର୍ଡିଂ ଦେଖିବା ମିଳୁନାହିଁ। ପ୍ରତି ବର୍ଷ ହୋର୍ଡିଂ ବଦଳାଇବା ପାଇଁ ଅର୍ଥ ଆସୁଛି ମାତ୍ର ସଦର ମହକୁମାରେ ହୋର୍ଡିଂ ଦେଖିବାକୁ ମିଳୁନାହିଁ। ଏତେ ବଡ଼ ମେଗା ପ୍ରୋଗ୍ରାମ ଚାଲିଛି ଅଥଚ ପ୍ରୋଗ୍ରାମର ପ୍ରଚାର ପ୍ରସାର ପାଇଁ ବ୍ୟାନର ନାହିଁ କି ହୋର୍ଡିଂ ନାହିଁ। ଏହି ୧୦୦ ଦିନିଆ କାର୍ଯ୍ୟକ୍ରମରେ ଏକ ନିଆରା ଓ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ଯେ ଯେଉଁମାନଙ୍କ ଏକ୍ସ-ରେ କିମ୍ବା କଫ ପରୀକ୍ଷା ପାଇଁ ଲୋକମାନଙ୍କୁ ଆଶା କର୍ମୀ ମାଧ୍ୟମରେ ଆଣିବେ ସେମାନଙ୍କୁ ଶୁଖିଲା ଖାଦ୍ୟ ଆଶା ଓ ରୋଗୀଙ୍କୁ ଦେବାର ନିୟମ ଅଛି। କିନ୍ତୁ ଏଥିରେ ଅନିୟମିତତା ହେଉଥିବା ଅଭିଯୋଗ ଆସିଛି। ଡୁଙ୍ଗୁରିପାଲି, ବୀରମହାରାଜପୁର ଓ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଏକ୍ସ-ରେ ବ୍ୟବସ୍ଥା ରହିଛି ଏବଂ ଏଠି ରୋଗୀ କିମ୍ବା ଆଶାମାନଙ୍କୁ ଖାଦ୍ୟ ନ ଦେଇ କିମ୍ବା ଦୁଇଦିନ ଛାଡ଼ିକରି ଖାଦ୍ୟ ନେବା ପାଇଁ କହି ସ୍ୱାକ୍ଷର କରାଇ ନେଉଥିବାର ଅଭିଯୋଗ ହେଉଛି। ଦୂର ଦୁରାନ୍ତରରୁ ଆସିଥିବା ରୋଗୀମାନେ ଓ ଆଶା ଦିଦିମାନେ ଖାଦ୍ୟ ନ ପାଇ ନିରାଶ ହେଉଥିବା ବେଳେ ଖାଦ୍ୟ ପାଇଁ ଆଉ ଦିନେ ଗାଡି ଖର୍ଚ୍ଚ କରି ଖାଦ୍ୟ ନେବାକୁ ପରାମର୍ଶ ଦେବା କେତେ ଦୂର ଯୁକ୍ତି ଯୁକ୍ତ ?







ଭୁବନେଶ୍ୱର: ନବୀନ ନିବାସ ଠାରେ ବିଶିଷ୍ଟ କ୍ରୀଡ଼ାବିତ୍ 'ଆଇଏଏଏଫ୍-ୟୁ-୨୦' ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ହୀମା ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ **(ଫଟୋ:ସମ୍ବାଦ କଳିକା)**

## ଅବକାରୀ ମୋବାଇଲ୍ ଟିମ୍‌ର ଚଢ଼ଉ

# ୧୩୮ ପେଟି ନକଲି ମଦ ଜବତ:୩ ଗିରଫ

**ଗୁଣପୁର, ନ୍ୟୁଜ୍**

ରାୟଗଡା ଜିଲ୍ଲା ଗୁମୁଡ଼ାଠାରେ ଥିବା ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଉପରେ ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ଟିମ୍ ଅଚାନକ୍ ଚଢଉ କରି ୧୩୮ ବକ୍ସ ନକଲି ମଦ ଜବତ କରିଛି । ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି । ଦୀର୍ଘ ଦିନ ହେଲା ଗୁମୁଡା ଓ ପଦ୍ମପୁର ଅଞ୍ଚଳର ଦୋକାନ ଗୁଡିକରେ ନକଲି ମଦ ବିକ୍ରି ହେବା ସହ ପ୍ରସ୍ତୁତି ହେଉଥିବା ଅଭିଯୋଗ ହୋଇଥିଲା । ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାୟଗଡା ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ଗୁମୁଡା ବିଦେଶୀ ମଦ ଦୋକାନ ଉପରେ ଚଢଉ କରି ନକଲି ମଦ ଧରିବାରେ ସଫଳ ହୋଇଛି । ସେହିପରି ଚଢଉ ସମୟରେ ଦୋକାନ ଗୃହର ପଛ ପଟେ ଏହି ଟିମ୍ ମଦ ପ୍ରସ୍ତୁତ ହେବା ସମୟରେ ବ୍ୟବହୃତ ହେଉଥିବା କିଛି ଲେବୁଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଦୋକାନରୁ ୧୩୮ ପେଟି ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିଛି । ଏହି ନକଲି ମଦ କାରବାର ହେଉଥିବା ନେଇ ବହୁତ ଦିନ ହେଲା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ସ୍ଥାନୀୟ ଅବକାରୀ ବିଭାଗ ଓ ପୋଲିସ ଚୁପ୍ ରହିଥିବା ଅଭିଯୋଗ ହୋଇଛି । ଅସଲି ମଦ ବ୍ରାଣ୍ଡ ଠାରୁ ନକଲି ମଦ ବୋତଲ ୫୦ ପ୍ରତିଶତ କମ୍ ଦରରେ ମିଳୁଥିବାରୁ ନକଲି ବିକ୍ରି ବୃଦ୍ଧି ପାଇଥିଲା । ତେବେ ଏହା ସେବନ ଦ୍ୱାରା ସ୍ୱାସ୍ଥ୍ୟ ପକ୍ଷରେ ହାନି ହେଉଥିବା ମଧ୍ୟ ଅଭିଯୋଗ ଉଠିଛି । ଏହି ବେଆଇନ୍ କାରବାରରେ ଲିପ୍ତ ୩ ଜଣ ରାଜକୁମାର ଯାଦବ, ଶତ୍ରୁଘ୍ନ ଯାଦବ, ସୁଦର୍ଶନ ଯାଦବଙ୍କୁ ଗିରିଫ କରାଯାଇଥିବା ବେଳେ ଦୋକାନ ଲିଜ୍ ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରକୁ ନିଆଯାଇଥିବା ଅବକାରୀ ଇନ୍ସପେକ୍ଟର ତମ୍ବୁପାଣି ସିନ୍ଦୁର ସୂଚନା ଦେଇଛନ୍ତି ଜିଲ୍ଲାରେ ବିଭିନ୍ନ ସ୍ଥାନ ଓ ଦୋକାନ ଗୁଡିକରେ ଚଢ଼ଉ ଓ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିବ ବୋଲି ଅବକାରୀ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି । ରାୟଗଡା ମୋବାଇଲ୍ ୟୁନିଟ୍‌ର ଅଧିକାରୀ ତମ୍ବୁପାଣି ସିନ୍ଦୁର, ସବ୍ ଇନ୍ସପେକ୍ଟର ଦିନେଶ କୁମାର, ଏଏସ୍ଆଇ ସୁରେଶ ଚନ୍ଦ୍ର ମିଶ୍ର, ରୀନା ପାଢ଼ୀ, କରୁଣା କର ପାତ୍ର, ସନ୍ୟାସି ହିହାଲ, ପରୁଚିତ କିଶୋର ପ୍ରମୁଖ ଏହି ଚଢଉରେ ଅଂଶଗ୍ରହଣ କରିଥିଲେ । ଏଥିରେ ଗୁଣୁପୁର ଅବକାରୀ ବିଭାଗର ଇନ୍ସପେକ୍ଟର ପ୍ରୀତିଧାରା ନାୟକ ଓ କର୍ମଚାରୀ ମଧ୍ୟ ଉପସ୍ଥିତ ରହିଥିଲେ । କିନ୍ତୁ ଏହିସବୁ ବେଆଇନ୍ ନକଲି ବିଦେଶୀ ମଦ କାରବାର ଗୁଣପୁର ଅବକାରୀ ବିଭାଗର ନାକ ତଳେ ଘଟିଯାଇଥିବା କୁହାଯାଇଛି । ଜିଲ୍ଲା ଅବକାରୀ ବିଭାଗ ଅଧକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍ ଆସି ଚଢ଼ଉ କରି ଧରିବାରେ ସଫଳ ହୋଇଥିଲେ । ରାୟଗଡା ଜିଲ୍ଲାରେ ଏହି ନକଲି ଦେଶୀ ମଦ କାରବାର ଜୋର୍‌ରେ ଚାଲିଥିବା ବେଳେ ଏଥିରେ ଅବସର ପ୍ରାପ୍ତ ଅବକାରୀ ବିଭାଗର ଅଧିକାରୀ ମାନଙ୍କ ହାତ ରହିଥିବା ଆଲୋଚନା ହେଉଛି ।



## ସଂଗ୍ରାମୀଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ରାୟଗଡ଼ାରେ ଦରଖାସ୍ତ ଆହ୍ୱାନ୍

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସରକାର ଯତ୍ନର ସହକାରେ ବିଚାର କରିବା ପରେ ଭାରତର ଜରୁରୀ କାଳୀନ ପରିସ୍ଥିତିରେ ଓଡ଼ିଶାରୁ ଜେଲ୍‌ରେ କାରାବରଣ କରିଥିବା ବ୍ୟକ୍ତିମାନଙ୍କୁ ସରକାର ମାସିକ ପେନ୍‌ସନ୍ ଏବଂ ମେଡିକାଲ୍ ସହାୟତା ପ୍ରଦାନ କରିବା ନିମନ୍ତେ ବିଜ୍ଞପ୍ତି ଜାରି କରିଛନ୍ତି । ରାଜ୍ୟ ଗୃହ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଦେଶରେ ଅଭ୍ୟନ୍ତରୀଣ ସୁରକ୍ଷା ଆଇନ୍ ପରିଚାଳନା ୧୯୭୨ କିମ୍ବା ଭାରତୀୟ ପ୍ରତିରକ୍ଷା ଆଇନ୍ ଅଥବା ଭାରତୀୟ ପ୍ରତିରକ୍ଷା ଓ ଅଭ୍ୟନ୍ତରୀଣ ସୁରକ୍ଷା ଆଇନ୍ ଅଧୀନରେ ଜରୁରୀ କାଳୀନ ପରିସ୍ଥିତି ଅବଧି ୨୫.୦୬.୧୯୭୫ ତାରିଖରୁ ୨୧.୦୩.୧୯୭୭ ତାରିଖ ମଧ୍ୟରେ ଗିରଫ ହୋଇଥିବା ରାଜ୍ୟର ବିଭିନ୍ନ କାରାଗାରରେ ବନ୍ଦୀ ହୋଇଥିବା ବ୍ୟକ୍ତିମାନଙ୍କ ଠାରୁ ପେନ୍‌ସନ୍ ପ୍ରଦାନ କରିବା ପାଇଁ ଓ ଚିକିତ୍ସା ଖର୍ଚ୍ଚ ବହନ କରିବା ନିମନ୍ତେ ଦରଖାସ୍ତ ଆହ୍ୱାନ୍ କରାଯାଉଛି । ଭାରତର ଜରୁରୀ କାଳୀନ ଅବଧିରେ ଯେଉଁମାନେ କାରାଗାରରେ ଥିଲେ, ସେହି ଅନୁଯାୟୀ ସେମାନେ ଅର୍ଥରାଶି ମାସକୁ ୨୦,୦୦୦ ଟଙ୍କା ପେନ୍‌ସନ୍ ପାଇବେ, ତେଣୁ ବନ୍ଦୀ ଅବଧି ନିର୍ବିଶେଷରେ ଏହା ପ୍ରଦାନ କରାଯିବ । ପେନ୍‌ସନ୍ ବ୍ୟତୀତ ସରକାର ବନ୍ଦୀମାନଙ୍କ ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରିବେ । ଜେଲ୍‌ରେ ବନ୍ଦୀ ଅବଧି ନିର୍ବିଶେଷରେ ଜୀବନ୍ତ ବ୍ୟକ୍ତିଙ୍କୁ ମାସିକ ୨୦ ହଜାର ଟଙ୍କା ମଞ୍ଜୁର କରାଯିବ । ତେବେ ଓଡ଼ିଶା ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ସୁବିଧା ୧ ଜାନୁୟାରୀ ୨୦୨୫ରୁ କାର୍ଯ୍ୟକାରୀ ହେବ ଏବଂ ପୂର୍ବ ସମୟର ଦେୟ ପ୍ରଦାନ କରାଯିବନାହିଁ । ଜିଲ୍ଲାପାଳ ରାୟଗଡ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶକ୍ରମେ ଜରୁରୀ ପରିସ୍ଥିତିରେ ଅବିଭକ୍ତ କୋରପୁଟ ଜିଲ୍ଲା ଅଧିନରେ କାରାବରଣ କରିଥିବା ରାୟଗଡ ଜିଲ୍ଲାର ଜୀବିତ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ୍ କରାଯାଉଛି । ବ୍ୟକ୍ତି ଆବେଦନ ପତ୍ରରେ ନିଜର ନାମ, ପିତା/ସ୍ୱାମୀଙ୍କ ନାମ, ନିଜର ଜନ୍ମ ତାରିଖ, ସ୍ଥାୟୀ ଓ ଯୋଗାଯୋଗ ଠିକଣା, ଆଧାର ନମ୍ବରର ଜେରକ୍ସ କପି, ନିଜର ବ୍ୟାଙ୍କ ଖାତା, କାରାବରଣ କରିଥିବା ସ୍ଥାନ ଓ ଅବଧି, ଗୋଟିଏ ପାସ୍‌ପୋର୍ଟ, ବ୍ୟକ୍ତିଗତ ଚିହ୍ନ, କେଉଁ ଟ୍ରେଜେରୀରୁ ପେନ୍‌ସନ୍ ଗ୍ରହଣ କରିବାକୁ ଚାହୁଁଛନ୍ତି ତାହା ଲିଖିତ ଭାବରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଜୁଡ଼ିସିଆଲ୍ ସେକ୍ସନ୍‌ରେ ଆସନ୍ତା ୨୦/୦୧/୨୦୨୫ ତାରିଖ ସୁଦ୍ଧା ଦାଖଲ୍ କରିବାକୁ ଜଣାଇଦିଆଯାଉଛି । ଜିଲ୍ଲାସ୍ତରରେ ଏହାକୁ ଯାଞ୍ଚ କଲାପରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ରାଜ୍ୟ ସରକାରଙ୍କ ନିକଟକୁ ମଞ୍ଜୁରୀ ପାଇଁ ପଠାଯିବ ।



## କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ:ନୃତ୍ୟ ମୁଖ୍ୟ ଆକର୍ଷଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସରକାରୀ ଆଇଟିଆଇ ପ୍ରେକ୍ଷାଳୟରେ ଦୁଇ ଦିନିଆ କଳିଙ୍ଗ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଅଭିଷେକ କ୍ରିଏସନ୍ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଖଣି ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ରୁପେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଅତୀତର କଳା ସଂସ୍କୃତି, ଐତିହ୍ୟକୁ ପୁନଃର୍ଜୀବିତ କରିବା କ୍ଷେତ୍ରରେ ଏପରି ପ୍ରୟାସକୁ ସେ ପ୍ରସଂଶା କରି ଏହା ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଅଭିଷେକ୍ କ୍ରିଏସନ୍‌ର ଅଧକ୍ଷ ପ୍ରକାଶ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ମହୋତ୍ସବର ପ୍ରଥମ ଅର୍ଘ୍ୟରେ ଅନ୍ୟତମ ଅତିଥି ରୂପେ କାହ୍ନୁ ଚରଣ ପତି, ନାଟ୍ୟକାର ମେଜର ରମା ରମଣ ପାଢ଼ୀ, ପ୍ରସନ୍ନ ପାଢ଼ୀ, ନିର୍ମଳ ସାହୁ, ଇଞ୍ଜିନିୟର ଯାମିନି କାନ୍ତ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ । ମହୋତ୍ସବ କମିଟିର ସଂଯୋଜକ ସୁଦିପ ସାହୁ, ଉଷାରାଣୀ ମହାପାତ୍ରଙ୍କ ପରିଚାଳନାରେ ବହୁ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ରଣପ୍ପା, ଢୋଲିଆ, ଦଣ୍ଡ ନାଚ, ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ । ଏଥିରେ ଅନିଲ ପାତ୍ର, କେଦାର ଚୌଧୁରୀ, ସନ୍ୟାସୀ ମହାରଣା, ରଞ୍ଜନା ମିଶ୍ର, କାର୍ତ୍ତିକ ପାଣିଗ୍ରାହୀ, ମାନସ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ ।

## ସଡ଼କ ସୁରକ୍ଷା ନେଇ ଏଫ୍‌ଏମ୍‌ୟୁ ଛାତ୍ରଛାତ୍ରୀଙ୍କ ପଥପ୍ରାନ୍ତ ନାଟକ

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ସ୍ଥାନୀୟ ଇମାମି ପେପର ମିଲ୍ସ ରାସ୍ତା ପାର୍ଶ୍ୱରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ପଥପ୍ରାନ୍ତ ନାଟକ



ପରିବେଷିତ ହୋଇଯାଇଛି । ଚଳିତ ବର୍ଷ ୨୦୨୫ ପାଇଁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନର ବିଷୟବସ୍ତୁ କମ୍ ହୋମ୍ ସେଫ୍ ବା ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ ଆଧାରରେ ଏହି ନାଟକ ପରିବେଷିତ ହୋଇଥିଲା । ପ୍ରଥମେ ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ପ୍ରଦର୍ଶନ କରି ପଥଚାରୀମାନଙ୍କୁ ସଚେତନ କରାଇଥିଲେ । ଗାଡି ଚାଳନାବେଳେ ହେଲ୍‌ମେଟ୍ ପିନ୍ଧିବା ଏବଂ ସିଟ୍ ବେଲ୍ଟର ବ୍ୟବହାର, ଦ୍ରୁତ ଗତିରେ ଗାଡି ନ ଚଳାଇବା, ଗାଡି ଚାଳନା ବେଳେ ନିଶା ସେବନରୁ ଦୂରେଇ ରହିବା ତଥା ରାସ୍ତାର ନିୟମ ମାନି ଗାଡ଼ି ଚଳାଇବା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବାଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀ ମାନଭଞ୍ଜନ ଦାସ, ଶିବଦତ୍ତ ପଣ୍ଡା, ବଳରାମ ବାରିକ, ଗୁମଦା ହେମ୍ବ୍ରମ୍, ତନ୍ମୟୀ ଦାସ, ବିନିକା ଦାସ, ଲିଜାରାଣୀ ନାୟକ ଏବଂ ସୁଚିତ୍ରା ନାୟକ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଏବଂ କୁଳ ସଚିବ କୁକୁମୀନା ଦାସଙ୍କ ଅନୁପ୍ରେରଣାରେ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକଙ୍କ ସମେତ ଡକ୍ଟର ସ୍ମିତି ପାଢୀ, ଡକ୍ଟର ଅଶେଷ କୁମାର ନାୟକ, ମୋତି ପଙ୍କମ, ଧୀରେନ୍ଦ୍ର କୁମାର ବେହେରା ପ୍ରମୁଖ ଅଧାପକ-ଅଧାପିକାଙ୍କ ତତ୍ତ୍ୱ□ାବଧାନରେ ଛାତ୍ରଛାତ୍ରୀମାନେ ନାଟକଟିକୁ ସଫଳତାର ସହିତ ପରିବେଷଣ କରିଥିଲେ । ଏହି ଜନକଲ୍ୟାଣ ସଂପର୍କିତ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ପ୍ରୟାସ ହେତୁ କୁଳପତି ପ୍ରଫେସର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।



## ଇମ୍ଫା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ତରଫରୁ ଏକ ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବାଣିପଦା ପଞ୍ଚାୟତ ସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଇମ୍ଫାର ସାଧାରଣ ପ୍ରବନ୍ଧକ ସୁଜିତ କୁମାର ମିଶ୍ର ଓ ୧୧ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଜୋତ୍ସ୍ନାରାଣୀ ସୁବୁଦ୍ଧିରାୟ ଉଦ୍‌ଘାଟନ କରିଥିଲେ । ଟାଙ୍ଗୀ ସ୍ଥିତ ପଦ୍ମିନୀ ହସ୍ପିଟାଲ୍‌ର ଅସ୍ଥିଶଲ୍ୟ, ଚର୍ମ, ଭେଷଜ, ସ୍ତ୍ରୀ ଓ ପ୍ରସୂତି ଓ ଚକ୍ଷୁ ବିଭାଗର ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ୩୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଏଥି ସହିତ ପାରାମେଡିକାଲ୍ କର୍ମଚାରୀ ମାନଙ୍କ ଦ୍ୱାରା ରକ୍ତ ଓ ମଧୁମେହ ପରୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଣିପଦା ସରପଞ୍ଚ ଦିଲ୍ଲୀପ ଭୋଇ, ସୁରେନ୍ଦ୍ର ସାମଲ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ନବକିଶୋର ପଣ୍ଡା, ଅର୍ଜୁନ ପଣ୍ଡା, ଶାରଦା ରଞ୍ଜନ ପରିଜା, ଇମ୍ଫାର ଅଧିକାରୀ ସଞ୍ଜୀବ ଗୁପ୍ତା, ବବିତ ନନ୍ଦ, ଉମେଶ ପଟ୍ଟନାୟକ, ନିରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନୀଲ କ୍ରୀଷ୍ଣା ଦାସ ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ । ଇମ୍ଫାର ମାନସ ରଞ୍ଜନ ପ୍ରଧାନ, ଫାଉଣ୍ଡେସନ୍‌ର ରାକେଶ ମିଶ୍ର, ଶୁଭଶ୍ରୀ ନାୟକ, ପିଙ୍କୀ ସାହୁ, ମନୋଜ ମହାପାତ୍ର ଓ ସୌଭାଗ୍ୟ ପ୍ରଧାନ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ଉପ ପ୍ରବନ୍ଧକ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପୁଣି ଗୁଡ଼ି ସୂତା ଲାଗି କଟିଲା ବେକ:ଦୁଇ ଆହତ

**କଟକ, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମକର ସଂକ୍ରାନ୍ତିରେ ଅଘଟଣ । ଗୁଡ଼ି ସୂତା ଲାଗି ଦୁଇ ଜଣ ଆହତ ହୋଇଛନ୍ତି । କଟକ ସହରର ରାଣୀହାଟ ଓ ଶିଖରପୁରରେ ବାଇକ୍‌ରେ ଆସୁଥିବା ବେଳେ ଗୁଡ଼ିସୂତା ଲାଗିଯାଇଥିଲା । ଜଣଙ୍କର ବେକ, ହାତ କଟିଥିବା ବେଳେ ଅନ୍ୟ ଜଣଙ୍କର ମୁହଁ କଟିଛି । ଦୁଇ ଜଣ ଯୁବକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡ଼ିକାଲ୍‌କୁ ପଠାଯାଇଛି । ଓଡ଼ିଆ ଘରର ଏ ପବିତ୍ର ପର୍ବ ମକର ସଂକ୍ରାନ୍ତି ଆଉ ଏହି ମକର ସଂକ୍ରାନ୍ତିରେ କଟକରେ ଗୁଡ଼ି ଉଡା ପରମ୍ପରା ଥାଏ ଏକ ନିଆରା । କଟକ ଆକାଶରେ ଦେଖିବାକୁ ମିଳେ ରଙ୍ଗବେରଙ୍ଗର ରଙ୍ଗୀନ ଗୁଡ଼ି । ତେବେ ଏହି ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍ ଚାଇନିଜ୍ ମାଞ୍ଜା ସୂତା ସୃଷ୍ଟି କରୁଛି ବିପଦ । କଟକ ସହରର ରାଣୀହାଟ ଓ ଶିଖରପୁରରେ ଗୁଡ଼ି ସୂତା ଲାଗି ଦୁଇ ଜଣ ଆହତ ହୋଇଛନ୍ତି । ଜଣଙ୍କର ବେକ, ହାତ କଟିଥିବା ବେଳେ ଅନ୍ୟ ଜଣଙ୍କର ମୁହଁ କଟିଛି । ଆହତଙ୍କୁ





ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡ଼ିକାଲ୍‌କୁ ପଠାଯାଇଛି । ତେବେ ମକର ପୂର୍ବରୁ ସୂତା ଲାଗି ରାଜେନ୍ଦ୍ର ନଗରର ଅନିକେତ ଦାସ ଆହତ ହୋଇଥିଲେ । ଅନିକେତ ତ୍ରିଶୁଳିଆରୁ କଟକ ଆସୁଥିବା ବଳେ ତାଙ୍କ ବେକ ଓ ହାତରେ ସୂତା ଲାଗି ଆହତ ହୋଇଥିଲେ । ଗତ ସପ୍ତାହରେ ବାୟାଳିଶ ମୌଜା ଅଞ୍ଚଳରେ ଗୁଡ଼ି ସୂତା ଲାଗି ଜଣେ ଆହତ ହୋଇଥିଲେ । ତେବେ ଏହି ପ୍ଲାଷ୍ଟିକ୍ ସୂତା ଦ୍ୱାରା ପାଞ୍ଚରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବେକ କଟି ଜୀବନ ହାନି ମଧ୍ୟ ହୋଇଛି । ତେବେ ଆଜିକାଲି ଏହି ସୂତା ଦୋକାନ ଅପେକ୍ଷା ଅନ୍‌ଲାଇନ୍‌ରୁ ମଧ୍ୟ ଲୋକ ମଗାଉଛନ୍ତି ବୋଲି ଗୁଡ଼ି ବ୍ୟବସାୟୀ କହିଛନ୍ତି । ଚଳିତ ବର୍ଷ ଗୁଡ଼ି ସୂତା ଲାଗି ପ୍ରାୟ ୧୨ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବଳେ ୬ ଦିନ ମଧ୍ୟରେ ୫ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି । ମକର ପୂର୍ବରୁ ସୋମବାର ପୁରୀଘାଟ ଥାନା ପକ୍ଷରୁ ନନ୍ଦୀ ସାହି, ଚୌଧୁରୀ ବଜାର ଓ କାଠଗଡା ସାହିରେ ଗୁଡ଼ି ସୂତା ଦୋକାନ ଉପରେ ଚଢ଼ଉ କରାଯାଇଥିଲା । ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଦୋକାନରେ ଯାଞ୍ଚ କରାଯିବା ସହ ଗୁଡ଼ି ଉଡାରେ ବ୍ୟବହୃତ ବିପଦପୂର୍ଣ୍ଣ ସୂତା ସବୁକୁ ମଧ୍ୟ ଜବତ କରାଯାଇଥିଲା । ଏଥିସହ ଗୁଡ଼ି ଉଡାରେ ଯେଉଁମାନେ ପ୍ଲାଷ୍ଟିକ୍ ମାଞ୍ଜା ସୂତା ବ୍ୟବହାର କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଡିସିପି କହିଛନ୍ତି । ତେବେ ଜନସାଧାରଣ ଏହି ପ୍ଲାଷ୍ଟିକ୍ ମାଞ୍ଜା ସୂତା ବ୍ୟବହାର ନକରିବା ସହ ଖୋଲା ପଡିଆରେ ଗୁଡ଼ି ଉଡ଼ାନ୍ତୁ ବୋଲି କମିଶନରେଟ୍ ପୋଲିସ ଅପିଲ୍ କରିଛି ।

## ମକର ସଂକ୍ରାନ୍ତିରେ ଚଳଚଞ୍ଚଳ ମା' ଦପାନାୟକାଣୀ ପୀଠ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଅଞ୍ଚଳରେ ମକର ସଂକ୍ରାନ୍ତିରେ ବିଭିନ୍ନ ଅଞ୍ଚଳ ଏବେ ଚଳଚଞ୍ଚଳ ହୋଇ ଉଠିଛି । ବିଭିନ୍ନ ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା ମଧ୍ୟ ଚାଲିଛି । ଦୋବଲ୍ ନିକଟସ୍ଥ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳର କାଞ୍ଜିପାଣି ଓ ମକର ମେଳା ମହାଆଡମ୍ବରରେ ପାଳିତ ହେଉଛି । ସେହିଭଳି ଧାମନଗର ବ୍ଲକର ଭଟସାହି ପଞ୍ଚାୟତର ଫଳପୁର ଠାରେ ମା' ଦପାନାୟକାଣୀଙ୍କ ପୀଠରେ ବାର୍ଷିକ ପୂଜା



ଓ ମକର ମେଳା ଅନୁଷ୍ଠିତ ହେଉଛି । ମଙ୍ଗଳବାର ସକାଳୁ ମା'ଙ୍କ ପୀଠରେ ପୂଜାର୍ଚ୍ଚନା, ମଙ୍ଗଳ ଆଳତି, ଚଣ୍ଡୀ ପୂଜା ଆଦି କରାଯାଇଥିଲା । ଏହି ପୂଜା ୭ ଦିନ ଧରି ଅନୁଷ୍ଠିତ ହେବ । ପ୍ରାୟ ୫ଟି ପଞ୍ଚାୟତର ଏହା ମୁଖ୍ୟ ପର୍ବ ଭଳି ଲାଗେ । ପ୍ରକାଶଥାଉକି ମା' ଦପା ଠାକୁରାଣୀଙ୍କ ମହିମା ଅନେକ । ଯିଏ ଯେଉଁ ଆଶା ଓ ବିଶ୍ୱାସ ନେଇ ମା'ଙ୍କୁ ସ୍ମରଣ କରେ ନିଶ୍ଚିତ ଭାବେ ତାର ଫଳପ୍ରଦ ହୋଇଥାଏ । ମନସ୍କାମନା ପୂରଣ ପାଇଁ ମକର ଦିନ କୁକୁଡ଼ା ଉଡ଼ା ଯାଇଥାଏ । ଫଳପୁର ଗ୍ରାମର ଗେଙ୍ଗୁଟି ନଦୀ କୂଳରେ ମା' ଦପା ବିଜେ କରିଛନ୍ତି । ଚାଷୀମାନେ ଉକ୍ତ ଅଞ୍ଚଳରେ ଚାଷ କରୁଥିଲେ । ମାତ୍ର ବର୍ଷା ଅଭାବରୁ ଚାଷ ଜମିରେ ଧାନଚାଷ ନଷ୍ଟ ହେବାକୁ ବସିଲା । ଫଳପୂର, ବାଘୁଆରି, ଆମ୍ବିଲିଗାଁ, ଭଟସାହୀ, ଅର୍ଜୁନପୁର, ଛନ୍ଦାସାହି, କୋଠାର ଅଞ୍ଚଳ ଚାଷୀଙ୍କ ମୁଣ୍ଡରେ ଭାଲେଣି ପଡିଲା । ମରୁଡ଼ିରେ ଧାନ ନଷ୍ଟ ହୋଇଯିବ । ପରେ ଚାଷୀମାନେ ଫଳପୁରର ସେହି ମା'ଙ୍କ ପୀଠରେ ଥିବା ଏକ ବରଗଛ ମୂଳେ ଚାଷୀ ମେଳି କରି ନଦୀର ବନ୍ଧ ବାନ୍ଧି ଚାଷକୁ ପାଣି ମଡ଼ାଇବା ପାଇଁ ନିଷ୍ପତ୍ତି କଲେ । ଯେତେ ବନ୍ଧ ବାନ୍ଧିଲେ ବନ୍ଧ ଭାଙ୍ଗିଗଲା । ଅନେକ ଚେଷ୍ଟା ପରେ ସେହି ନଦୀର ବନ୍ଧ କଡ଼ରୁ ଏକ ପଥର ବାହାରିଲା । ସେହି ପଥରକୁ ପୂଜା କରି ସେହି ବରଗଛ ମୂଳେ ସ୍ଥାପନ କରି ପୂଜାର୍ଚ୍ଚନା କରି ବନ୍ଧ ବାନ୍ଧିଲେ । ମା'ଙ୍କ କୃପାରୁ ବନ୍ଧ ରହିଗଲା ଓ ଚାଷ ଜମିକୁ ପାଣି ମଧ୍ୟ ମାଡ଼ିଲା । ସେ ବର୍ଷ ଭଲ ଧାନ ମଧ୍ୟ ପରେ ସେହି ପଥରକୁ ମା' ଦପାନାୟକାଣୀ ନାମ କରଣ କରି ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ଧୁମ୍‌ଧାମ୍‌ରେ ପୂଜା କରାଯାଏ । ଉକ୍ତ ଅଞ୍ଚଳ ଏବେ ମା'ଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି । ୭ ଦିନ ଧରି ମା'ଙ୍କ ପୀଠ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରଙ୍ଗ ବେରଙ୍ଗ ର ଆଲୋକ ସଜ୍ଜା ଓ ଅସ୍ଥାୟୀ ଦୋକାନରେ ମା'ଙ୍କ ପୀଠ ବେଶ୍ ଆକର୍ଷିତ ହୋଇଉଠିଛି । ମା'ଙ୍କ ଦର୍ଶନ ପାଇଁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମା'ଙ୍କ ଦର୍ଶନ କରୁଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୫ବୃ | ୪ | ରା୩ / ଶୁଶ୍ନ୨ |
| ୭ମଚ | ୯ / ୪ | ରଲ |
| ୮ / ୯କେ | ୧୦ | ବୁ୧୨ / ୧୧ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୧।୨୦୨୫, ମାଘ ଦି୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୨୪।୪୩** **ଚନ୍ଦ୍ରୋଦୟ- ରାଘ ୭।୪୮।୦୬**

**ତୃତୀୟା-** ରାଘ ୪।୦୬ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ଦିଘ ୧୧।୧୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । ଦିଘ ୧୧।୧୮ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଦିଘ ୧୧।୧୮ ଗତେ କର୍କଟ ଓ ମକର ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୪।୦୬ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୫ ମଧ୍ୟେ । ଦିଘ ୧୦।୫୧ ଗତେ ଘ ୧।୦୨ ମଧ୍ୟେ ।

**ମେଷ:** ମନରେ ସରସତା ରହିବା ସହିତ କର୍ମକ୍ଷେତ୍ରରେ ଅଗ୍ରଗତି । ପରିଶ୍ରମର ପରିମାଣ ଅତିମାତ୍ରାରେ ବଢ଼ିବ । ପାରିବାରିକ ଶାନ୍ତି ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଦୂରଯାତ୍ରା କରିପାରନ୍ତି । ମନ ଭଲ ରହିବ।

**ବୃଷ:** କର୍ମକ୍ଷେତ୍ରରେ ବିରକ୍ତି ବଢ଼ିବ । ସହଯୋଗୀ ମାନଙ୍କ ସହଯୋଗ ମତିଭ୍ରମ କରିବେ । ପଥଭ୍ରଷ୍ଟର ସମ୍ଭାବନା । ଆୟର ପରିମାଣ ବଢ଼ିବ । ପରିବାରରେ କଳହ ସୃଷ୍ଟିର ଆଶଙ୍କା । ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହେବାର ସୂଚନା ।

**ମିଥୁନ:** ଭୟ ଉପରେ ଆପଣ ବିଜୟ ହାସଲ କରିବେ । ଉତ୍ତମ ଫଳ ଲାଭ ହେବ । ଆୟର ପରିମାଣ କମିଯିବ । ପାରିବାରିକ ଆନନ୍ଦ ବଜାୟ ରହିବ । ପରିଶ୍ରମ ଅଧିକ ହେବ । ଶତ୍ରୁନାଶ ହେବାର ସୂଚନା ରହିଛି ।

**କର୍କଟ:** ମନରେ ଆନନ୍ଦ ଆସିବ । କର୍ମକ୍ଷେତ୍ରରେ ପ୍ରସନ୍ନ ଭାବ ରହିବ । ସାହାଯ୍ୟ ସହଯୋଗ ପାଇ ପ୍ରଗତି ପଥେ ଅଗ୍ରସର ହେବେ । ଆୟ ବଢ଼ିବ । ପରିବାରରେ ସୁଖ ଶାନ୍ତି ଲାଭ କରିବାର ସୂଚନା ।

**ସିଂହ:** କର୍ମକ୍ଷେତ୍ରରେ କର୍ମଚାରୀ ତଥା ଭାଇମାନଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଦ୍ୱନ୍ଦ୍ୱର ସୂଚନା । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ମହିଳାମାନେ ସୁଖୀ ହେବେ ।

**କନ୍ୟା:** ସୁସ୍ଥତା ଅନୁଭବ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସା ଲାଭ। ବନ୍ଧୁ ସହଯୋଗ ପ୍ରାପ୍ତି ହେବ । ବିଶ୍ରାମ ନେବାକୁ ପସନ୍ଦ କରିବେ । ଆୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ।

**ତୁଳା:** କର୍ମକ୍ଷେତ୍ରରେ ଅଶାନ୍ତି । କାର୍ଯ୍ୟ କରିବେ ନାହିଁ । ମନରେ ବାଧା ଆସିବ । ଶାରୀରିକ ଅସୁସ୍ଥ ଭୋଗିବେ । ବ୍ୟୟର ପରିମାଣ ବଢ଼ିବ । ଆୟ ସ୍ଥିର ରହିବ । କୌଣସି ସୁସମ୍ବାଦ ପ୍ରାପ୍ତିର ସମ୍ଭାବନା ରହିଛି ।

**ବିଛା:** ଆଜି ଦିନଟି ସେତେ ଭଲରେ ଯିବନାହିଁ । ଘାତ ଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ଅଯଥା ବାଦବିବାଦର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରେ ଜଞ୍ଜାଳ ।

**ଧନୁ:** ମନରେ ଅହଂକାର ଆସିବ । ସହଯୋଗୀ ବା କୁଟୁମ୍ବେ କ୍ରୋଧ ସୃଷ୍ଟି ହେବ । ଆଶାନତି ବଢ଼ିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ମଧ୍ୟ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ । ମହିଳାମାନେ ଗର୍ବୀ ହେବେ ।

**ମକର:** ନୀତି ବହିର୍ଭୁତ କାର୍ଯ୍ୟ କରିବେ । କୂଟ ନୀତିରେ ସଫଳ ପ୍ରାପ୍ତ ହେବ । ଦୂର ସ୍ଥାନକୁ ଯାତ୍ରା କରିବେ । ଲାଭବାନ୍ ହେବେ । ରୋଜଗାର ଭଲ ହେବ । ପରିବାରରେ ଶାନ୍ତି ପାଇବେ । ଦେହ ଓ ମନ ଭଲ ରହିବ ।

**କୁମ୍ଭ:** ଦିନଟି ସେତେ ଭଲ ନୁହେଁ । ପରିଶ୍ରମ ତୁଳନାରେ ଫଳ ପ୍ରାପ୍ତି ହେବନାହିଁ । ଦୂରଯାତ୍ରା କିନ୍ତୁ କାର୍ଯ୍ୟହାନୀ ଆୟରେ ଅଗ୍ରଗତି ହେବ । ପରିବାର ମଧ୍ୟରେ ଜଞ୍ଜାଳ ରହିବନାହିଁ । ମହିଳାମାନେ ସୁଖୀ ହେବେ ।

**ମୀନ:** ହସ ଖୁସିରେ ଦିନ କାଟିବେ । କର୍ମକ୍ଷେତ୍ରରେ ସାଫଲ୍ୟତା ପ୍ରାପ୍ତି ହେବ । ଦୂରଯାତ୍ରା କରି ଆୟରେ ପ୍ରଗତି ଘଟାଇବେ। ଲୋକପ୍ରିୟତା ବୃଦ୍ଧି ପାଇବ । ପରିବାରରେ ଦୁଶ୍ଚିନ୍ତାର ଆଶଙ୍କା । ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୧।୨୦୨୫, ମାଘ ଦି୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୨୪।୪୫** **ଚନ୍ଦ୍ରୋଦୟ- ରାଘ ୮।୪୦।୧୨**

**ଚତୁର୍ଥୀ-** ନିଶାନ୍ତ ଘ୫।୩୧ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର-** ଦିଘ ୧୨।୪୬ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ନିଶାନ୍ତ ଘ ୫।୩୧ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୧୧ ମଧ୍ୟେ । ଦିଘ ୧୨।୧୯ ଗତେ ଘ ୨।୩୦ ମଧ୍ୟେ ।

30 YEARS
ସମ୍ବାଦ କଳିକା

# ଅର୍ଥନୀତିରେ ଜାପାନକୁ ଅତିକ୍ରମ କରିବ ଭାରତ

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି।

ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'


ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅଁ ଖ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)
ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ବିରଳ ଜନନେତା ପ୍ରହ୍ଲାଦ ମଲ୍ଲିକ

ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ଓଡ଼ିଶା ରାଜନୀତିରେ ପ୍ରହ୍ଲାଦ ମଲ୍ଲିକ ଏକ ବିରଳ ବ୍ୟକ୍ତିତ୍ୱ। ୫ଥର ସେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେବା ସହ ୫ଜଣ ମୁଖ୍ୟମନ୍ତ୍ରୀଙ୍କ ସରକାରରେ ମନ୍ତ୍ରୀ ଥିଲେ। କେବଳ ସେତିକି ନୁହେଁ, ସେ ଆଳିକୁ ଛାଡ଼ିଦେଲେ ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ଚାରୋଟି ନିର୍ବାଚନ ମଣ୍ଡଳୀ ସମେତ ବର୍ତ୍ତମାନ ଯାଜପୁର ଜିଲ୍ଲାର ବରିରୁ ମଧ୍ୟ ନିର୍ବାଚନ ଜିଣିଥିଲେ। ଏହା ତାଙ୍କ ଜନପ୍ରିୟତାର ପ୍ରମାଣ ଦିଏ। ସରଳ ଜୀବନ ଓ ଉଚ୍ଚ ଚିନ୍ତନର ପ୍ରତୀକ ନିରଳସ ଜନନେତା ପ୍ରହ୍ଲାଦ ମଲ୍ଲିକ ରାଜନୀତିକୁ ତ୍ୟାଗ ଓ ସେବାର ମାଧ୍ୟମ କରିବା ସଂଗେ ସଂଗେ ତାଙ୍କ ନମ୍ରତା, ନିଷ୍ଠା ଓ ସହନଶୀଳତା ଗୁଣରେ ଦଳମତ ଏବଂ ଜାତିଧର୍ମ ନିର୍ବିଶେଷରେ ସବୁ ବର୍ଗର ଲୋକଙ୍କ ଗ୍ରହଣୀୟ ହୋଇପାରିଥିଲେ। ବର୍ତ୍ତମାନର ବ୍ୟୟବହୁଳ, କ୍ଷମତା ସର୍ବସ୍ୱ, ପରଶ୍ରୀକାତର ଓ ପ୍ରତିହିଂସାପୂର୍ଣ୍ଣ ରାଜନୈତିକ ବ୍ୟବସ୍ଥାରେ ଶଢୁଥିବା ତଥାକଥିତ ନେତାମାନେ କଳ୍ପନା କରିପାରିବେ ନାହିଁ ପ୍ରହ୍ଲାଦ ମଲ୍ଲିକଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ ସଂପର୍କରେ।

କେନ୍ଦ୍ରାପଡା ଜିଲ୍ଲାର ଶିଳିପୁର ଭଳି ସେତେବେଳର ଏକ ଅପହଞ୍ଚ ଗାଁର ସାଧାରଣ ପରିବାରରେ ତାଙ୍କର ଜନ୍ମ ୧୯୨୯ ମସିହା ପବିତ୍ର ମକର ସଂକ୍ରାନ୍ତି ତିଥିରେ। ଜାତିଗତ ବୈଷମ୍ୟ, ଅନଗ୍ରସରତା ଓ ଅନ୍ୟାନ୍ୟ ସମସ୍ୟାକୁ ମୁକାବିଲା କରି ସେ ପିଲାଦିନରୁ ଅଧ୍ୟୟନ କ୍ଷେତ୍ରରେ ମନୋନିବେଶ କଲେ ଏବଂ ପରେ ସମ୍ମାନର ସହ ସ୍ନାତକ ଡିଗ୍ରୀ ହାସଲକରି କିଛି କାଳ ଶିକ୍ଷକତା ବି କରିଥିଲେ। ମାତ୍ର ୨୮ବର୍ଷ ବୟସରେ କେନ୍ଦ୍ରାପଡା ଯୁଗ୍ମ ନିର୍ବାଚନ ମଣ୍ଡଳୀର ସଂରକ୍ଷିତ ଆସନରୁ ୧୯୫୭ର ନିର୍ବାଚନରେ ଜିଣି ସେ ବିଧାୟକ ହେଲେ। ସେ ସମୟରେ ଓଡିଶାରେ ଥିଲା ୧୦୧ଟି ନିର୍ବାଚନ ମଣ୍ଡଳୀ ଯେଉଁଥିରୁ ୬୨ଟିରେ ଜଣେ ଜଣେ ସଦସ୍ୟ ନିର୍ବାଚିତ ହୋଇଥିବାବେଳେ ୩୯ଟି ଯୁଗ୍ମ ନିର୍ବାଚନ ମଣ୍ଡଳୀରୁ ୨ଜଣ କରି ସଦସ୍ୟ ନିର୍ବାଚିତ ହେଉଥିଲେ। ମୋଟାମୋଟି ଭାବେ ବିଧାନସଭାର ଆସନ ସଂଖ୍ୟା ସେତେବେଳେ ୧୪୦ ରହିଥିଲା। ୧୯୫୭ରେ କେନ୍ଦ୍ରାପଡା ଯୁଗ୍ମ ନିର୍ବାଚନ ଆସନରୁ ପ୍ରବୀଣ ଆଇନଜ୍ଞ ତଥା ପୂର୍ବତନ ମନ୍ତ୍ରୀ ଦୀନବନ୍ଧୁ ସାହୁ ୨୯,୩୭୦ ଓ ପ୍ରହ୍ଲାଦ ମଲ୍ଲିକ ୩୦,୨୯୮ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀଭାବେ ବିଜୟୀ ହୋଇଥିଲେ। ୧୯୬୧ରେ ସେ ପଟ୍ଟାମୁଣ୍ଡାଇ ଆସନରୁ ନିର୍ବାଚିତ ହୋଇ ବିଜୁ ପଟ୍ଟନାୟକଙ୍କ ସରକାରରେ ବିଦ୍ୟୁତ୍ ଓ ଜଳସେଚନ ବିଭାଗର ମନ୍ତ୍ରୀଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ବିରେନ୍ ମିତ୍ରଙ୍କ ସରକାରରେ ବି ତାଙ୍କୁ ସମାନ ଦାୟିତ୍ୱ ମିଳିଥିଲା। ତାଙ୍କ ଦକ୍ଷତା ଓ ସଫଳତା ଯୋଗୁ ସଦାଶିବ ତ୍ରିପାଠୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ବିଦ୍ୟୁତ୍ ଓ ଜଳସେଚନ ସହ ତାଙ୍କୁ ରାଜସ୍ୱ ଓ ଅର୍ଥ ବିଭାଗର ମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିଲା। ୧୯୭୧ରେ ବିଜୁ ପଟ୍ଟନାୟକ ୫ଟି ଆସନରୁ ଲଢି ପରାଜିତ ହୋଇଥିବାବେଳେ ପ୍ରହ୍ଲାଦ ମଲ୍ଲିକ କିନ୍ତୁ ଏକସଙ୍ଗେ ରାଜନଗର ଅଣସଂରକ୍ଷିତ ଓ ପଟ୍ଟାମୁଣ୍ଡାଇ ସଂରକ୍ଷିତ ଆସନରୁ ଉତ୍କଳ କଂଗ୍ରେସ ପ୍ରାର୍ଥୀଭାବେ ଲଢି ବିଜୟୀ ହୋଇଥିଲେ। ସେ ପଟ୍ଟାମୁଣ୍ଡାଇ ଆସନଟି ରଖି ରାଜନଗର ଆସନକୁ ଛାଡି ଦେବାରୁ ସେଠାରୁ ଉପନିର୍ବାଚନ ଲଢି ବିଜୁବାବୁ ବିଧାନସଭାକୁ ଆସିଥିଲେ। ଏଥର ବିଶ୍ୱନାଥ ଦାଶଙ୍କ ମନ୍ତ୍ରୀମଣ୍ଡଳରେ ପୁଣି ତାଙ୍କୁ ମିଳିଲା ଜଳସେଚନ ଓ ବିଦ୍ୟୁତ୍ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ।

କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ ଓ ରାଜନଗର ଆସନ ପରେ ସେ ବରି-ଡେରାବିଶ ଅଣସଂରକ୍ଷିତ କ୍ଷେତ୍ରରୁ ୧୯୭୪ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀଭାବେ ବିଜୟୀ ହେଲେ। ୧୯୭୭ରେ ସେ ଜନତା ପାର୍ଟିରୁ ପ୍ରାର୍ଥୀ ହୋଇ ପାଟକୁରାରୁ ନିର୍ବାଚିତ ହୋଇଥିଲେ। ସେତେବେଳେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ପରିସ୍ଥିତିକ୍ରମେ ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରୀ ହେଲେ ଏବଂ ଏହି ସରକାରରେ ପ୍ରହ୍ଲାଦ ମଲ୍ଲିକ କୃଷି, ସମବାୟ, ଜଳସେଚନ ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ମନ୍ତ୍ରୀ ଭାବେ ପୁଣି ଥରେ ତାଙ୍କ ଦକ୍ଷତା ପ୍ରତିପାଦିତ କରିଥିଲେ। ତେବେ ଜନତା ପାର୍ଟିରେ ବିଭାଜନ ଘଟି କେନ୍ଦ୍ରରେ ମୋରାରଜି ଦେଶାଇଙ୍କ ସରକାରର ପତନ ସହିତ ଚରଣ ସିଂଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଧର୍ମନିରପେକ୍ଷ ଜନତା ପାର୍ଟି ସରକାର ଗଠିତ ହେବାରୁ ଓଡିଶା ରାଜନୀତି ଉପରେ ମଧ୍ୟ ତାହାର ପ୍ରଭାବ ପଡିଲା। ଜନତା ପାର୍ଟି ଟିକେଟରେ ନିର୍ବାଚିତ ହୋଇଥିବା ପରିପ୍ରେକ୍ଷୀରେ ରାଜ୍ୟର ୩ଜଣ କ୍ୟାବିନେଟ୍ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକ, ପ୍ରଦୀପ୍ତ କିଶୋର ଦାସ ଓ ବିଶ୍ୱଭୂଷଣ ହରିଚନ୍ଦନ ନୀତିଗତ କାରଣରୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଲେ ଏବଂ ୨୯ଜଣ ବିଧାୟକଙ୍କ ସମର୍ଥନରେ ସେମାନେ ସରକାରରୁ ଅଲଗା ହୋଇ ବିରୋଧୀ ଦଳରେ ବସିଲେ ଓ ସର୍ବସମ୍ମତ ନିଷ୍ପତ୍ତିକ୍ରମେ ପ୍ରହ୍ଲାଦ ମଲ୍ଲିକ ରାଜ୍ୟ ବିଧାନସଭାରେ ବିରୋଧୀଦଳ ନେତା ଆସନରେ ବସିଲେ। ତାଙ୍କ ବ୍ୟକ୍ତିଗତ ଜୀବନରେ ଆଧାତ୍ମିକତା ଓ ଗାନ୍ଧୀ ବିଚାର ଛାଇହୋଇ ରହିଥିଲା। ତେଣୁ ସେ ପଦପଦବୀରେ ଥାଆନ୍ତୁ କି ନଥାନ୍ତୁ ସମାଜର ତଳେ ପଡିଥିବା ଲୋକଙ୍କୁ ଉପରକୁ ଉଠାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। କୃଷି ଓ ଜଳସେଚନର ବିକାଶ ପାଇଁ ସେ ମନ୍ତ୍ରୀ ଥିବାବେଳେ ବହୁ ଯୋଜନା ହାତକୁ ନିଆଯାଇ ସଫଳତାର ସହ କାର୍ଯ୍ୟ କରାଯାଇଥିଲା। ସେ ସମୟରେ ଭାରତର ରାଷ୍ଟ୍ରପତି ନିଲମ୍ ସଞ୍ଜୀବ ରେଡ୍ଡିଙ୍କୁ ଓଡ଼ିଶା ଆଣି ସେ ରେଙ୍ଗାଲି ନଦୀବନ୍ଧ ଯୋଜନାର ଶୁଭାରମ୍ଭ କରିଥିଲେ। ମହାନଦୀ-ଚିତ୍ରୋତ୍ପଳା ବ୍ୟାରେଜ୍ ବି ତାଙ୍କ ମାନସ ସନ୍ତାନ। ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ବ୍ୟାପକ କରିବା ସହ ଭୂତଳ ଜଳ ଉତ୍ସର ବିନିଯୋଗ ପାଇଁ ସେ ଉଠା ଜଳସେଚନ କାର୍ଯ୍ୟକ୍ରମ ବ୍ୟାପକ କରାଇଥିଲେ। କୃଷିର ବିକାଶ ପାଇଁ ତାଙ୍କର ଅନବଦ୍ୟ ଅବଦାନ ମଧ୍ୟରେ ବିଭିନ୍ନ ଅଞ୍ଚଳରେ କେନାଲ ସଂପ୍ରସାରଣ, ବନ୍ୟା କ୍ଷୟକ୍ଷତି ରୋକିବା ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ, କେନାଲ୍ ବନ୍ଧ କଡ଼ରେ ନଡ଼ିଆ ଗଛ ରୋପଣ ଆଦି ଅନେକ କାମ ସେ ସଫଳତାର ସହ କରାଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଲାଗି ବୃତ୍ତି ଅର୍ଥ ବଢ଼ାଇବା ସଂଗେ ସଂଗେ ତାଙ୍କ ମନ୍ତ୍ରିତ୍ୱ ସମୟରେ ସାରା ରାଜ୍ୟରେ ଅନେକ ଛାତ୍ର ଓ ଛାତ୍ରୀ ନିବାସ ନିର୍ମିତ ହୋଇଥିଲା ଏବଂ ଆଶ୍ରମ ବିଦ୍ୟାଳୟ ସଂଖ୍ୟା ବି ଢେର ବଢ଼ିଥିଲା। ପରବର୍ତ୍ତୀ ସମୟରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାର ଅମଳରେ ୮୦ଦଶକର ଦ୍ୱିତୀୟାର୍ଦ୍ଧରେ ସେ କ୍ୟାବିନେଟ୍ ମର୍ଯ୍ୟାଦା ସହ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଭାବେ ଅବସ୍ଥାପିତ ହୋଇ ରାଜ୍ୟର ବିକାଶ ଲାଗି ଅନେକ ବାସ୍ତବାଭିମୁଖୀ ପ୍ରସ୍ତାବ ରଖିଥିଲେ ଯାହା ପରବର୍ତ୍ତୀ ସମୟରେ ରୂପାୟିତ ହୋଇ ରାଜ୍ୟକୁ ବେଶ୍ ଫାଇଦା ଦେଇଛି।

ଦେଶର ଶାସନ ବ୍ୟବସ୍ଥାରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ସ୍ୱେଚ୍ଛାଚାରିତା ଭରିଯାଇ ଏକ ବିଷାକ୍ତ ବାତାବରଣ ସୃଷ୍ଟି ହୋଇଥିବାବେଳେ ଏଥିରୁ ନିସ୍ତାର ଲାଗି ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଚାଲିଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସେ ଥିଲେ ଆଗ ଧାଡିର ଜଣେ ଲଢୁଆ ସତ୍ୟାଗ୍ରହୀ। ଏହି ଆନ୍ଦୋଳନ ଏତେ ତୀବ୍ର ହେଲା ଯେ, ଏହାକୁ ଦବାଇବା ପାଇଁ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ଜୁନ୍‌ରେ ସାରା ଦେଶରେ ଜାରି କରିଥିଲେ ଜାତୀୟ ଜରୁରୀ ପରିସ୍ଥିତି। ଏଥିଯୋଗୁ ହଜାର ହଜାର ନେତା, କର୍ମୀ ଏବଂ ଗଣତନ୍ତ୍ର ପ୍ରେମୀ ଛାତ୍ର ଓ ଯୁବକ ଗିରଫ ହୋଇଥିଲେ। ସେ ବି ଜରୁରୀ ପରିସ୍ଥିତି ସମୟରେ ୧୯ମାସ ଧରି କାରାରୁଦ୍ଧ ହୋଇଥିଲେ। ଆମ ଗଣତନ୍ତ୍ର ଓ ରାଜନୈତିକ ବ୍ୟବସ୍ଥାରେ ଈର୍ଷା, ଦ୍ୱେଷ, ମିଥ୍ୟାଚାର, ପରଶ୍ରୀକାତରତା, ହିଂସା, ନିଶା ଆଦି କଳଙ୍କିତ ଭୂମିକା ନିର୍ବାହ କରୁଥିବାବେଳେ ପ୍ରହ୍ଲାଦ ମଲ୍ଲିକ କିନ୍ତୁ ସ୍ନେହ, ଶ୍ରଦ୍ଧା, ସମର୍ପଣ ଓ ସଦ୍‌ଭାବନା ଆଧାରରେ ଯଥାସାଧ୍ୟ ନିରପେକ୍ଷ ଭାବେ କାମ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ପ୍ରତିପକ୍ଷ ଲାଗି ପ୍ରତିହିଂସା ପରାୟଣ ନହୋଇ ସେମାନଙ୍କ ସମାଲୋଚନାକୁ ସେ ଧୈର୍ଯ୍ୟର ସହ ଶୁଣୁଥିଲେ ଏବଂ ବିରୋଧୀ ଦଳରେ ଥିବାବେଳେ ବି ଗଠନମୂଳକ ସମାଲୋଚନା ମାଧ୍ୟମରେ ସରକାର ଉପରେ ଲଗାମ କଷିବା ଲାଗି ସେ ଅହରହ ଉଦ୍ୟମ କରୁଥିଲେ। ଯେତେବେଳେ ଯେଉଁ ଦଳରେ ରହିଲେ ବି, ସାଧାରଣ ଲୋକ ଓ ଦଳୀୟ କର୍ମୀଙ୍କ ପାଇଁ ସେ ଦିଗବାରେଣୀ ହୋଇ କାମ କରୁଥିଲେ। ରାଜନୈତିକ କ୍ଷେତ୍ରରେ ପ୍ରତିପକ୍ଷଙ୍କୁ ସମ୍ମାନ ଦେବା ଥିଲା ତାଙ୍କର ଏକ ବିଶେଷ ଗୁଣ।

ଏଭଳି ଜଣେ ସମର୍ପିତ ଜନସେବକ, ଦକ୍ଷ ସଂଗଠକ ଓ ବରିଷ୍ଠ ରାଜନେତାଙ୍କ ସହିତ ବିଜୁ ବାବୁଙ୍କର ଥିଲା ଅନ୍ତରଙ୍ଗ ସମ୍ପର୍କ। ତେବେ କିଛି କୁଚକ୍ରୀ ଏହା ସହ୍ୟ କରି ନପାରି ଏହି ଦୁଇ ଜନନେତାଙ୍କ ମଧ୍ୟରେ ରାଜନୈତିକ ଫାଟ ସୃଷ୍ଟି କରିବା ସଫଳ ହୋଇଥିଲେ ମଧ୍ୟ ବ୍ୟକ୍ତିଗତ ସ୍ତରରେ ଦୁହେଁ ଦୁହିଁଙ୍କୁ ବେଶ୍ ଭଲ ପାଉଥିଲେ। ୧୯୯୦ରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜନତା ଦଳ ଓଡିଶାରେ ବିଧାନସଭାର ୧୨୩ଟି ଆସନ ଅକ୍ତିଆର କରି ସରକାର ଗଠନ କଲା। ସେବର୍ଷ ମାର୍ଚ୍ଚ ୫ ତାରିଖରେ ବିଜୁ ବାବୁ ଏକାକୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଏବଂ ୧୦ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୧୫ ତାରିଖରେ ତାଙ୍କ ମନ୍ତ୍ରୀମଣ୍ଡଳ ଗଢିଲେ। ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କ ଶପଥ ପାଠ ଉତ୍ସବ ପରେ ସେଦିନ ବିଜୁ ବାବୁ ଦିଲ୍ଲୀ ଗଲେ ଏବଂ ସେହି ରାତିରେ କ୍ୟାପିଟାଲ ହସ୍ପିଟାଲରେ ପ୍ରହ୍ଲାଦ ମଲ୍ଲିକ ଶେଷ ନିଶ୍ୱାସ ତ୍ୟାଗକଲେ ମାତ୍ର ୬୧ ବର୍ଷ ବୟସରେ। ଖବର ପାଇ ବିଜୁ ବାବୁ ତାଙ୍କ ଦିଲ୍ଲୀଗସ୍ତ କାଣ୍ଟଛାଣ୍ଟ କରି ଭୁବନେଶ୍ୱର ଫେରିଆସିଲେ ଏବଂ ସେ ଶେଷଦର୍ଶନ ନକରିବା ପର୍ଯ୍ୟନ୍ତ ସହକର୍ମୀ ପ୍ରହ୍ଲାଦ ମଲ୍ଲିକଙ୍କ ଅନ୍ତିମ ସଂସ୍କାର ନକରିବାକୁ ମଧ୍ୟ ଖବର ଦେଇଥିଲେ। ଏହି ନିରଳସ କର୍ମଯୋଗୀ ଓ ନିରୋଳା ଭଲ ମଣିଷଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ୧୯୭୭ରୁ ତାଙ୍କ ଅବର୍ତ୍ତମାନ ପର୍ଯ୍ୟନ୍ତ ଯୋଡିହୋଇ ରହିଥିଲା। ୧୯୯୦ ମାର୍ଚ୍ଚ ୧୬ ତାରିଖ ପୂର୍ବାହ୍ନରେ ବିଜୁ ବାବୁ ଦିଲ୍ଲୀରୁ ଫେରି ବିମାନ ବନ୍ଦରରୁ ସିଧା ଆସିଥିଲେ ରାଜଧାନୀର ଏକ ନମ୍ବର ୟୁନିଟ୍‌ରେ ଥିବା ପ୍ରହ୍ଲାଦ ମଲ୍ଲିକଙ୍କ ସରକାରୀ ବାସଭବନକୁ। ସେଠି ତାଙ୍କ ଶବାଧାରରେ ପୁଷ୍ପାର୍ଘ୍ୟ ଅର୍ପଣ କଲାବେଳେ ବିଜୁ ବାବୁଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇ ପଡୁଥିବାବେଳେ ଆଖିରୁ ବି ଝରି ପଡିଥିଲା କେଇଟୋପା ଲୁହ। ପୁରୀ ସ୍ୱର୍ଗଦ୍ୱାରରେ ଦଳମତ ନିର୍ବିଶେଷରେ ଶୁଭେଚ୍ଛୁ, ସହକର୍ମୀ ଓ ଜ୍ଞାତିପରିଜନଙ୍କ ଗହଣରେ ତାଙ୍କ ମରଶରୀର ପାଉଁଶ ହୋଇଯିବା ସହ ସତ୍ୟ, ଅହିଂସା, ସେବା ଓ ସମର୍ପଣର ଭାବ ନେଇ ନିରନ୍ତର ସେବା କ୍ଷେତ୍ରରେ ନିଜକୁ ଜଡାଇ ରଖିଥିବା ଏକ ପବିତ୍ର ଦିବ୍ୟାତ୍ମା ପରମାତ୍ମାଙ୍କ ଠାରେ ଲୀନ ହୋଇଗଲା।

କ୍ଷମତା ରାଜନୀତିକୁ ସେବା ଓ ସଂସ୍କାରର ମାଧ୍ୟମ ଭାବେ ଗ୍ରହଣ କରିନେଇ ଜଣେ ବନ୍ଧୁବତ୍ସଳ, ନିରହଙ୍କାରୀ ଓ ସମର୍ପିତ ନେତାଭାବେ ଓଡିଶାର ରାଜନୈତିକ ଇତିହାସରେ ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଯାଇଛନ୍ତି ସେ। ତାଙ୍କ ପାଇଁ ରାଜନୀତି ଥିଲା ସେବା, ସଂଗ୍ରାମ, ସାଧନା, ସମର୍ପଣ, ସ୍ନେହ, ସଦିଚ୍ଛା, ଶ୍ରଦ୍ଧା, ସ୍ୱାଭିମାନ ଓ ସଂସ୍କାରର କ୍ଷେତ୍ର। ବିଧାୟକ, ମନ୍ତ୍ରୀ, ବିରୋଧୀଦଳ ନେତା, ରାଜ୍ୟ ଯୋଜନାବୋର୍ଡ ସଦସ୍ୟ ଆଦି ପଦବୀଗୁଡିକରେ ଅଧିଷ୍ଠିତ ହୋଇ ସେ ଯେଉଁଭଳି ନିରଳସ ଜନସେବକ ଭାବେ କାମ କରିଯାଇଥିଲେ ତାହା ବର୍ତ୍ତମାନ ପିଢିର ରାଜନେତାମାନେ ହୁଏତ ବିଶ୍ୱାସ କରିବେନାହିଁ। ସ୍ନେହ, ସଦିଚ୍ଛା, ଶ୍ରଦ୍ଧା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ପ୍ରହ୍ଲାଦ ମଲ୍ଲିକଙ୍କ ରାଜନୈତିକ ଜୀବନକୁ ଆଚ୍ଛାଦିତ କରି ରଖିଥିଲା ଆଧାତ୍ମିକତା। ସ୍ରୋତର ଅନୁକୂଳ ଦିଗରେ କୁଟା, କାଠି, ପତରଠାରୁ ଆରମ୍ଭ କରି ମୁର୍ଦ୍ଦାର ପର୍ଯ୍ୟନ୍ତ ଭାସି ଯାଆନ୍ତି। ତେବେ ସ୍ରୋତର ଆହ୍ୱାନକୁ ଗ୍ରହଣ କରି ଏହାର ପ୍ରତିକୂଳ ଦିଗରେ ଯେଉଁମାନେ ସଫଳତାର ସହ ସନ୍ତରଣ କରନ୍ତି ସେମାନେ ନିଜ ଜୀବନକୁ ସାର୍ଥକ କରିବା ସହ ସମାଜ ଜୀବନକୁ ବି ଉନ୍ନତ କରିଥାନ୍ତି। ଏହିମାନଙ୍କୁ ଲୋକେ କୁହନ୍ତି ଯୁଗଜନ୍ମା ଓ ଯୋଗଜନ୍ମା। ଘାତପ୍ରତିଘାତ ଓ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ସେମାନଙ୍କ ଜୀବନର ଧର୍ମ ପାଲଟିଯାଏ। ସେମାନେ କେବେହେଲେ ବିପଦରେ ଭାଙ୍ଗି ପଡନ୍ତି ନାହିଁ କିମ୍ବା ସମ୍ପଦରେ ଉତ୍ଫୁଲିତ ହୁଅନ୍ତି ନାହିଁ। ପରମାତ୍ମାଙ୍କ ଅଂଶ ଭାବେ ସେମାନଙ୍କ ଆତ୍ମା ଅନ୍ୟଠାରୁ ଦୁଃଖ ବାଣ୍ଟିନେବା ସହ ଅନ୍ୟକୁ ସୁଖ ବାଣ୍ଟିବାରେ ପ୍ରାଧାନ୍ୟ ଦିଏ। ସମସ୍ତଙ୍କର କୁଶଳ କାମନା ଏମାନଙ୍କ ଜୀବନର ବୀଜମନ୍ତ୍ର ହୋଇଥାଏ। ନମ୍ରତା, ନିଷ୍ଠା, ସହନଶୀଳତା ସହିତ ଅନ୍ୟକୁ ସମ୍ମାନ ଦେଇ ଏମାନେ ନିଜକୁ ସେବା କ୍ଷେତ୍ରରେ ହଜାଇ ଦିଅନ୍ତି। ଏ ସବୁ ଗୁଣର ସମାହାର ଥିଲା ଜନନେତା ପ୍ରହ୍ଲାଦ ମଲ୍ଲିକଙ୍କ ନିର୍ମଳ ଜୀବନ। ବର୍ତ୍ତମାନର କ୍ଷମତାସର୍ବସ୍ୱ ରାଜନେତାମାନେ ଯଦି ଏଭଳି ବିରଳ ନେତୃତ୍ୱଙ୍କ ଚିନ୍ତା, କାମ ଓ କଥାର ଅନୁସରଣ କରନ୍ତେ ତେବେ ବହୁ ସମସ୍ୟାର ସରଳ ଓ ସହଜ ସମାଧାନ ହୋଇପାରନ୍ତା ଏବଂ ଶାନ୍ତି ଓ ପ୍ରଗତିର ଆଲୋକରେ ଆମେ ଆଲୋକିତ ହୋଇପାରନ୍ତେ।

# ମକର ପର୍ବ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଭାରତ ହେଉଛି ଏକ ସଂସ୍କୃତି ସଂପନ୍ନ ରାଷ୍ଟ୍ର । ଆଦିମ କାଳରୁ ଏଯାବତ୍ ମଣିଷ ସୂର୍ଯ୍ୟଚନ୍ଦ୍ର, ନଦନଦୀ,ସମୁଦ୍ର ପର୍ବତ,ବୃକ୍ଷଲତା, ପଶୁପକ୍ଷୀ, ସରୀସୃପ, ଗ୍ରହନକ୍ଷତ୍ର ଆଦିକୁ ପୂଜା କରିଆସିଛି । ବିଭିନ୍ନ ସମୟରେ ଓଷାବ୍ରତ କରି ପ୍ରକୃତି ତଥା ପରିବାରକୁ ଅନେକ ବିପଦ ଆପଦରୁ ରକ୍ଷା କରିପାରିଛି । ବିଭୁକୃପା ଲାଭ କରିପାରିଛି । ତା ମଧ୍ୟରେ ଉତ୍କଳ ହେଉଛି ସଂସ୍କୃତିର ଗନ୍ତାଘର । ଜଗନ୍ନାଥ ସଂସ୍କୃତି ହେଉଛି ଉତ୍କଳର ସଂସ୍କୃତି । ଏଠାରେ ଅନୁଷ୍ଠିତ ହୁଏ ବାରମାସରେ ତେରପର୍ବ । ସହର ହେଉ କି ଗାଁ ସବୁଠାରେ ଥାଏ ବିଭିନ୍ନ ପର୍ବପର୍ବାଣିର ଆନନ୍ଦ । ସାଧାରଣ ଜନତାର ଆଚାର ବିଚାର ବିଧି ବିଧାନ, ନାଚଗୀତ. ସୁଖ ଦୁଃଖ, ହସଲୁହ ପର୍ବପର୍ବାଣି ପରମ୍ପରାକୁ ନେଇ ଗଢା ଆମ ଲୋକ ସଂସ୍କୃତି । ତାକୁ ବାଦ୍ ଦେଲେ କର୍ମକ୍ଳାନ୍ତ ଜୀବନରେ ଖୁସି ଅନୁଭୂତ ହୁଏନାହିଁ କି ସରସ ସୁନ୍ଦର କରି ଗଢି ହୁଏନାହିଁ । ପୁରପଲ୍ଲୀରେ ଆନନ୍ଦ ଉଦ୍ଦୀପନା ବି ରହେନାହିଁ । ଜୀବନ ନିରସବୋଧ ମନେହୁଏ । ତେଣୁ ବିଭିନ୍ନ ପର୍ବପର୍ବାଣି ପାଳନ ଦ୍ୱାରା ମାନସିକ ଶାନ୍ତି ମିଳିଥାଏ ଘରର ସ୍ୱଚ୍ଛତା ପ୍ରତି ମଧ୍ୟ ସମୟ ସମୟରେ ଧ୍ୟାନ ଦେଇହୁଏ । ବର୍ଷକ ବାରମାସ ଛ ଋତୁ ସବୁ ମାସରେ କିଛି ନା କିଛି ଆମ ଜୀବନକୁ ରସାଣିତ କରିଥାଆନ୍ତି । ସେମିତି ଏକ ହିନ୍ଦୁ ମାନଙ୍କର ପର୍ବ ହେଉଛି ମକର ସଂକ୍ରାନ୍ତି ମାଘମାସର ସଂକ୍ରାନ୍ତିକୁ କୁହାଯାଏ ମକର ସଂକ୍ରାନ୍ତି , ଉତ୍ତରାୟଣ। ବିହୁ, ଲୋହଡି ବା ଦାକ୍ଷିଣାତ୍ୟର ପୋଙ୍ଗଲ ପର୍ବ । ଏହି ଓଷା ଓଡିଶା ତଥା ଉତ୍ତର ଓ ଦାକ୍ଷିଣାତ୍ୟରେ ମଧ୍ୟ ଖୁବ୍ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଏ ।

ମକର ସଂକ୍ରାନ୍ତି ବର୍ଷର ଏକ ନିର୍ଦ୍ଦିଷ୍ଟ ତାରିଖ ତଥା ଜାନୁୟାରୀ ଚଉଦ ଦିନ ପ୍ରତ୍ୟେକ ବର୍ଷ ପାଳନ କରାଯାଏ । କେବେ କେବେ ଏହି ସଂକ୍ରାନ୍ତି ଜାନୁୟାରୀ ତେର କିମ୍ବା ପନ୍ଦର ତାରିଖରେ ପଡିବାର ଦୃଷ୍ଟାନ୍ତ ରହିଛି । କୃଷି ସହିତ ସୂର୍ଯ୍ୟ ଉପାସନାର ଏକ ବିଶିଷ୍ଟ ପର୍ବ ହେଉଛି ମକର ସଂକ୍ରାନ୍ତି।

ମକର ସଂକ୍ରାନ୍ତି ଭାରତର ସବୁ ପ୍ରାନ୍ତର ଲୋକେ ଭିନ୍ନ ଭିନ୍ନ ନାମରେ ପାଳନ କରିଥାନ୍ତି । ମକର ନାମ ସ୍ମରଣ ମାତ୍ରକେ ମନେ ପଡିଯାଏ ମକର ବୁଡ଼, ମକରମେଳା, ମକର ଚାଉଳ, ମକର ମଣ୍ଡା, ଟୁସୁପର୍ବ, ମାଘମେଳା ଓ କୁମ୍ଭମେଳା କଥା । ପୁଣ୍ୟ ନଦୀ ମାନଙ୍କରେ ଯଥା ଗଙ୍ଗା, ଗୋଦାବରୀ , କୃଷ୍ଣା, କାବେରୀ ନଦୀରେ ବୁଡ଼ ପକାଇବା କଥା । ବାରବର୍ଷରେ ଥରେ ପ୍ରୟାଗ ତୀର୍ଥରେ ଶ୍ରଦ୍ଧାଳୁ ମାନଙ୍କର ମାଘମେଳା ତଥା କୁମ୍ଭମେଳା ବୁଡ କଥା । ସୌରଗଣନା ଅନୁସାରେ ପ୍ରତି ସଂକ୍ରାନ୍ତି ଦିନ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରି ଏକମାସ ଅବସ୍ଥାନ କରନ୍ତି ମକରସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିକୁ ଗମନ କରନ୍ତି । ସମଗ୍ର ଭାରତବର୍ଷରେ ଏଥିପାଇଁ ସୂର୍ଯ୍ୟ ଉପାସନାକୁ କେନ୍ଦ୍ରକରି ମକରସଂକ୍ରାନ୍ତି ପାଳନ କରାଯାଏ । ରାଶିଚକ୍ର ଅନୁସାରେ ଆମର ବାରୋଟି ରାଶି । ଦଶମ ରାଶି ହେଉଛି ମକର ରାଶି । ଯେଉଁଦିନ ମକର ରାଶିକୁ ସୂର୍ଯ୍ୟ ସ୍ପର୍ଶ କରନ୍ତି ସେହିଦିନ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୁଏ। ସୂର୍ଯ୍ୟଙ୍କର ପ୍ରତ୍ୟେକ ରାଶିର ସଂକ୍ରମଣକୁ ସଂକ୍ରାନ୍ତି ବୋଲି କୁହାଯାଏ । ମକର ସଂକ୍ରାନ୍ତି ଦେବତାଙ୍କ ଦିନାରମ୍ଭ ଦିବସ ରୂପେ ସୂଚିତ ହୋଇଥାଏ । ଏହି ସମୟରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଫଳରେ ଦିନ ବଡ ହୋଇଥାଏ । ଶୀତ ଯାଇ ସୂର୍ଯ୍ୟଙ୍କର ତେଜ ପ୍ରଖର ହୁଏ । ଏହିଦିନ ସୂର୍ଯ୍ୟ ମକରକ୍ରାନ୍ତି ରେଖାକୁ ସ୍ପର୍ଶ କରନ୍ତି । ଏହିଦିନ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରାକରି ମାସ ସମୟ ଅବସ୍ଥାନ କରୁଥିବାରୁ ବିବାହ ବ୍ରତ, ଯଜ୍ଞ, ଗୃହପ୍ରତିଷ୍ଠା, ବାଣିଜ୍ୟ ଆରମ୍ଭ ପ୍ରଭୃତି ଶୁଭକାର୍ଯ୍ୟ ଅନୁଷ୍ଠିତ ହୁଏ ।

ତପସ୍ୱୀ ସାଧୁ ସନ୍ୟାସୀ ସମସ୍ତେ ସୂର୍ଯ୍ୟ ଉପାସନା କରିଥାନ୍ତି । ପ୍ରୟାଗ, ଗଙ୍ଗାସାଗର, ପୁରୀ ଚନ୍ଦ୍ରଭାଗା ପବିତ୍ର ତୀର୍ଥମାନଙ୍କରେ ନରନାରୀମାନେ ସ୍ନାନକରି ତିଳ ଓ ସୁମିଷ୍ଟ ଦ୍ରବ୍ୟ ଦାନ କରନ୍ତି । ଏହି ସମୟରେ ଫସଲ କଟାହୋଇ ନୂଆ ଧାନ ଅମଳ ହେଇ ନୂଆ ଚାଉଳ ହୋଇ ସାରିଥାଏ । ଏହି ସମୟ ମଧ୍ୟ ଧର୍ମକାର୍ଯ୍ୟ ପାଇଁ ଅନୁକୂଳ ଥାଏ ତେଣୁ ଅକଣ୍ଡା, ଅକ୍ଷତ ଚାଉଳକୁ ନଡିଆ, ନୂଆଗୁଡ, ଆଖୁରସ, କଦଳୀ ସହ ମିଶାଇ ମକର ଚାଉଳ କରି ସୂର୍ଯ୍ୟଦେବତାଙ୍କୁ ସମର୍ପଣ କରି ସେବନ କଲେ ରୋଚକ ଓ ସ୍ୱାସ୍ଥ୍ୟବର୍ଦ୍ଧକ ହୋଇଥାଏ । ମକର ପିତନାଶକ ସମୟ । ଲୋକେ ଏହି ମକର ଚାଉଳକୁ ପରସ୍ପରକୁ ଖୁଆଇ ମକର ବସିଥାନ୍ତି । କଥାରେ ଅଛି ମକରେ ସୂର୍ଯ୍ୟ ବଢନ୍ତି ବକରେ । ସୂର୍ଯ୍ୟ ପୃଥିବୀର ସମ୍ପର୍କ ଖୁବ୍ ନିବିଡ । ଏହି ଦିନ ଠାରୁ ସୂର୍ଯ୍ୟଙ୍କର ବକ୍ର ଗତି ହେତୁ ଶୀତଋତୁର ବିଦାୟ ହୋଇଥାଏ ଏବଂ ଗ୍ରୀଷ୍ମଋତୁର ଅୟମାରମ୍ଭ ହୋଇଥାଏ । ମକର ପୂର୍ବରୁ ଶୀତର ପ୍ରକୋପ କମି ନ ଥିବାରୁ ଲୋକେ ଥଣ୍ଡାଜଳକୁ ଡରି ତା ଠାରୁ ଦୂରେଇ ରହିଥାନ୍ତି ତେଣୁ ଅନେକ ଭକ୍ତ ଏହିଦିନ ଏକ ପବିତ୍ର ସ୍ନାନରୁଆରମ୍ଭ କରନ୍ତି ଦିନଚର୍ଯ୍ୟା । ଏହି ମାଘ ବୁଡ ପରେ ମହାପ୍ରଭୁ ଧବଳେଶ୍ୱରଙ୍କ ପାଖରେ ମକର ମେଳା ହୁଏ । ଅତ୍ରିର ହଟକେଶ୍ୱର ଓ ବାଲେଶ୍ୱରର ମକରମୁନି ପୀଠରେ ମଧ୍ୟ ମକର ମେଳା ଅନୁଷ୍ଠିତ ହୁଏ । ମୟୁରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କୋରାପୁଟ ଓ ସୁନ୍ଦରଗଡ ଅଂଚଳ ଗୁଡିକରେ ଲୋକ ପରମ୍ପରା ଅନୁଯାୟୀ ଖୁବ୍ ଉତ୍ସାହରେ ଗୀତଗାଇ ନାଚି ଏହିପର୍ବ ପାଳନ କରିଥାନ୍ତି । ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ଏହିପର୍ବକୁ ତିନିଦିନ ପାଳନ କରିଥାନ୍ତି । ପୁରୁଷ ଓ ସ୍ତ୍ରୀ ମାନେ ଗୀତ ଗାଇ ନାଚି ମାଦଳର ତାଳେ ତାଳେ ବିଭୋର ହୋଇ ବନଭୂମିକୁ କରନ୍ତି ଉତ୍ସବ ମୁଖର । ସେମାନଙ୍କ ମଧ୍ୟରେ ତୀରମରା, ବୃକ୍ଷପୂଜା, କୁକୁଡା ଗଞ୍ଜା ଲଢେଇ ଆଦି ପ୍ରତିଯୋଗିତା ମାନ ହୁଏ। ଗୋଟିଏ ବୃକ୍ଷକୁ ପୂଜାକରି ସେହି ବୃକ୍ଷ ନିକଟରେ ଭୋଗ ଦେଇ ସେହି ଗଛକୁ ଲକ୍ଷ୍ୟ କରି ଶର ନିକ୍ଷେପ କରନ୍ତି ଯାହାର ତୀର ଗଛର ନିର୍ଦ୍ଦିଷ୍ଟ ସ୍ଥାନରେ ବାଜେ ତାକୁ ନୂଆଲୁଗା ଓ ଉପଢୌକନ ଦେଇ ସମ୍ମାନିତ କରାଯାଏ । କାନ୍ଧରେ ବସାଇ ବାଜା ବଜାଇ ଗ୍ରାମରେ ବୁଲାଯାଏ । ଏହି ସମ୍ପ୍ରଦାୟର ଲୋକେ ସେହି ଦିନଠାରୁ ବଣକୁ ଶୀକାର କରିବାକୁ ଯାଇଥାନ୍ତି । ଏହି ଉତ୍ସବ ଟୁସୁପର୍ବ ନାମରେ ଖ୍ୟାତ । ଲୋକ ସଂସ୍କୃତିରେ ଏହା ଏକ ମହାନ୍ ପର୍ବ ଭାବେ ପରିଚିତ । ପ୍ରଥମ ଦିନ ଚାଉଳଧୁଆ, ଦ୍ୱିତୀୟ ଦିନ ବାହୁଣ୍ଡି ଓ ତୃତୀୟଦିନ ମକରପର୍ବ ରୂପେ ପାଳିତ ।

ମହାଭାରତ ଅନୁସାରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ଏହି ଉତରାୟଣ ସଂକ୍ରାନ୍ତ ଆଗମନକୁ ଅପେକ୍ଷା କରିଥିଲେ । ହିନ୍ଦୁ ମାନଙ୍କର ବିଶ୍ୱାସ ଅଛି ଉତ୍ତରାୟଣ ପରେ ଦେହତ୍ୟାଗ କରୁଥିବା ମଣିଷ ମାନଙ୍କର ପୁନର୍ଜନ୍ମ ହୁଏନାହିଁ । ମକର ସଂକାନ୍ତି ଦିନ ଦଧିମନ୍ଥନ ବ୍ରତ ପାଳନ କରାଯାଏ । ଭୂମିକୁ ଲିପିପୋଛି ତା ଉପରେ ଗହମ ଓ ଅକ୍ଷତ ରଖି ଏକ ପୂର୍ଣ୍ଣ ଦଧିଭାଣ୍ଡ ରଖି ମନ୍ଥନ କରି କୃଷ୍ଣ ଯଶୋଦାଙ୍କୁ ପୂଜାର୍ଚ୍ଚନା କରାଯାଏ । ଶ୍ରୀକ୍ଷେତ୍ରରେ ବଡଠାକୁର ପାଖରେ ମକର ସଂକ୍ରାନ୍ତି ଉତ୍ସବ ମହା ସମାରୋହରେ ପାଳିତ ହୁଏ । ନବାଙ୍କ ଯାତ୍ରା ହୁଏ । ସଂକ୍ରାନ୍ତି ଦିନ ମକର ଚାଉଳ ଭୋଗ ଲାଗିହୁଏ । ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କର ଆଳତୀ ଅବକାଶ ହୁଏ । ମକର ଚୂଳ ତ୍ରିମୁଣ୍ଡିରେ ଲାଗିହୁଏ । ଏହିଦିନ ପ୍ରସିଦ୍ଧ ଗଙ୍ଗାସାଗର ମେଳା ବା ମାଘମେଳା ଅନୁଷ୍ଠିତ ହୁଏ । ପ୍ରୟାଗ, ତ୍ରିବେଣୀ, ହରିଦ୍ୱାର ପ୍ରଭୃତି ସ୍ଥାନରେ ଶ୍ରଦ୍ଧାଳୁ ମାନେ ବୁଡ଼ ପକାଇଥାନ୍ତି । ମକର ସଂକ୍ରାନ୍ତି ଠାରୁ ଏକମାସ ଧରି ମାଘମେଳା ହୁଏ ।

ଓଡିଶାର ଯୋରନ୍ଦାର ମହିମା ଗାଦିରେ ପ୍ରସିଦ୍ଧ ମାଘମେଳା ବା ମହିମାଧର୍ମର ମେଳା ଅନୁଷ୍ଠିତ ହୁଏ । ମାଘ ଶୁକ୍ଳ ଚତୁର୍ଦ୍ଦଶୀ ସଂଧ୍ୟାରେ ଅଲେଖମହିମା ଧର୍ମର ସାଧୁ ସନ୍ୟାସୀମାନେ ଏକତ୍ରିତ ହୋଇ ତିନିଦିନ ପାଳନ କରନ୍ତି । ବିଶ୍ୱର ମଙ୍ଗଳ ପାଇଁ ମହଣ ମହଣ ଘିଅରେ ଜଳାନ୍ତି ଝାଡ଼ଦୀପ । ମହାଲକ୍ଷ୍ମୀ ଧନୁସଂକ୍ରାନ୍ତି ଠାରୁ ନିଜ ପିତୃଗୃହକୁ ଯାତ୍ରାକରି ଶ୍ରୀ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି ମକର ସଙ୍କ୍ରାନ୍ତିରେ । ସାଙ୍ଗରେ ଆଣିଥିବା ପାନଗୁଆ, ମକର ଚାଉଳ ଓ ଧନୁମୁଆଁ ଆଦି ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଏ । ମକର ସଂକ୍ରାନ୍ତି ଦିନ ଭିନ୍ନ ଭିନ୍ନ ଖାଦ୍ୟ ସହ ଖେଚୁଡି ତିଆରି କରିବାର ଓ ଖାଇବାର ବିଶେଷ ମହତ୍ତ୍ୱ ଥାଏ । ଏହାକୁ ଅନେକ ସ୍ଥାନରେ ଖେଚୁଡି ପର୍ବ ମଧ୍ୟ କୁହାଯାଏ । ଏହି ସମୟରେ ଧାନ ଅମଳ ସରି ଯାଇଥିବାରୁ ଆମ ଓଡିଶାର ଲୋକମାନେ ସେମାନଙ୍କର ପାଛିଆ, ଟୋକେଇ, ମାଣ, ଗୌଣି ରେ ଧାନ ଭର୍ତି କରି ଗୋବର ଲିପି ମେରିଖୁଂଟକୁ ଡେରି ରଖନ୍ତି । ତା ଉପରେ କଦଳୀ, ନଡିଆ, ଦୁବ, ବରକୋଳିପତ୍ର ଗୁଆ ରଖି ପୂଜା କରନ୍ତି ସଂଧ୍ୟା ହେଲେ ଅମାରରେ ଧାନ ରଖନ୍ତି । ଏହି ସମୟରେ ଦାକ୍ଷିଣାତ୍ୟରେ ନୂତନ ବର୍ଷର ଆରମ୍ଭ ରୂପେ ପୋଙ୍ଗଲ ପର୍ବ ପାଳନ କରନ୍ତି । ଆନ୍ଧ୍ରପ୍ରଦେଶରେ ପୋଙ୍ଗଲ ନାମରେ ନାମିତ ଏ ପର୍ବ । ଏହିପର୍ବ ଚାରିଦିନ ପାଳନ କରାଯାଏ ଦାକ୍ଷିଣାତ୍ୟରେ ସଂକ୍ରାନ୍ତିର ପୂର୍ବଦିନକୁ ଭୋଗି ପୋଙ୍ଗଲ କୁହାଯାଏ । ପୋଙ୍ଗଲ ଅର୍ଥ କ୍ଷୀରରେ ଫୁଟୁଥିବା ନୂଆ ଚାଉଳର ଖିରି ପ୍ରସାଦ ରୂପେ ଦେବୀ ଦେବତାଙ୍କୁ ଅର୍ପଣ କରାଯାଏ । ଏହିଦିନ ପ୍ରତ୍ୟୁଷରୁ ସ୍ନାନ ସାରି ଗୃହର ଅଦରକାରୀ ଓ ମଇଳା ଦ୍ରବ୍ୟମାନଙ୍କୁ ଏକାଠି କରି ଅଗ୍ନିରେ ଦାହ କରାଯାଏ । ଚାଉଳ ଚୁନା ବା ଝୋଟିରେ ବିଭିନ୍ନ ଚିତା କରାଯାଏ । ଏହି ଭୋଗୀ ପର୍ବ ତାମିଲନାଡୁ, ମହାରାଷ୍ଟ୍ରରେ ମଧ୍ୟ ନିଷ୍ଠାର ସହ ପାଳନ କରାଯାଏ । ଇନ୍ଦ୍ରଦେବତାଙ୍କୁ ବର୍ଷା ଭଲ ହେବାପାଇଁ ପ୍ରଥମ ଭୋଗ ସମର୍ପଣ କରାଯାଏ । ସମ୍ବର, ଚଟଣି, ଖେଚୁଡି ଅର୍ପଣ କରାଯାଏ । ଦ୍ୱିତୀୟ ଦିନକୁ ସୂର୍ଯ୍ୟ ପୋଙ୍ଗଲ କୁହାଯାଏ । । ଭଗବାନ ସୂର୍ଯ୍ୟଙ୍କୁ ପୋଙ୍ଗଲ ଅର୍ଥାତ୍ ନୂଆଚାଉଳରେ କ୍ଷିରି ଅର୍ପଣ କରାଯାଏ । ମକର ଚାଉଳ ମଧ୍ୟ ପ୍ରସ୍ତୁତ କରି ସୂର୍ଯ୍ୟଙ୍କୁ ଅର୍ପଣ କରାଯାଏ । ତୃତୀୟଦିନ ମାଟୁ ପୋଙ୍ଗଲ ଅର୍ଥାତ୍ କୃଷକ ନିଜ ବଳଦକୁ ସ୍ନାନ କରାଇ ଫୁଲମାଳ ପ୍ରଦାନ ପୂର୍ବକ ପୂଜା କରନ୍ତି । ଗାଁ ପରିକ୍ରମା କରିଥାନ୍ତି । ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଥାନ୍ତି । ଶେଷଦିନ ଘରର କନ୍ୟାଙ୍କୁ ନିମନ୍ତ୍ରଣ କରିଥାନ୍ତି । ଘରର ଝିଅଜୋଇଁଙ୍କୁ ନୂତନ ବସ୍ତ୍ର ଦେଇ ଖାଇବାକୁ ଡାକିଥାନ୍ତି ସମସ୍ତେ ନୂତନ ବସ୍ତ୍ର ପିନ୍ଧି ପିଠାପଣା ଆଦାନପ୍ରଦାନ କରିଥାନ୍ତି । ସ୍ତ୍ରୀ ଲୋକମାନେ ସ୍ୱାମୀର ଆୟୁଷ ବୃଦ୍ଧି ନିମନ୍ତେ ଘର ଘର ବୁଲି ହଳଦୀ ସିନ୍ଦୂର ପାନ ଗୁଆ ,କଦଳୀ, ଖଜୁରୀକୋଳି, ବରକୋଳି ପଇସା ଥୋଇ ବାଣ୍ଟନ୍ତି ଯାହା ଘରକୁ ଯାଆନ୍ତି ସେମାନେ ମଧ୍ୟ ହଳଦୀ ସିନ୍ଦୂର ଦେଇଥାନ୍ତି ଏବଂ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରିଥାନ୍ତି । ଘରକୁ ରଙ୍ଗବେରଙ୍ଗ ଫୁଲ ଏବଂ ମୁରୁଜରେ ରଙ୍ଗୋଲୀ କରି , କେଶକୁ ସୁନ୍ଦର ବେଣୀରେ ସଜ୍ଜିତ କରି ଫୁଲରେ ସଜାଇ ଥାନ୍ତି । ମହାରାଷ୍ଟ୍ର , ଉତ୍ତରଭାରତରେ ଏହିଦିନ ଗୁରୁ ଆଚାର୍ଯ୍ୟମାନେ ଶିଷ୍ୟମାନଙ୍କୁ ଆଶିଷ ଦେଇଥାନ୍ତି । ମକରକୁ ଗୁଡିଉଡା ପର୍ବ ମଧ୍ୟ କୁହାଯାଏ ଏହିଦିନ ଗୁଜୁରାଟରେ ଅନ୍ତର୍ଜାତୀୟ ଗୁଡିଉଡା ପର୍ବ ଅନୁଷ୍ଠିତ ହୁଏ । ରାଶିରେ ତିଆରି ଲଡୁ ଭୋଗ ହୁଏ । ଏହିଦିନ ଆୟାପ୍ପା ଭକ୍ତ ମାନଙ୍କର ମାସବ୍ୟାପୀ ଉପାସନା ଶେଷ ହୁଏ । କେରଳରେ ଆୟାପ୍ପା ସ୍ୱାମୀଙ୍କର ସାବରୀମାଳା ଯାତ୍ରା ହୁଏ । କଟକ ମହାନଦୀ ପଠାରେ ଗୁଡିଉଡା କାର୍ଯ୍ୟ ଆରମ୍ଭ ହୁଏ ।

ମକର ସଂକ୍ରାନ୍ତି ଦିନ ତମ୍ବାପାତ୍ରରେ ଜଳ କ୍ଷୀର ଗୁଡ ଓ ଚାଉଳ ସୂର୍ଯ୍ୟଦେବତାଙ୍କୁ ଉତ୍ସର୍ଗ କରାଯାଏ । ତମ୍ବାପାତ୍ରରେ ପାଣି ଓ ତିଳ ଦେଇ ପିତୃପୁରୁଷଙ୍କୁ ତର୍ପଣ କରାଯାଏ ।ଏହି ମକର ସଂକ୍ରାନ୍ତିକୁ ଆନ୍ଧ୍ରପ୍ରଦେଶରେ ପେଦ୍ଦା ପାଣ୍ଡୁଗୁ, କର୍ଣ୍ଣାଟକରେ, ମହାରାଷ୍ଟ୍ରରେ ଓଡିଶାରେ ମକର ସଂକ୍ରାନ୍ତି, ତାମିଲନାଡୁରେ ପୋଙ୍ଗଲ, ଆସାମରେ ବିହୁ, ମାଘମେଳା ଉତ୍ତରଭାରତରେ, ମକର ସଂକ୍ରାନ୍ତି ବେଙ୍ଗଲରେ, ମାଘର ବ୍ୟାଲକୁ କେରଳରେ , ଲୋହଡି ପର୍ବ ପଞ୍ଜାବରେ, ଓ ଗୁଜୁରାଟରେ ଉତ୍ତରାୟଣ କହିଥାନ୍ତି । ଏହି ପର୍ବ ପାଳନ ଦ୍ୱାରା ସମାଜରେ ଶାନ୍ତି, ମୈତ୍ରୀ, ଏକତା ସୁଦୃଢ଼ ହୁଏ । ଇଂରାଜୀ ନବବର୍ଷ ଆସିଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ସଂହତି ସଂପ୍ରୀତିର ସହିତ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଏହା ଆମ ସାମାଜିକ ଜୀବନଧାରାକୁ ପ୍ରଭାବିତ କରିବା ସହିତ ମାନବିକ ମୂଲ୍ୟବୋଧର ଅଭିବୃଦ୍ଧି କରାଇଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy   E-mail : sambadkalikanews@gmail.com   City Office : Qtr No.-4R-12, Unit-IX (Flat), Bhubaneswar, Pin-751022   ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୧୭

## ପଣ୍ଡୁ:ବିବାହ, ଅରଣ୍ୟବାସ ଓ ମୃତ୍ୟୁ-୧

ରାଜା ପଣ୍ଡୁଙ୍କ ବିବାହ ବିଷୟରେ ଜାଣିବା ପୂର୍ବରୁ କୁନ୍ତୀଙ୍କ ବିଷୟରେ କିଛି ଜାଣିବା ।

ଶ୍ରୀକୃଷ୍ଣଙ୍କର ଜେଜେବାପାଙ୍କ ନାମ ସୁର । ସୁର ଯାଦବ ବଂଶର ଜଣେ ପ୍ରସିଦ୍ଧ ମୁଖ୍ୟ । ତାଙ୍କର କନ୍ୟାର ନାମ ପୃଥା । ସୁରଙ୍କର ସଂପର୍କୀୟ ଭାଇ କୁନ୍ତିଭୋଜ । କୁନ୍ତିଭୋଜ ନିଃସନ୍ତାନ ଥିବାରୁ ସୁରଙ୍କର ଝିଅ ପୃଥାଙ୍କୁ ପାଳିତ କନ୍ୟା ଭାବେ ଗ୍ରହଣ କରିଥିଲେ । କୁନ୍ତିଭୋଜଙ୍କ କନ୍ୟା ହେତୁ ପୃଥା ନାମ ବହିଲେ କୁନ୍ତୀ ।

ଏକଦା ଋଷି ଦୁର୍ବାସା, କୁନ୍ତିଭୋଜଙ୍କର ଅତିଥିଭାବେ ତାଙ୍କ ଘରେ ରହିଥିଲେ ପ୍ରାୟ ଏକବର୍ଷ । ସେହି ସମୟରେ ଦୁର୍ବାସାଙ୍କର ସେବା କରିବା ପାଇଁ କୁନ୍ତୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ କୁନ୍ତିଭୋଜ । ସମସ୍ତ ନିଷ୍ଠା ଓ ଭକ୍ତି ସହକାରେ କୁନ୍ତୀ ଋଷିଙ୍କର ସେବା କରିଥିଲେ । ଦୁର୍ବାସା ଖୁସିହୋଇ କୁନ୍ତୀଙ୍କୁ ଗୋଟିଏ ମାଳା ପ୍ରଦାନ କରିଥିଲେ । ଏବଂ ଶିଖେଇ ଦେଇଥିଲେ ଏକ ମନ୍ତ୍ର । କହିଥିଲେ, "କନ୍ୟା, ମାଳାଟିକୁ ଧରି ଏହି ମନ୍ତ୍ର ଜପକରିବ । ଯେଉଁ ଦେବତାଙ୍କୁ ଆବାହନ କରିବ, ସେ ତୁମ ପାଖରେ ପହଞ୍ଚିଯିବେ ଏବଂ ତୁମକୁ ଗୋଟିଏ ପୁତ୍ର ସନ୍ତାନ ଉପହାର ଦେବେ, ଯେ କି ସେଇ ଦେବତାଙ୍କର ସମସ୍ତ ଗୁଣ ବହନ କରିବ ।" ଦୁର୍ବାସା ଯୋଗବଳରେ ଜାଣିପାରିଥିଲେ କୁନ୍ତୀଙ୍କ ଭାବୀ ସ୍ୱାମୀଙ୍କ ଉପରକୁ ଏକ ଭୟଙ୍କର ବିପଦ ମାଡ଼ିଆସୁଛି ।

ଦେବତା ଆସିବେ! ସତ ନା ମିଛ! କୁନ୍ତୀ ମାଳାଟିକୁ ପରୀକ୍ଷା କରିବାକୁ ଇଚ୍ଛାକଲେ । ଅବଶ୍ୟ କୌତୂହଳ ବଶତଃ । ମନ୍ତ୍ରଜପି ସେ ସୂର୍ଯ୍ୟଦେବତାଙ୍କୁ ସ୍ମରଣ କଲେ । ହଠାତ୍ ଆକାଶରେ ଘୋଟିଗଲା କଳାମେଘ । ଏବଂ ମେଘର ଫାଙ୍କ ମଧ୍ୟଦେଇ ଜଣେ ଉଜ୍ଜ୍ୱଳ ପୁରୁଷ ବାହାରିଆସିଲେ ଓ କୁନ୍ତୀଙ୍କ ନିକଟରେ ପହଞ୍ଚିଲେ ।

ସେହି ଉଜ୍ଜ୍ୱଳ ପୁରୁଷ ଯେତେବେଳେ କୁନ୍ତୀଙ୍କର ସୌନ୍ଦର୍ଯ୍ୟକୁ ପ୍ରଶଂସା କରୁଥିଲେ, କୁନ୍ତୀ କହିଲେ, "ତୁମେ କିଏ ?"

"ମୁଁ ସୂର୍ଯ୍ୟଦେବତା । ତୁମେ ପୁତ୍ର କାମନା କରି ମୋତେ ଡାକିବାରୁ ମୁଁ ଆସିଲି ।" - ଉଜ୍ଜ୍ୱଳ ପୁରୁଷ କହିଲେ ।

କୁନ୍ତୀ ନିଜ ଆଖି ଓ କାନକୁ ବିଶ୍ୱାସ କରିପାରୁନଥିଲେ ।

ସେ କହିଲେ, "ହେ ଦେବ, ମୁଁ ଜଣେ ଅବିବାହିତା ବାଳିକା, ପିତାଙ୍କ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ । ଦୁର୍ବାସାଙ୍କ ମନ୍ତ୍ରକୁ ପରୀକ୍ଷା କରିବା ପାଇଁ ମୁଁ ଜପିଥିଲି । ମୁଁ ପୁତ୍ର ଚାହେଁନା, ମହାଶୟ ଫେରିଯାଆନ୍ତୁ ! ଏବଂ ଏହି ବାଳିକାର ଅପରାଧ କ୍ଷମା କରିଦିଅନ୍ତୁ ।"



ସୂର୍ଯ୍ୟଦେବତା କୁନ୍ତୀଙ୍କ ଉଦ୍ଦେଶ୍ୟ ବୁଝିଲେ । ଅବିବାହିତା ଝିଅଟିଏ ପୁତ୍ର ସନ୍ତାନ ଜନ୍ମଦେଲେ ବହୁତ ନିନ୍ଦା ପାଇବ । ନିନ୍ଦାକୁ ଡରୁଛନ୍ତି କୁନ୍ତୀ, ଭାବିଲେ ସୂର୍ଯ୍ୟ ଦେବତା ।

ସେ କହିଲେ, "ପୁତ୍ର ଉପହାର ନଦେଇ ମୁଁ ଫେରି ପାରିବିନାହିଁ । ସେ ମନ୍ତ୍ରର ସେପରି ଶକ୍ତି । ଶୁଣ, ତୁମେ ଯେଉଁ କଥାକୁ ଡରୁଛ ମୁଁ ଜାଣେ । ମୋର ପୁତ୍ରକୁ ଜନ୍ମ ଦେବା ପରେ ତୁମେ କୁମାରୀତ୍ୱ ପୁଣି ଲାଭ କରିବ । କୌଣସି ନିନ୍ଦା କିମ୍ବା ପାପ ତୁମକୁ ସ୍ପର୍ଶ କରିବ ନାହିଁ ।"

କୁନ୍ତୀ ତତ୍‌କ୍ଷଣାତ୍ ଗର୍ଭଧାରଣ କଲେ । ପୃଥିବୀର ମଣିଷଙ୍କ ପରି ଦଶମାସ ଗର୍ଭକଷ୍ଟ ସହିବାକୁ ପଡ଼ିଲାନାହିଁ ତାଙ୍କୁ । ସେ ସେହିକ୍ଷଣି ପୁତ୍ରଟିଏ ଜନ୍ମ ଦେଲେ । ଯେକି ଦିବ୍ୟ କବଚ କୁଣ୍ଡଳ ଧାରଣ କରିଥିଲା । ପୁତ୍ରଟିର ନାମ କର୍ଣ୍ଣ । କର୍ଣ୍ଣଙ୍କ ଜନ୍ମ ପରେ ସୂର୍ଯ୍ୟ ଦେବତାଙ୍କ ବର ପ୍ରଭାବରୁ କୁନ୍ତୀ ପୁନରାୟ କୁମାରୀତ୍ୱ ଫେରି ପାଇଲେ ।

ସବୁହେଲା, ମାତ୍ର ପୁତ୍ରଟିକୁ ସେ କରିବେ କ'ଣ । ଘରକୁ ନେଇପାରିବେ ନାହିଁ । ବହୁତ ଭାବି, ଗୋଟିଏ କାଠ ବାକ୍‌ସରେ ଶିଶୁ ପୁତ୍ରକୁ ଭରି ବାକ୍‌ସଟିକୁ ନଈରେ ଭସେଇ ଦେଲେ । ଧୃତରାଷ୍ଟ୍ରଙ୍କର ଜଣେ ରଥ ଚାଳକ, ନାଁ ତାଙ୍କର ଅଧୀରଥ, କାଠ ବାକ୍‌ସଟି ଭାସିଯାଉଥିବା ଦେଖି ତାକୁ କୂଳକୁ ନେଇଆସିଲେ । ଖୋଲି ଦେଖନ୍ତି ତ ଉଜ୍ଜ୍ୱଳ ବର୍ଣ୍ଣର ଶିଶୁପୁତ୍ରଟିଏ । ଅଧୀରଥ ନିଃସନ୍ତାନ ଥିଲେ । ଶିଶୁପୁତ୍ରଟି ଭଗବାନଙ୍କର ଦାନ ଭାବି ସେ ନେଇଗଲେ ଓ ପତ୍ନୀ ରାଧାଙ୍କୁ ଦେଲେ । ସେବେଠାରୁ କର୍ଣ୍ଣ, ଅଧୀରଥ ଓ ରାଧାଙ୍କ ପୁତ୍ର ରୂପେ ବଢ଼ିବାକୁ ଲାଗିଲେ ।

କୁନ୍ତୀ ବିବାହ ବୟସରେ ପହଞ୍ଚିବା ପରେ, ତାଙ୍କର ପିତା କୁନ୍ତିଭୋଜ ଏକ ସ୍ୱୟଂବର ସଭାର ଆୟୋଜନ କଲେ । ସଭାକୁ ପଡ଼ୋଶୀ ରାଜ୍ୟର ରାଜାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ହସ୍ତିନାପୁରର ରାଜା ପଣ୍ଡୁ ସଭାକୁ ନିମନ୍ତ୍ରିତ ହୋଇଥିଲେ । କୁନ୍ତୀ ପଣ୍ଡୁଙ୍କ ବେକରେ ଫୁଲମାଳା ଲମ୍ବେଇ ତାଙ୍କୁ ପତିରୂପେ ବରଣ କଲେ ।

ପରେ, ମଦ୍ରରାଜାଙ୍କ ଭଉଣୀ ମାଦ୍ରୀଙ୍କୁ ଦ୍ୱିତୀୟ ରାଣୀ ରୂପେ ଗ୍ରହଣ କରିଥିଲେ ପଣ୍ଡୁ । ସେ କାଳରେ ରାଜାମାନେ ଏକାଧିକ ପତ୍ନୀ ଗ୍ରହଣ କରୁଥିଲେ । କାରଣ ପୁତ୍ରସନ୍ତାନଟିଏ ପାଇବା ସେକାଳରେ କଷ୍ଟକର ବ୍ୟାପାର ଥିଲା ।

ବର୍ତ୍ତମାନ ହସ୍ତିନାପୁରର ରାଜା ପଣ୍ଡୁଙ୍କର ଦୁଇରାଣୀ - କୁନ୍ତୀ ଓ ମାଦ୍ରୀ ।

(କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# ମକର ପରବ



*କବିତା ମିଶ୍ର*

ନୂଆ ସକାଳର ସୂରୁଜ ଉଇଁଲା
ନୂଆ ବରଷ ସରିଲା
ଘୂରି ଘୂରି ଗଲା ସମୟର ଚକ
ମକର ପରବ ଆସିଲା ।୧

ଥୁରୁଥୁରୁ ଶୀତ ଚାଲି ଯାଉଅଛି
ଆମ୍ବ ବଉଳ ବାସିଲା
ସୁନାର ଫସଲ ଶସ୍ୟ କ୍ଷେତୁ ଆଣି
ଚଷାଭାଇ ମନ ହସିଲା ।୨

ଦକ୍ଷିଣ ମେରୁରୁ ଉତ୍ତରାୟଣକୁ
ସୂର୍ଯ୍ୟଙ୍କ ଗମନ ହୁଏ
ଧରାରେ ଖେଳଇ ଉତ୍ତରା ପବନ
ଶୁଭବେଳା ଆସିଥାଏ ।୩

ପିଠା ପଣା ସହ ମକର ଚାଉଳ
ପ୍ରଭୁଙ୍କୁ ଭୋଗ ଲଗାଇ
ଭକ୍ତି ଶରଧାରେ ସଭିଏଁ ଖାଆନ୍ତି
ଖୁସିରେ ଭଉଣୀ ଭାଇ ।୪

ହସୁଛି ଗଗନ ବହୁଛି ପବନ
ମକର ଶୁଭ ଲଗନେ
ରଂଗ ବେରଙ୍ଗର ଗୁଡ଼ି ଉଡୁଛନ୍ତି
ଶୀତଳ ଉତ୍ତରା ପବନେ ।୫

ସାଂଗସାଥି ମିଶି ଗୁଡ଼ିକୁ ଆମର
ଛାଡ଼ିବା ନୀଳ ଆକାଶେ
ଦୋଳି ଖେଳି ଖେଳି ମେଘମାଳା ଟପି
ଗୁଡ଼ିଯିବ ଜହ୍ନପାଶେ ।୬

ଝିଅମାନେ ମିଶି ଆନନ୍ଦେ ନାଚନ୍ତି
ମକର ଚାଉଳ ଖାଇ
ପୋଙ୍ଗଲ ପାଳନ୍ତି ମକର ବସନ୍ତି
ସ୍ନେହ ଶ୍ରଦ୍ଧା ଯାଏ ବହି ।୭

ସବୁଦିନେ ଆସୁ ମକର ପରବ
ସୁଖଶାନ୍ତି ବହୁଥିବ
ମିଳିମିଶି ଆସ ଆନନ୍ଦେ ରହିବା
ଭୁଲିଯାଇ ଭେଦଭାବ ।୮

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,
ନୀଳାଦ୍ରି ବିହାର
ମୋ-୯୯୩୭୦୩୩୭୫୦

# ମକର ପାଇଁ

*ଦୀନବନ୍ଧୁ ପୋଇ*



ଆସିଲା ମକର ପାଖେଇ
ପାଞ୍ଜିରୁ ଜାଣିଲା କହ୍ନେଇ
ଗୁଡ଼ି ଉଡ଼ା ହେବ ଧରାରେ
ଖୁସି ହେବେ ପିଲେ ଅନେଇ
ମାଆକୁ କହିଲା ଗେହ୍ଲେଇ
ଦେ ମାଆ କିଣି ନଟେଇ
ସୂତାରେ ଗୁଡ଼ିକୁ ଯୋଡେଇ
ନଟେଇକୁ ଦେବି ବୁଲେଇ
ପଡ଼ିଆକୁ ଯାଇ ଆଗେଇ
ଦେବି ଗୁଡ଼ିକୁ ମୁଁ ଉଡେଇ
ଆକାଶରେ ଦେଲେ ମେଲେଇ
ଦିଶିବ ପରି ସେ ଚଢ଼େଇ
କହ୍ନେଇ ବୁଦ୍ଧିକୁ ଖଟେଇ
ଦେଲା ସୂତାରେ ତା କଟେଇ
ଦେଇ ଆନ ଗୁଡ଼ି କଟେଇ
ଜିତିବା ଟି ନେଲା ହାତେଇ
ଏମିତି ମକର ପରବ
ଖେଳିଲେ ସଭିଁଏ ମଜେଇ
ଗୁଡ଼ି ଏ ଦିନରେ ଉଡେଇ
ଭାଇ ଚାରା ଦେଲେ ବଢେଇ
ଏକାଗ୍ରତା ଖେଳୁ ମିଳଇ
ଜାଣିଲା ଖେଳରୁ କହ୍ନେଇ
ସବୁସାଙ୍ଗ ସାଥି ମିଳେଇ
ଏକଥାକୁ ଦେଲା ବୁଝେଇ ।

ଗୋରଡାପାଳ,କରମୂଳ,ଢେଙ୍କାନାଳ
ଦୂରଭାଷ- ୯୯୩୮୮୦୨୪୧୨

# ଉଡ଼େ ମକର ଗୁଡ଼ି

*ପ୍ରଫୁଲ୍ଲ କୁମାର ସାହୁ*

ଆକାଶେ ଉଡ଼ି ମକର ଗୁଡ଼ି
ଦେଖାଏ ତା'ର ଖେଳ,
ଗୁଡ଼ି ପଛରେ ଧାଇଁ ନଟିଆ
କଟାଏ ଛୁଟି ବେଳ ।୧

ନଟିଆ ଧରି ହାତେ ନଟେଇ
ଘୂରେଇ ସୂତା ଛାଡେ,
ଦୂର ଆକାଶେ ଦେଖରେ ଦେଖ
ନଟିଆ ଗୁଡ଼ି ଉଡେ ।୨

ଛିଟ କାଗଜ ସିରିସ ଅଠା
ଖଡ଼ିକା କାଠି ନେଇ,
ତିଆରି କରି ଗୁଡ଼ି ନଟିଆ
ଉଡ଼ାଏ ତାହା ଯାଇ ।୩

ଆକାଶ କୋଳେ ପବନେ ଭାସି
ଯାଇ ବଉଦ ପାଖ,
ଲାଞ୍ଜ ହଲାଇ ମୁଣ୍ଡକୁ ଟେକି
ଉଡୁଛି ଗୁଡ଼ି ଦେଖ ।୪

ସାଥିଙ୍କ ମେଳେ ଧାଇଁ ଧାଇଁକା
ନଟିଆ ହୁଏ ଖୁସି,
ଥକ୍‌କା ଲାଗିଲେ ଗଛ ଛାଇରେ
ଯାଏ ଟିକିଏ ବସି ।୫

ବରଷେ ଥରେ ମକର ଯାତ
ପିଲାଙ୍କ ମନ ଖୁସି,
ଗୁଡ଼ି ଉଡ଼ାଇ କାଟନ୍ତି ବେଳ
ସାଥିଙ୍କ ସହ ମିଶି ।୬

ଆମ ପରବ ଆମ ସଂସ୍କୃତି
କେଡ଼େ ମହାନ ଦେଖ,
ହସ ମଉଜ ଆନନ୍ଦ ଦିଏ
ହରେ ସଭିଙ୍କ ଦୁଃଖ ।୭

ଯଦୁ-ମାଳତୀ କୃପା ନିବାସ,
ବାଲିପଡ଼ା, ମାହାଙ୍ଗା, କଟକ-୭୫୪୨୦୭
ମୋ-୭୬୦୯୦୪୪୩୮୩



# ଦେବାରେ ଏକତା ବାର୍ତ୍ତା

*ସୁରମା ମିଶ୍ର*



ବଜା ବଜା ବଜା ବଜାରେ ବାଜା
ବଣ ରାଇଜ ଟା ସଜାରେ ସଜା
ବାଘୁଣୀ ମାଇଁର ଜନମ ଦିନ
କରିବାରେ ଆମେ ଆଜି ପାଳନ

ସବୁ ପଶୁ ପକ୍ଷୀ ଆସରେ ଆସ
ମାଇଁଙ୍କୁ ଆମର କରିବା ବେଶ
ମୁଣ୍ଡେ ମାରିଦେବା ଚନ୍ଦନ ଚିତା
ପାଦେ ଲଗାଇବା ନାଲି ଅଳତା

ଗଳାରେ ଦେବା ମୁକୁତା ହାର
ଗୋଡ଼କୁ ପାଉଁଜି ଶୋଭିବ ତାର
ପିନ୍ଧେଇବା ସମ୍ବଲପୁରୀ ପାଟ
ପାଟ ପିନ୍ଧି ମାଇଁ କରିବ ନାଟ

ପାଉଁଜିର ରୁଣୁ ଝୁଣୁ ଶବ୍ଦରେ
ବଣ ମୂଲକଟା କଂପି ଯିବରେ
ପଶୁ ପକ୍ଷୀ ମାନେ ଖୁସି ହୋଇବେ
ମାଇଁ ସଙ୍ଗେ ତାଳ ଦେଇ ନାଚିବେ

ସଭିଏଁ କହିବେ ବାହା ରେ ବାହା
ଆମ ମାଇଁ ନାଚ କେଡେ ବଢିଆ
ବାଘ ମାମୁଁ ଦେଖି ହୋଇବ ଖୁସି
ସଭିଙ୍କୁ ଦେବ ସେ କେତେ ସାବାସି

ସେପଟେ କ୍ଷୀରି ଭାତ ମାଉଁସ
ରନ୍ଧା ସରିଲାଣି ଆସରେ ଆସ
ସମସ୍ତେ ଏକାଠି ଆଜି ଖାଇବା
ଭାଇଚାରା ଭାବ ମନେ ରଖିବା

ପରସ୍ପର ମଧ୍ୟେ ନକରି ଗୋଳ
ଖୁସିରେ ସର୍ବଦା କାଟିବା କାଳ
ସବୁବେଳେ ରଖିବାରେ ଏକତା
ଦୁନିଆଁକୁ ଦେବା ଏହି ବାରତା ।

ବିଏଲ୍-୩୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

# ପୁଷ ପୁନେଇଁ

*ଧ୍ରୁବ ଚରଣ ଘିବେଲା*



ପୁଷ ମାସରେ ଅମଳ କରେ
କୃଷକ ଧାନ ଶସ୍ୟ
ସେ ପୁଣି କରେ ଅମଳ କେତେ
ଡାଲି ଜାତୀୟ ଶସ୍ୟ

ଶସ୍ୟ ସାଇତି ଅମାର ଭର୍ତ୍ତି
କରି ରଖେ କୃଷକ
ପଉଷ ଶେଷେ ଅତି ହରଷେ
ରହେ କୃଷକ ନିତ୍ୟ

ଖୁସି ପାଇଁକି ଖୁସି ରହିକି
ସାଉଁଟି ସୁଖ ଭାବ
ପାଳନ୍ତି ଲୋକେ ଖୁସିବାସୀରେ
ପୁଷ ପୁନେଇଁ ପର୍ବ

ଖୁସି ରହିବା ଖୁସି ଲଭିବା
ପୁନେଇଁ ପଛ କଥା
ଯାନି ଯାତରା ପାଳି ରହିବା
ପୁନେଇଁ ବିଶେଷତା

ପିଲାଠୁ ବୁଢ଼ା ସାମିଲ୍‌ଥାନ୍ତି
ପୁଷ ପୁନେଇଁ ଯାତେ
ପିଠା କାକରା ଖାଆନ୍ତି କେତେ
ଯେ ଯାହା ରୁଚି ମତେ

କୃଷିଭିତ୍ତିକ ପରବ ଅଟେ
ପୁଷ ପୁନେଇଁ ଯାତ
ଗାଆଁ ଗାଆଁରେ ସାନ ସହରେ
ଥାଏ ଯାତ ମହତ୍ତ୍ୱ

ଭାଇଚାରାର ସେ ପରବରେ
ପିଠା ଖାଇବା ମଜା
ଅତି ନିଆରା ପରବେ ଥାଏ
ଯାନି ଯାତରା ଖଞ୍ଜା

ପରବ ଆସେ ପରବ ଯାଏ
ପୁଷ ପୁନେଇଁ ଭଳି
ପିଠାମଣ୍ଡର ମହକ ଛୁଟେ
ଗାଆଁ ପବନେ ଖେଳି ।

ବଉଦରାଜ, ଜି-ବୌଦ୍ଧ
ମୋ-୯୪୩୭୪୭୮୪୬୬

# ଗାଇବାଗୀତ ଆସିଛି ଶୀତ

*ପ୍ରଶାନ୍ତ କୁମାର ଦାଶ*



ଉଇଁଲା ସୂରୁଜ ଛୁଇଁଲା ଆଲୋକ
ଧରଣୀ ଛାତି
ଫୁଟିଲା କୁସୁମ ଲାଗିଲା ଉଷୁମ
ପାହିଲା ରାତି

ନିଦୁଉଠି ପକ୍ଷୀ ଭାଙ୍ଗିଲା ଅଳସ
ନୀଡରେ ତାର
ସକାଳ ସୂଚନା ପାଇ ସଫାକଲା
ବୋଉଯେ ଘର

ଛୁଟିଲା ବାଛୁରୀ କ୍ଷୀର ଖାଇବାକୁ
ତାମାଆ ପାଶେ
ଶିରି ଶିରି ହେଇ ପଡିଲା ଶିଶିର
ପଡିଆ ଘାସେ

ଶୀତକୁ ନଡରି ଗାଧୋଇ ସାରି
ରାଉତ ନରି
ଦେଉଳକୁ ଗଲା ଫୁଲ ଫଳ ଭୋଗ
ଦୀପଟେ ଧରି

ଉଠିଲେ ପିଲାଏ ପାଠଶାଳା ଗଲେ
ପଢିବା ପାଇଁ
ବେପାର ଆଶାରେ ବଜାରକୁ ସନା
ଗଲାତ ଧାଇଁ

ବଢିଲା ଶରଧା ଦାଣ୍ଡେ ବସି ଅଜା
ପୋଇଁଲେ ନିଆଁ
ଚିକ ମିକ ଖରା ପଡି ହସିଦେଲା
ଛାଆଁକୁ ଗାଆଁ

ଖରା ପଡି କ୍ଷେତେ ସୋରିଷର ଫୁଲ
ଦିଶିଲା ସୁନା
ବଣଭୋଜି ପାଇଁ ଗଲେ ମିଳି ମିଶି
ଟୁକୁନା ମୁନା

ଆସିଲା ଆଲୋକ ମନରେ ପୁଲକ
ଭରିଲା ଶୀତ
ଚାଲ ଦୁଃଖ ଭୁଲି ବଗିଚାରେ ବୁଲି
ଗାଇବା ଗୀତ ।

କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ
ମୋ -୯୭୬୮୮୨୨୧୯୦



# ବେଶି ଶୀତ ଏବେ

*ନୀଳମଣି ଚାନ୍ଦ*

ଦାରିଙ୍ଗବାଡିରେ ବରଫ ପଡୁଛି
କେନ୍ଦୁଝର ଥରେ ଜାଡରେ
ପଚାରିଲେ ଶୁକ୍ରୁ ଏବେ ଶୀତ କେତେ
କହେ ସେ କଥାକୁ ଛାଡ଼ରେ

ପାରଦ ଖସୁଛି ତଳକୁ ତଳକୁ
ଥଣ୍ଡା ଯେ ଆହୁରି ବଢୁଛି
ନଳବଣ ଗଲେ ବିଦେଶୀ ଚଢ଼େଇ
ଆମ ନଜରରେ ପଡୁଛି

ଯାହା ଘରେ ଅଛି କମ୍ବଳ, ରେଜେଇ
ସେ କିଆଁ ଶୀତକୁ ଡରିବ
ଦୁଃଖ ଶୋଚନାଟି ରହିଛି ତାଙ୍କର
ଯିଏ ନିଆସରା, ଗରିବ

ସୁଏଟର, କୋଟ୍, ସାଲ୍, ମଫଲର
ଲୋଡା ପଡ଼ିଲାଣି ଶୀତକୁ
ଖୋଜା ପଡ଼ିଲାଣି ଖରା, ନିଆଁ ପରି
ଦୁଇ ଉପକାରୀ ମିତକୁ

ରାସ୍ତା କଡ଼େ ଯେଉଁ ଲୋକଙ୍କ ଆଶ୍ରୟ
ନାହିଁ ବୋଲି ଖଣ୍ଡେ ଘରରେ
ମୁକୁଳେଇବାକୁ ତାଙ୍କୁ ଏ ଶୀତରୁ
କମ୍ବଳ କେତୋଟି ଧରରେ

ଧନୀ ଘରେ ଥାଏ ହିଟର, ଗିଜର
ଶୀତ ପଶେନାହିଁ ପାଖରେ
ଗରିବର ମନେ ଡର ପଶିଯାଏ
ଉତ୍ତରା ପବନ ଡାକରେ

ପଉଷ ମାଘ ସେ ରାଜୁତି କରିବ
ରହି ଶୀତ ଆମ ଧରାରେ
ସହି ହେଉନାହିଁ, ରହି ହେଉନାହିଁ
ବେଶୀ ଶୀତ ଏବେ ପରାରେ ।

ମନ୍ତ୍ର ମାନୋର, ଗୋପାଟଣା, ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ମିତରେ ଇଏ ଶୀତର ଗୀତ

*ନିରଞ୍ଜନ ସାହୁ*



ଶୀତ ସକାଳରେ କୁହୁଡିଆ ପାଗ
ସୁରୁଜ ଉଠନ୍ତି ଅଳସ କରି
କର୍ମରେ ତତ୍ପର ହେଉହେଉ ଲୋକେ
ଶୀତରେ ଯାଆନ୍ତି ନିଶ୍ଚୟ ଥରି

ସୁରୁଜ କିରଣ କରନ୍ତି ଆଦର
ଶୀତ କାଳେ ପ୍ରାଣୀ, ଉଦ୍ଭିଦ ଯେତେ
ଖରା ଯେତେ ଟାଣ ହୋଇ ଆସୁଥାଏ
ଆନନ୍ଦ ଲଭନ୍ତି ସଭିଏଁ ସେତେ
ଶୀତକାଳେ କିଏ ରହିଛି ଏମିତି
ପାଣିକୁ ଦେଖିଲେ ନ ଯାଏ ଡରି

ମଧ୍ୟାହ୍ନ କାଳରେ ଉଷୁମ କିରଣ
ଦେହକୁ ଲାଗଇ ବହୁତ ଭଲ



କାମ କରୁକରୁ ଆଖି ଲାଗିଯାଏ
ନିଦ କରୁଥାଏ ଯେ କଲବଲ
ଭାରି ଇଚ୍ଛା ହୁଏ ଶୋଇପଡ଼ିବାକୁ
ଉଷୁମ ଖରାରେ ଘଡିଏ ଧରି

ସନ୍ଧ୍ୟା ସମୟରେ ଶୀତ ବିସ୍ତାରଇ
ଧୀରେ ଧୀରେ ତା'ର ଶୀତଳ କାୟା
ଉଷୁମ ପୋଷାକେ ଦେହ ଢାଙ୍କି ହୁଏ
ପ୍ରଭାବିତ କରେ ଶୀତର ମାୟା

ରାତି ନଅ ସୁଦ୍ଧା ସବୁ ଶୂନ୍‌ଶାନ୍
ଶୀତର ଭୟକୁ ହୃଦୟେ ଭରି

ରାତି ଅଧ ବେଳେ ଶୀତର ପ୍ରକୋପ
ସହିବା ଅଟଇ ଅତୀବ କଷ୍ଟ
ଶୀତ ପ୍ରଭାବରେ ଅନେକ ପ୍ରାଣୀଙ୍କ
ଜୀବନ ହୁଅଇ ଅକାଳେ ନଷ୍ଟ
ଶୟନ ନିମିତ୍ତ ଲମ୍ବା ଶୀତରାତି
ରଙ୍ଗୀନ ସପନ ନ ନିଏ ହରି ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩



# ମକର ସଂକ୍ରାନ୍ତି

*ଜଗଦୀଶ ସାହୁ*

ମକର ସଂକ୍ରାନ୍ତି ଲାଗେ ସରସ
ଗୁଡ଼ି ଉଡାଇବା ଆସରେ ଆସ
ସାଙ୍ଗ ସାଥି ମିଳିମିଶି
ଖେଳ କୁଦ ସଙ୍ଗେ ପାଠ ପଢୁଥିଲେ
ବାପା ମାଆ ହେବେ ଖୁସି
ମକରରୁ ଦିନ ବକର ହେବ
ମଠ ମନ୍ଦିରରେ ଭିଡ଼ ଲାଗିବ
ଦିଅଁଙ୍କ ଆଶିଷ ନେବା
ରାଶିଜାଉ ଖାଇ ଖୁସିବାସି ହୋଇ
ଦିନଟି କଟାଇ ଦେବା
ଏଇ ଦିନଠାରୁ ସୂରୁଜ ନିତି
ଉତ୍ତରାୟଣରେ କରିବେ ଗତି
ସର୍ବ ଭାରତୀୟ ପର୍ବ
ଆସ ମିଳିମିଶି ପାଳିବା ସଭିଏଁ
ଆମ ଗର୍ବ ଗଉରବ ।

ସଂଜପଡା, ହିନ୍ଦୋଳ,
ଢେଙ୍କାନାଳ-୭୫୯୧୨୮
ମୋ-୯୦୭୮୧୮୫୬୧୬

# ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିପାରନ୍ତି ବୁମ୍‌ରା

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆକୁ ଲାଗିପାରେ ବଡ଼ ଝଟ୍‌କା। ତାରକା ବୋଲର ଜସପ୍ରିତ ବୁମ୍‌ରାଙ୍କ ଖେଳିବାକୁ ନେଇ ଅନିଶ୍ଚିତତା ବଢ଼ିବାରେ ଲାଗିଛି। କାରଣ ଖେଳିବା ତ ଦୂରର କଥା ଏବେ ଶେଯରୁ ଉଠିପାରୁନାହାନ୍ତି ସେ। କାରଣ ତାଙ୍କୁ ଡାକ୍ତରମାନେ ବେଡ୍ ରେଷ୍ଟ ନେବାକୁ କହିଛନ୍ତି। ସିଡ୍‌ନୀ ଟେଷ୍ଟ ସମୟରେ ବୁମ୍‌ରା ଆହତ ହୋଇଥିଲେ। ତାଙ୍କ ପିଠିର ତଳ ଭାଗରେ ଆଘାତ ଲାଗିଥିଲା। ହେଲେ ଏବେ ସେ ଦୀର୍ଘ ଦିନ ଧରି ମଇଦାନରୁ ବାହାରେ ରହିବାକୁ ବାଧ୍ୟ ହେବେ ବୋଲି ଖବର ଆସିଛି। ଜାତୀୟ ଗଣମାଧ୍ୟମ ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ବୁମ୍‌ରାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ। ତାଙ୍କୁ ଆସନ୍ତା ସପ୍ତାହରେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ପଠାଯାଇପାରେ। ହେଲେ କେବେ ତାହା ସ୍ଥିର କରାଯାଇନାହିଁ। ଡାକ୍ତରମାନେ ବୁମ୍‌ରାଙ୍କୁ ସୁସ୍ଥ ହେବା ଲାଗି ଘରେ ବିଶ୍ରାମ ନେବାକୁ କହିଛନ୍ତି। ଯେତେବେଳେ ତାଙ୍କ ପିଠିର ତଳ ଭାଗର ଫୁଲା କମିଯିବ, ସେତେବେଳେ ତାଙ୍କୁ କିଭଳି ଚିକିତ୍ସା ଦିଆଯିବ ସେନେଇ ନିଷ୍ପତ୍ତି ନିଆଯିବ।

ବୁମ୍‌ରାଙ୍କ ଲାଗି ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ଏବେ ଅସମ୍ଭବ ବୋଲି ବିବେଚନା କରାଯାଉଛି। ତାଙ୍କୁ ଦଳରେ ସାମିଲ କରିବା ଲାଗି ବିସିସିଆଇ ମଧ୍ୟ ଚାପ ପକାଇବାକୁ ଚାହୁଁନାହିଁ। ପ୍ରଥମେ ତାଙ୍କ ଆଘାତ ବିଷୟରେ ସବିଶେଷ ଚିକିତ୍ସା ପ୍ରଣାଳୀ ଜଣାପଡ଼ିବା ପରେ ଚିକିତ୍ସାର ଉପାୟ ଜଣାପଡ଼ିବ। ଯଦି ତାଙ୍କୁ ପୁଣିଥରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼େ, ତେବେ ତାଙ୍କ ପ୍ରତ୍ୟାବର୍ତ୍ତନ ଲାଗି ଅଧିକ ସମୟ ଲାଗିପାରେ। ଆଗକୁ ଆଇପିଏଲ୍ ଏବଂ ତା'ପରେ ଭାରତର ଇଂଲଣ୍ଡ ଗସ୍ତ ଅଛି। ଏବେ କିନ୍ତୁ ତାଙ୍କର ଚାମ୍ପିଅନ୍ସ ଟ୍ରଫିରେ ଖେଳିବା କଷ୍ଟକର ମନେ ହେଉଛି।



# ୩-୦ରେ ସିରିଜ୍ ଜିତିଲା ଭାରତୀୟ ମହିଳା ଦଳ

**ରାଜକୋଟ**

ଭାରତର ମହିଳା କ୍ରିକେଟ୍ ଦଳ ବୁଧବାର ରାଜକୋଟରେ ଆୟାର୍ଲ୍ୟାଣ୍ଡ ବିପକ୍ଷରେ ତୃତୀୟ ଏକଦିବସୀୟ ମ୍ୟାଚ୍‌କୁ ୩୦୪ ରନରେ ଜିତି ସିରିଜରେ ୩-୦ରେ ମୂଳପୋଛ କରିଛି। କିନ୍ତୁ ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଯାହା ପୁରୁଷ ଦଳ ମଧ୍ୟ କରିପାରିନଥିଲା ତାହା କରି ଦେଖାଇଲା। ରାଜକୋଟରେ ଆୟାର୍ଲ୍ୟାଣ୍ଡ ବିପକ୍ଷରେ ଖେଳି ଟିମ୍ ଇଣ୍ଡିଆ ପ୍ରଥମ ଏବଂ ତୃତୀୟ ଏକଦିବସୀୟରେ ୪୩୫/୫ (୫୦ ଓଭରରେ) ସ୍କୋର କରିଥିଲା। ଯାହା ପୁରୁଷ ଏବଂ ମହିଳା ଉଭୟ ଦିନିକିଆରେ ଟିମ୍ ଇଣ୍ଡିଆର ସର୍ବୋଚ୍ଚ ସ୍କୋର।





ମହିଳା ଦଳର ଏହି ରେକର୍ଡ କରି ପୁରୁଷ ଦଳକୁ ମଧ୍ୟ ପଛରେ ପକାଇ ଦେଇଛି। ଏହା ପୂର୍ବରୁ ୨୦୧୧ରେ ଭାରତୀୟ ଦଳ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟ ହରାଇ ୪୧୮ ରନ୍ ସଂଗ୍ରହ କରିଥିଲା। ତେବେ ଦିନିକିଆ ମହିଳା କ୍ରିକେଟରେ ସର୍ବାଧିକ ସ୍କୋର ନ୍ୟୁଜିଲାଣ୍ଡ ନାମରେ ରହିଛି। ଏହି ରେକର୍ଡ ୨୦୧୮ରେ ନ୍ୟୁଜିଲାଣ୍ଡ ଆୟାର୍ଲ୍ୟାଣ୍ଡ ବିପକ୍ଷରେ କରିଥିଲା।

ତେବେ ବୁଧବାର ଏହି ବିଜୟ ସାହିତ ଭାରତୀୟ ମହିଳା କ୍ରିକେଟ ଦଳ ଇତିହାସ ରଚିଛି। ଦିନିକିଆ କ୍ରିକେଟରେ ମହିଳା ଟିମ୍ ସବୁଠାରୁ ବଡ଼ ବିଜୟ ହାସଲ କରିଛି। ସ୍ମୃତି ମନ୍ଧାନାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ରାଜକୋଟରେ ଆୟର୍ଲାଣ୍ଡକୁ ୩୦୪ ରନରେ ପରାସ୍ତ କରିଛି। ଏହି ବିଜୟ ସହିତ ଭାରତ ସିରିଜ୍ ୩-୦ରେ ଜିତିଛି। ଭାରତ ପାଇଁ ସ୍ମୃତି ମନ୍ଧାନା ଏବଂ ପ୍ରତୀକା ରାଭାଲ ବିସ୍ଫୋରକ ଶତକ ହାସଲ କରିଥିଲେ। ପ୍ରତୀକା ୧୫୪ ରନର ଇନିଂସ ଖେଳିଥିଲେ। ଏହିପରି ଭାରତ ଆୟାର୍ଲ୍ୟାଣ୍ଡକୁ ୪୩୬ ରନର ଟାର୍ଗେଟ ଦେଇଥିଲା।

# ପ୍ୟାରିସ୍ ଅଲିମ୍ପିକ୍ସରେ ଜିତିଥିବା ଦୁଇଟି ଯାକ ମେଡାଲ ଫେରାଇବେ ମନୁ ଭାକର

**ନୂଆଦିଲ୍ଲୀ**

ପ୍ୟାରିସ୍ ୨୦୨୪ରେ ଦୁଇଟି ମେଡାଲ ବିଜେତା ମନୁ ଭାକର ନିଜ ପଦକ ଫେରାଇବାକୁ ଯାଉଛନ୍ତି। ମନୁ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ଓ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରଥମ ଭାରତୀୟ ମହିଳା ଆଥଲେଟ୍ ଭାବେ ମନୁ ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିଥିଲେ। ଭାରତର ଏହି ଷ୍ଟାର ଶୁଟର ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତି ଇତିହାସ ରଚିଥିଲେ। କିନ୍ତୁ ଏବେ ଏହି କିମ୍ବଦନ୍ତୀ ଶୁଟରଙ୍କ ଦୁଇଟି ଯାକ ପଦକ ଫେରାଇବେ। ପ୍ରକୃତରେ ଏହି ଷ୍ଟାର ଭାରତୀୟ ଶୁଟରଙ୍କ ଦୁଇଟି କାଂସ୍ୟ ପଦକର ଅବସ୍ଥା ବହୁତ ଖରାପ ହୋଇଯାଇଛି ଏବଂ ଏବେ ଏହି ପଦକ ତିଆରି କରିଥିବା ଫରାସୀ କମ୍ପାନୀ ମୋନାଇ ଡି ପ୍ୟାରିସ ମନୁଙ୍କୁ ନୂତନ ବ୍ରାଣ୍ଡେଡ୍ ପଦକ ଦେବ। ଗଣମାଧ୍ୟମ



ରିପୋର୍ଟ ଅନୁସାରେ, ପ୍ୟାରିସ ଅଲିମ୍ପିକ୍ସରେ ପଦକ ଜିତିବାର କିଛି ଦିନ ପରେ ମନୁ ଭାକରଙ୍କ ପଦକର ରଙ୍ଗ ଛାଡ଼ି ଯାଇଛି ଏବଂ ତା'ର ଅବସ୍ଥା ଆହୁରି ଖରାପ ହୋଇଯାଇଛି।

କେବଳ ମନୁ ଭାକର ନୁହେଁ, ସାରା ବିଶ୍ୱର ଅନେକ ଖେଳାଳି ପ୍ୟାରିସ ଅଲିମ୍ପିକ୍ସରେ ଜିତିଥିବା ପଦକ ବିଷୟରେ ଅଭିଯୋଗ କରିଥିଲେ। ଖେଳାଳିମାନେ ପ୍ୟାରିସ ଅଲିମ୍ପିକ୍ସର ପଦକର ଖରାପ ମାନର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଅଭିଯୋଗଗୁଡ଼ିକ ପରେ, ଅନ୍ତର୍ଜାତୀୟ ଅଲିମ୍ପିକ କମିଟି କହିଛି ଯେ ଖରାପ ହୋଇଯାଇଥିବା ଅଲିମ୍ପିକ ପଦକଗୁଡ଼ିକୁ ମୋନାଇ ଡି ପ୍ୟାରିସ ପୁନର୍ବାର ମରାମତି କରିବେ ଏବଂ ସେଗୁଡ଼ିକୁ ଖେଳାଳିମାନଙ୍କୁ ସମ୍ପୂର୍ଣ୍ଣ ନୂତନ ଅବସ୍ଥାରେ ଫେରାଇ ଦିଆଯିବ। ପ୍ୟାରିସ ଅଲିମ୍ପିକ ଆୟୋଜନ କମିଟି ମୋନାଇ ଡି ପ୍ୟାରିସ ପଦକ ତିଆରି କରିବାର ଚୁକ୍ତି ଦେଇଥିଲା। ଏହା ଏକ ସରକାରୀ କମ୍ପାନୀ ଯାହା ଫ୍ରାନ୍ସ ପାଇଁ ମୁଦ୍ରା ଏବଂ ଅନ୍ୟାନ୍ୟ ମୁଦ୍ରା ମଧ୍ୟ ଉତ୍ପାଦନ କରେ। ରିପୋର୍ଟ ଅନୁଯାୟୀ, କମ୍ପାନୀ ଆଗାମୀ ସପ୍ତାହରେ ଖେଳାଳିମାନଙ୍କର ସମସ୍ତ ପଦକ ବଦଳାଇ ଦେବ। ଫ୍ରାନ୍ସ କମ୍ପାନୀ ମୋନାକୋ ଡି ପ୍ୟାରିସ ପ୍ରତ୍ୟେକ ପଦକରେ ଆଇଫେଲ ଟାଓ୍ୱାରର ଲୁହା ଖଣ୍ଡ ବ୍ୟବହାର କରିଥିଲା। ଏହି କମ୍ପାନୀ ଅଲିମ୍ପିକ ଗେମ୍ସ ପାଇଁ ୫୦୮୪ଟି ସ୍ୱର୍ଣ୍ଣ, ରୌପ୍ୟ ଏବଂ କାଂସ୍ୟ ପଦକ ତିଆରି କରିଥିଲା।

# ସର୍ବ ଭାରତୀୟ କେଶଦୁରାପାଳ ନଂ୧ ଟି-୨୦ କ୍ରିକେଟ୍ ଫାଇନାଲରେ ଆଶୁ ଇଲେଭେନ୍ ରାଉରକେଲା

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ କ୍ରିକେଟ୍ କ୍ଲବ ତରଫରୁ ଆୟୋଜିତ ହୋଇଥିବା ସର୍ବ ଭାରତୀୟ ନଂ-୧ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ସେମି ଫାଇନାଲ ମ୍ୟାଚ୍‌ରେ ବାରିପଦାକୁ ହରାଇ ରାଉରକେଲା ଏକାଦଶ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଡି.ଆର.କେ ବାରିପଦା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଆଶୁ ଏକାଦଶ ରାଉରକେଲା ମାତ୍ର ୧୩.୫ ଓଭରରେ ୪ ଉଇକେଟ ବିନିମୟରେ ୧୭୭ ରନ୍ କରି ମ୍ୟାଚ୍ ବିଜୟୀ ହେବା ସହ ପ୍ରଥମ ଦଳ ଭାବେ ସିଧା ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ପରିଚାଳନାରେ ଅମ୍ପାୟାର ଭାବେ ରାଜେନ୍ଦ୍ର ପୋଥାଳ, ସନ୍ତୋଷ ଜେନା, ସ୍କୋର ବୋର୍ଡରେ ଦେବାଶିଷ ମହାରଣା, ଶ୍ରୀଧର ସାହୁ, ସମିର ଆଚାର୍ଯ୍ୟ ଏବଂ ଧାରା ବିବରଣୀରେ ଜିତେନ୍ଦ୍ର ମିଶ୍ର, ସ୍ମୃତିରଂଜନ ବିହାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କେଶଦୁରାପାଳ କ୍ରିକେଟ୍ କ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ଆସନ୍ତା ରବିବାର ଟୁର୍ଣ୍ଣାମେଣ୍ଟର ମେଗା ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ସିଆରଏମ ପବ୍ଲିକ ସ୍କୁଲରେ ବାର୍ଷିକ ପ୍ରତିଭା ଓ କ୍ରୀଡ଼ା ଉତ୍ସବ





**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ନରଣପୁରର ପ୍ରମୁଖ ଇଂରାଜୀ ମାଧ୍ୟମ ଘରୋଇ ଶିକ୍ଷାନୁଷ୍ଠାନ ସିଆରଏମ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ପୂର୍ଣ୍ଣ ମାନସିକତାର ବିକାଶ ତଥା କ୍ରୀଡ଼ାର ବିକାଶ ଲକ୍ଷ୍ୟରେ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କ୍ରୀଡ଼ା ଉତ୍ସବକୁ ଅନୁଷ୍ଠାନର ମୁଖ୍ୟ ତଥା ଅଧ୍ୟକ୍ଷା କୁମୁଦିନି ରାଉତ ଉପସ୍ଥିତ ରହି ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଂଶଗ୍ରହଣ ଓ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ସମେତ ଦୌଡ଼, ଲମ୍ବା ଦୌଡ଼, ସଟପୁଟ, ବାଧା ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ଆଦି ପ୍ରତିଯୋଗିତା କରାଯାଇ କୃତି ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏହି ବାର୍ଷିକ କ୍ରୀଡ଼ା କାର୍ଯ୍ୟକ୍ରମରେ ଅଭିଭାବକ ମାନଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଦୁଇ ଦିନିଆ ବିଭିନ୍ନ କାର୍ଯ୍ୟକ୍ରମକୁ ସ୍କୁଲର ଭାଇସ ପ୍ରିନିସିପାଲ ରଶ୍ମିରେଖା ଦାସ, ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାଶ, ପ୍ରଣୟୀ ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ମଧୁସ୍ମିତା ପଲେଇ, ମଧୁସ୍ମିତା ନାୟକ, ପଦ୍ମିନୀ ସେନାପତି ଓ ଶିକ୍ଷକ ବାପୁନ ବାନା ନନ୍ଦ, ଗୌରାଙ୍ଗ ଜେନା, ସତ୍ୟଜିତ ବିଶ୍ୱାଳ ପ୍ରମୁଖ ଜପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# ରଣଜୀ ଖେଳିବେ କୋହଲି-ପନ୍ତ !

## ଦିଲ୍ଲୀ ସମ୍ଭାବ୍ୟ ଦଳରେ ଆସିଲା ନାଁ

**ନୂଆଦିଲ୍ଲୀ**

ପୁଣିଥରେ ଘରୋଇ କ୍ରିକେଟକୁ ଫେରିବେ କି ଷ୍ଟାର କ୍ରିକେଟର? ରଣଜୀ ଟ୍ରଫି ୨୦୨୪-୨୫ର ପରବର୍ତ୍ତୀ ରାଉଣ୍ଡ ପାଇଁ ସମ୍ଭାବ୍ୟ ଦଳରେ ବିରାଟ କୋହଲି ଓ ଋଷଭ ପନ୍ତଙ୍କ ନାଁ ଯୋଡ଼ାଯିବା ପରେ ଆରମ୍ଭ ହୋଇଛି ଚର୍ଚ୍ଚା। ଅଷ୍ଟ୍ରେଲିଆ ବିପକ୍ଷରେ ଶୋଚନୀୟ ପରାଜୟ ପରେ ଅନେକ ପୂର୍ବତନ କ୍ରିକେଟର ଓ କ୍ରୀଡ଼ା ସମୀକ୍ଷକ ଖରାପ ଫର୍ମ ଦେଇ ଗତି କରୁଥିବା କ୍ରିକେଟର ଘରୋଇ କ୍ରିକେଟ ଖେଳିବା ଉଚିତ ବୋଲି ଦାବି କରୁଛନ୍ତି। ତେବେ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମଙ୍ଗଳବାର ସୁଦ୍ଧା ଚୟନକର୍ତ୍ତାମାନେ କୋହଲିଙ୍କ ସହ ଏନେଇ କୌଣସି ଆଲୋଚନା କରିନାହାନ୍ତି। କୋହଲି ମଧ୍ୟ ରଣଜୀ କ୍ରିକେଟ ଖେଳିବା ନେଇ





ନିଜଆଡୁ କୌଣସି ଆଗ୍ରହ ଦେଖାଇ ନାହାନ୍ତି। ତେଣୁ ସମ୍ଭାବ୍ୟ ତାଲିକାରେ ନାଁ ଥିଲେ ବି କୋହଲି ଓ ପନ୍ତଙ୍କ ଖେଳିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଶେଷ ଥର ପାଇଁ ୨୦୧୨ରେ ରଣଜୀ ଟ୍ରଫି ଖେଳିଥିଲେ ବିରାଟ କୋହଲି। ସେହିଭଳି ଋଷଭ ପନ୍ତ ଶେଷ ଥର ପାଇଁ ୨୦୧୭ରେ ରଣଜୀ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ନଜର ଆସିଥିଲେ। କୋହଲି ଓ ପନ୍ତଙ୍କ ବ୍ୟତୀତ ହର୍ଷିତ ରାଣାଙ୍କ ନାଁ ମଧ୍ୟ ଦିଲ୍ଲୀର ସମ୍ଭାବ୍ୟ ଖେଳାଳି ତାଲିକାରେ ରହିଛି।

ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ ସଂଘ (ଡିଡିସିଏ) ସମ୍ପାଦକ ଅଶୋକ ଶର୍ମା ନିକଟରେ କୋହଲି ଦିଲ୍ଲୀ ପାଇଁ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିବା ଉଚିତ ବୋଲି କହିଥିଲେ। ଦିଲ୍ଲୀ ପାଇଁ ଷ୍ଟାର କ୍ରିକେଟରମାନେ ଡୋମେଷ୍ଟିକ କ୍ରିକେଟ ଖେଳିବା ଏବେ କମିଗଲାଣି ବୋଲି ସେ କହିଥିଲେ। ତେଣୁ ମୁମ୍ବାଇ ଖେଳାଳିଙ୍କଠାରୁ ଶିଖିବାକୁ କୋହଲିଙ୍କୁ ପରାମର୍ଶ ଦେଇଥିଲେ ଅଶୋକ ଶର୍ମା।। ନିକଟରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ମୁମ୍ବାଇର ରଣଜୀ ଟ୍ରଫି ସ୍କ୍ୱାଡ୍ ସହ ଅଭ୍ୟାସ କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା।

# ସମ୍ବଲପୁର ରାଇଫଲ ଆସୋସିଏସନର ଶୁଭାରମ୍ଭ





**ସମ୍ବଲପୁର**

ଓଡ଼ିଶା ରାଇଫଲ ଆସୋସିଏସନ ଦ୍ୱାରା ଅନୁବନ୍ଧିତ ସମ୍ବଲପୁର ରାଇଫଲ ଆସୋସିଏସନର କାର୍ଯ୍ୟାଳୟ ତଥା ଭିଏସଏସ ସୁଟିଂ ଏକାଡେମୀ ସ୍ଥାନୀୟ ଭାଲୁପାଲିସ୍ଥିତ ରୟାଲ ରିଟ୍ରିଟ ପାଖରେ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଯାଇଛି। ଏ ନେଇ କର୍ଣ୍ଣେଲ ପ୍ରଭାତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ସେବା ମେଡାଲ ପ୍ରାପ୍ତ ବ୍ରିଗେଡିଅର ଅଭିମନ୍ୟୁ ରାଉତ, ବିଶିଷ୍ଟ ଅତିଥି ରୂପେ ଗ୍ରୁପ କମାଣ୍ଡର ଏନସିସି ସମ୍ବଲପୁରର କର୍ଣ୍ଣେଲ କଦମ ପ୍ରସାଦ ଯାଦବ, ପ୍ରଶାସନିକ କମାଣ୍ଡାଣ୍ଟ ସମ୍ବଲପୁର ମିଲିଟାରୀ ଷ୍ଟେସନ କର୍ଣ୍ଣେଲ ସାହୁ, ଲେଫ୍ଟନେଣ୍ଟ କର୍ଣ୍ଣେଲ ବିମଲ ପାଣିଗ୍ରାହୀ(ସିଇଓ), କେ କେ ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର, ଏକ୍ସ ଅଣ୍ଡର ଅଫିସର ଗୁରଦୀପ ଗିଲ, ପୂର୍ବତନ ଏଡ଼ିଏମ ଡା. ବିନୋଦ ନାୟକ ଏବଂ ବରିଷ୍ଠ ପତ୍ରକାର ଶିବ ପ୍ରସାଦ ମେହେର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅନୁଷ୍ଠାନର ଆଭିମୁଖ୍ୟ ତଥା କିଭଳି ଛାତ୍ରଛାତ୍ରୀମାନେ ୧୦ ମିଟର ରେଞ୍ଜ ସୁଟିଂ ଏକାଡେମୀରେ ନାମ ଲେଖାଇ ଅଧିକରୁ ଅଧିକ ଲାଭ ନେବା ସହିତ ଦେଶ ତଥା ରାଜ୍ୟ ପାଇଁ ଗର୍ବ ଗୌରବ ଆଣି ପାରିବେ ସେ ସମ୍ପର୍କରେ ଅନୁଷ୍ଠାନର ସମ୍ପାଦକ ଅର୍ଦ୍ଧେନ୍ଦୁ ପାଢ଼ୀ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ବୋର୍ଡ ସଦସ୍ୟ ମାନସ ରଞ୍ଜନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ରଣଜୀ ଦଳ ସହ ଅଭ୍ୟାସ କଲେ ରୋହିତ



**ମୁମ୍ବାଇ**

ସମ୍ପ୍ରତି ଖରାପ ଫର୍ମ ଦେଇ ଗତି କରୁଥିବା ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ମୁମ୍ବାଇ ରଣଜୀ ଟ୍ରଫି ଦଳ ସହ ଅଭ୍ୟାସ କରିଛନ୍ତି। ଚଳିତ ମାସ ୨୩ ତାରିଖରୁ ରଣଜୀ ଟ୍ରଫିର ଅବଶିଷ୍ଟ ମ୍ୟାଚ୍ ପୁଣି ଆରମ୍ଭ ହେବାକୁ ଯାଉଛି। ତେବେ ରୋହିତ ମୁମ୍ବାଇ ଦଳ ପକ୍ଷରୁ ଖେଳିବେ କି ନାହିଁ ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ନିକଟରେ ଅଷ୍ଟ୍ରେଲିଆ ଗସ୍ତରେ ଖରାପ ପ୍ରଦର୍ଶନ କରିଥିବା ୩୭ ବର୍ଷୀୟ ରୋହିତ ଓ୍ୱାଙ୍ଖଡେ ଷ୍ଟାଡିୟମରେ ଅଭ୍ୟାସ କରିଥିଲେ। ଆସନ୍ତା ୨୩ ତାରିଖରେ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ ପୂର୍ବରୁ ମୁମ୍ବାଇ ଦଳ ଚୟନ ସମୟରେ ରୋହିତଙ୍କ ମତାମତ ନିଆଯିବ।

# ବିଶିଷ୍ଟ ସମାଜସେବୀଙ୍କ ସ୍ମୃତିଚାରଣ ସଭା





**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ବଳଭି ଘାଟ ସନ୍ନିକଟ ଖୋଳମପୁର ପଞ୍ଚାୟତ ମୂଢ଼ାପଦା ଗ୍ରାମ ମୁରବୀ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କ ଏକାଦଶାହଃ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନାରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଅଧାପକ ମଦନ ମୋହନ ପାତ୍ର, ରାଜ୍ୟ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଷ୍ଣୁଚରଣ ସୁତାର, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ଡକ୍ଟର ଜ୍ଞାନରଞ୍ଜନ ପତି, ଶିକ୍ଷାବିତ୍ ନାରାୟଣ ଦାଶ, ନବକିଶୋର ପରିଡ଼ା, ଉଚ୍ଚଶିକ୍ଷା ବିଭାଗର ପ୍ରାଶାସନିକ ଅଧିକାରୀ ମଙ୍ଗୁଳି ଚରଣ ବେହେରା, ଶାନ୍ତନୁ କୁମାର ଧଳ, ସର୍ବ ଶିକ୍ଷା ଅଭିଯାନର ବନ୍ଦନା ଜେନା, ଖୋଳମପୁରର ଦାମୋଦର ନାୟକ ପ୍ରମୁଖ ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କର ବିଭିନ୍ନ ଜନହିତକର କାର୍ଯ୍ୟ ଓ ଶିକ୍ଷାର ଉନ୍ନତି ପାଇଁ ତାଙ୍କର ଅବଦାନ ତଥା ତାଙ୍କ ଧର୍ମପରାୟଣ କାର୍ଯ୍ୟ ଉପରେ ଆଲୋକପାତ କରି ସ୍ମୃତିଚାରଣ କରିଥିଲେ। ବର୍ଷାରାଣୀ ବରାଳ ଜେଜେଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଭାବାବେଗପୂର୍ଣ୍ଣ କବିତା ପାଠ କରିଥିଲେ। ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କ ଜ୍ୟେଷ୍ଠ ପୁତ୍ର ଅଧାପକ ରମାକାନ୍ତ ବରାଳ ଅନ୍ୟ ଦୁଇ ପୁତ୍ର ଚନ୍ଦ୍ରକାନ୍ତ ବରାଳ, ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଏକାଦଶାହଃ କାର୍ଯ୍ୟକ୍ରମରେ ଯାଜପୁର, ଭଦ୍ରକ ତଥା ରାଜ୍ୟ ର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମଧ୍ୟରେ ଭଣ୍ଡାରି ପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଗୋପିନାଥ କୁଅଁର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଯାଜପୁର ପୌରଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ପ୍ରଣୀତକାନ୍ତ ସାମଲ, ଯାଜପୁର ଜିଲ୍ଲାପାଳଙ୍କ ଓ.ଏସ୍.ଡି କୁଳମଣି ନାୟକ ପ୍ରମୁଖଙ୍କ ସହ ଆଖାପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ସ୍ୱର୍ଗତ ଜଗବନ୍ଧୁ ବରାଳଙ୍କ ଏହି ଏକାଦଶାହଃ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ରୌସନ ସ୍ମାରକୀ ଫୁଟବଲ : ଫାଇନାଲରେ ସରଧାପୁର



**ଆଠଗଡ଼**

ଆଠଗଡ ବ୍ଲକର ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ମୁକ୍ତାଦେଇପୁର ଖେଳପଡିଆରେ ଚାଲିଥିବା ରୌସନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ୫ମ ଦିନରେ ପ୍ରତିପକ୍ଷକୁ ହରାଇ ସରଧାପୁରର ଡାଇମଣ୍ଡ ଫୁଟବଲ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଏହି ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା ସରଧାପୁରର ଡାଇମଣ୍ଡ ଫୁଟବଲ କ୍ଲବ ପ୍ରତିପକ୍ଷ କପୁରସିଂର ଏସଜେଓ୍ୱାଇଏସ୍ କ୍ଲବକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଅମୁଲ୍ୟ ସାମଲ, ଅନିଲ କୁମାର ନନ୍ଦ ଓ ରଫିକ୍ ଖାଁ ରେଫରୀ ଭାବେ ଏହି ମ୍ୟାଚ ପରିଚାଳନା କରିଥିଲେ। ସମାଜସେବୀ ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ମ୍ୟାଚ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ମୁଁ ଆହୁରି ଖେଳିବାକୁ ଚାହୁଁଥିଲି : ଅଶ୍ୱିନ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ଭେଟେରାନ୍ ବୋଲର ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ବର୍ଡର ଗାଭାସ୍କର ଟ୍ରଫି ମଝିରେ ହଠାତ ସନ୍ନ୍ୟାସ ନେଇ ସମସ୍ତଙ୍କୁ ଚମକାଇଥିଲେ। ତାଙ୍କର ଏଭଳି ବଡ଼ ନିଷ୍ପତ୍ତି ପଛରେ କ'ଣ କାରଣ ଥିଲା ଏହାକୁ ନେଇ ଲଗାତାର ଭିନ୍ନ ଚର୍ଚ୍ଚା ହେଉଥିଲା। ଏବେ ସେ ନେଇ ମୁହଁ ଖୋଲିଛନ୍ତି ଅଶ୍ୱିନ। ଅବସର ନେବାକୁ ଏହା ଭଲ ସମୟ ଥିଲା। ଏହାପରଠାରୁ ତାଙ୍କୁ ସୁଯୋଗ ମିଳିବା କଷ୍ଟକର ଥିଲା ବୋଲି ସେ କହିଛନ୍ତି।

ନିଜର ୟୁଟ୍ୟୁବ୍ ଚ୍ୟାନେଲ୍ 'ଅଶ୍ କି ବାତ୍'ରେ ଅଶ୍ୱିନ କହିଛନ୍ତି, ମୁଁ



ବହୁତ ଭାବୁଛି। ଜୀବନରେ କ'ଣ କରିବାର ଅଛି। ଯେତେବେଳେ ଏହା ସ୍ପଷ୍ଟ ହୋଇଯାଏ ଯେ କାମ ଶେଷ ହୋଇସାରିଛି, ତେବେ ତାହାକୁ ଅନ୍ତ ବୋଲି ଭାବି ନେବା ଉଚିତ। ମୁଁ ପ୍ରଥମ ଟେଷ୍ଟ ଖେଳି ନ ଥିଲି। ଦ୍ୱିତୀୟ ଖେଳିଥିଲି, ତୃତୀୟ ନୁହେଁ। ଆଗକୁ ଖେଳିଥାନ୍ତି ନଚେତ ଖେଳି ନ ଥାନ୍ତି, ଜଣା ନ ଥିଲା। ମୋର ସୃଜନଶୀଳତା ଶେଷ ହୋଇଯାଇଥିଲା। ଏଣୁ ମୁଁ ଏହାକୁ ଶେଷ କରିବାକୁ ଚିନ୍ତା କରିଥିଲି। ତେବେ ଏହା ସେତେ ବଡ଼ କଥା ନୁହେଁ। ସେ ଏହାକୁ ବହୁତ ସହଜରେ ନେଇଥିଲେ। ସେ ତାଙ୍କ କ୍ୟାରିୟରକୁ ନେଇ ଖୁସି ଏବଂ ସେ ଯାହା କଳ୍ପନା କରି ନ ଥିଲେ, ତାହା କରିପାରିଛନ୍ତି ବୋଲି ସେ କହିଛନ୍ତି।

ଏହାଛଡ଼ା ଅଶ୍ୱିନ ନିଜର ବିଦାୟକାଳୀନ ଟେଷ୍ଟ ଖେଳି ନ ପାରିବାକୁ ନେଇ କହିଛନ୍ତି, ଯଦି ମୁଁ ଏକ ବିଦାୟକାଳୀନ ଟେଷ୍ଟ ଖେଳିଥାନ୍ତି, ହେଲେ ତା'ର ଯୋଗ୍ୟ ନ ଥାନ୍ତି, ତେବେ କିଭଳି ଅନୁଭବ ହୋଇଥାନ୍ତା? ମୁଁ କେବଳ ବିଦାୟ ଦେବା ଲାଗି ଦଳରେ ସାମିଲ ହେବାକୁ ଚାହୁଁ ନ ଥିଲି। ମୁଁ ଭାବୁଛି ଯେ ମୋ ଭିତରେ ଆହୁରି କ୍ରିକେଟ ବାକି ଥିଲା, ହେଲେ ଏହା ସବୁବେଳେ ଭଲ ଯେ ଲୋକେ କାହିଁକି ବୋଲି ପଚାରନ୍ତୁ। ମୁଁ ସଚ୍ଚୋଟତାର ସହ କ୍ରିକେଟ ଖେଳିବାକୁ ଚାହେଁ। ଏହି ନିଷ୍ପତ୍ତି ମୋ ଖୁସିର ଏକ ଅଂଶ ବୋଲି ସେ କହିଛନ୍ତି।

ଅଶ୍ୱିନ ୧୦୬ ଟେଷ୍ଟ ମ୍ୟାଚ୍‌ରେ ୫୩୭ ଉଇକେଟ ନେଇଥିଲେ, ଯାହାକି ଭାରତ ପକ୍ଷରୁ ଟେଷ୍ଟରେ ଦ୍ୱିତୀୟ ସର୍ବାଧିକ ଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୭୬୫ ଉଇକେଟ ନେଇଥିଲେ। ତାଙ୍କ ଆଗରେ କେବଳ ଅନିଲ କୁମ୍ବଲେ ୯୫୩ ଉଇକେଟ ନେଇ ରହିଥିଲେ।

# ମୁମ୍ବାଇ ପାଇଁ ରଣଜୀ ଟ୍ରଫି ଖେଳିବାକୁ ପ୍ରସ୍ତୁତ ଯଶସ୍ୱୀ ଜୈସ୍ୱାଲ

**ମୁମ୍ବାଇ**

ଯଶସ୍ୱୀ ଜୈସ୍ୱାଲ ରଣଜୀ ଟ୍ରଫି ଖେଳିବାକୁ ପ୍ରସ୍ତୁତ। ଏହି ପରିପ୍ରେକ୍ଷୀରେ, ସେ ତାଙ୍କ ନିଷ୍ପତ୍ତି ବିଷୟରେ ମୁମ୍ବାଇ କ୍ରିକେଟ୍ ଆସୋସିଏସନକୁ ଅବଗତ କରାଇଛନ୍ତି। ମୁମ୍ବାଇ ଏବଂ ଜମ୍ମୁ କାଶ୍ମୀର ମଧ୍ୟରେ ମ୍ୟାଚ୍ ଜାନୁଆରୀ ୨୩ ରୁ ଖେଳାଯିବ। ଉଭୟ ଦଳ ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମରେ ପରସ୍ପରକୁ ମୁହାଁମୁହିଁ ହେବେ।

ଯଶସ୍ୱୀ ଜୈସ୍ୱାଲ ଏହି ମ୍ୟାଚ୍ ପାଇଁ ନିଜକୁ ଉପଲବ୍ଧତା ଘୋଷଣା କରିଛନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏସନର ଅଧିକାରୀ କହିଛନ୍ତି ଯେ ଜୈସ୍ୱାଲ ତାଙ୍କ ପ୍ରଶିକ୍ଷକ ଓମକାର ସାଲଭିଙ୍କୁ କହିଥିଲେ ଯେ ସେ ରଣଜୀ ଟ୍ରଫି ପାଇଁ ଉପଲବ୍ଧ। ରଣଜୀ ଟ୍ରଫିର



ପରବର୍ତ୍ତୀ ରାଉଣ୍ଡରେ ଯଶସ୍ୱୀ ଜୈସ୍ୱାଲ ମୁମ୍ବାଇ ଜର୍ସିରେ ନଜର ଆସିବେ। ତଥାପି, ରଣଜୀ ଟ୍ରଫିର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ମୁମ୍ବାଇ ଦଳ ଏପର୍ଯ୍ୟନ୍ତ ଚୟନ କରାଯାଇ ନାହିଁ। ଆଗାମୀ କିଛି ଦିନ ମଧ୍ୟରେ ଚୟନ ସମ୍ଭବ ବୋଲି ବିଶ୍ୱାସ କରାଯାଉଛି।

ମଙ୍ଗଳବାର ଦିନ ରୋହିତ ଶର୍ମା ମୁମ୍ବାଇ ଦଳ ସହିତ ଅଭ୍ୟାସ କରିଥିଲେ। ଯଦି ରୋହିତ ଶର୍ମା ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରନ୍ତି, ତେବେ ମୁମ୍ବାଇ ଦଳରେ ଅଜିଙ୍କ୍ୟ ରାହାଣେ, ରୋହିତ ଶର୍ମା ଏବଂ ଯଶସ୍ୱୀ ଜୈସ୍ୱାଲଙ୍କ ଭଳି ମହାନ ଖେଳାଳିଙ୍କୁ ଦେଖିବାକୁ ମିଳିପାରେ। ସେହିପରି, ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଟି-୨୦ ଏବଂ ଏକଦିବସୀୟ ମ୍ୟାଚ୍ ର ଏକ ସିରିଜ୍ ଖେଳିବ। ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳର ଅଧିନାୟକ ହେବେ। ଯଶସ୍ୱୀ ଜୈସ୍ୱାଲ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ଅଂଶ ନୁହଁନ୍ତି। ଏହି ସିରିଜ ପାଇଁ ଯଶସ୍ୱୀ ଜୈସ୍ୱାଲଙ୍କୁ ବିଶ୍ରାମ ଦିଆଯାଇଛି। ସେପଟେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ ଟି ଟି-୨୦ ମ୍ୟାଚ୍‌ର ଏକ ସିରିଜ୍ ଖେଳାଯିବ। ଏହା ପରେ, ଉଭୟ ଦଳ ଦିନିକିଆ ସିରିଜରେ ମୁହାଁମୁହିଁ ହେବେ। ଜାନୁଆରୀ ୨୨ରୁ ଟି-୨୦ ସିରିଜ୍ ଆରମ୍ଭ ହେଉଛି। ଏହା ପରେ, ୬ ଫେବୃଆରୀରୁ ୧୨ ଫେବୃଆରୀ ମଧ୍ୟରେ ଦିନିକିଆ ସିରିଜ୍ ଖେଳାଯିବ। ଇଂଲଣ୍ଡ ସିରିଜ ପରେ, ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପାଇଁ ଦୁବାଇ ଯିବେ। ଚାମ୍ପିଅନ୍ସ ଟ୍ରଫି ୨୦୨୫ ଫେବୃଆରୀ ୧୯ରୁ ଆରମ୍ଭ ହେଉଛି। ସେହିପରି, ଭାରତୀୟ ଦଳ ଫେବୃଆରୀ ୨୦ ରେ ବାଂଲାଦେଶ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ।

# ପିଏଙ୍କ ପାଇଁ ପୁଣି ଟାର୍ଗେଟରେ ଗମ୍ଭୀର

**ନୂଆଦିଲ୍ଲୀ**



ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ପୂର୍ବରୁ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସମସ୍ୟା କମିବାର ନାଁ ନେଉନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜ ଏବଂ ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫିରେ ଖରାପ ପ୍ରଦର୍ଶନ ଯୋଗୁ ଗମ୍ଭୀର ପୂର୍ବରୁ ଚାପରେ ଅଛନ୍ତି। ଏବେ ତାଙ୍କ ପର୍ସନାଲ ଆସିଷ୍ଟାଣ୍ଟ ଯୋଗୁ ତାଙ୍କର ସମସ୍ୟା ଆହୁରି ବଢ଼ିପାରେ। ରିପୋର୍ଟ ଅନୁସାରେ, ଗମ୍ଭୀରଙ୍କ ପିଏ ସବୁଠି ଦଳ ସହିତ ଉପସ୍ଥିତ ରହିବାକୁ ନେଇ ବିସିସିଆଇ ଅଧିକାରୀମାନେ ଖପ୍ପା ହୋଇଯାଇଛନ୍ତି। ଯାହା ପରେ ଏବେ ତାଙ୍କ ପିଏ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲୁଛି। ବିସିସିଆଇର ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ଚୟନକର୍ତ୍ତାଙ୍କ କାର୍‌ରେ ଗୌତମ ଗମ୍ଭୀରଙ୍କ ପିଏ ଦେଖାଯାଇଥିଲେ। ଅଧିକାରୀ ଜଣକ ଏହା ଉପରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ଚୟନକର୍ତ୍ତାଙ୍କ ପିଏ କାହିଁକି ସେମାନଙ୍କ ଗାଡ଼ିରେ ବସିଥିଲେ? ତୃତୀୟ ବ୍ୟକ୍ତି ଉପସ୍ଥିତ ଥିବାବେଳେ ଚୟନକର୍ତ୍ତାମାନେ ସେମାନଙ୍କ ବିଷୟରେ ବ୍ୟକ୍ତିଗତ ଭାବରେ ଆଲୋଚନା ମଧ୍ୟ କରିପାରିବେ ନାହିଁ। ସେମାନଙ୍କୁ ଆଡିଲେଡରେ ବିସିସିଆଇ ହସ୍ପିଟାଲିଟି ବାକ୍ସରେ କାହିଁକି ସ୍ଥାନ ଦିଆଗଲା ବୋଲି ଅଧିକାରୀ ଜଣକ ପ୍ରଶ୍ନ କରିଛନ୍ତି।





ଜିନ୍ଦଲ ଶ୍ରୀଶ୍ରୀ ଏକାଡ଼େମୀର ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍କୁଲ କମିଟି ଅଧକ୍ଷା ଶ୍ରୀମତୀ ନିଳମ ସିଂହ ଉଦ୍‌ବୋଧନ ଦେଉଛନ୍ତି। ଉପସ୍ଥିତ ଅଛନ୍ତି ଜେଏସଡବ୍ଲ୍ୟୁପିଏସଏଲର ସିଓଓ ଉମେଶ ରାୟ, ମାନବ ସମ୍ବଳ ବିଭାଗ ମୁଖ୍ୟ ଜେ.ପି. ସିଂହଙ୍କ ସମେତ ବିଶିଷ୍ଟ ଅତିଥିମାନେ।

## ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ

# କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅବଶିଷ୍ଟ ଅଂଶ ପାଇଁ ନୂତନ ଟେଣ୍ଡର ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ନୂତନ ବ୍ରଡଗେଜ୍ (ବିଜି) ରେଳ ଲାଇନ ପ୍ରକଳ୍ପକୁ ସମାପ୍ତ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ, ରେଳ ମନ୍ତ୍ରଣାଳୟ ପ୍ରକଳ୍ପର ଅବଶିଷ୍ଟ ଅଂଶ ପାଇଁ ଟେଣ୍ଡର ଆମନ୍ତ୍ରଣ କରିଛି। ୧୪୯.୭୮ କିଲୋମିଟର ବ୍ୟାପୀ ଏହି ନୂତନ ରେଳ ଲାଇନ ଓଡ଼ିଶାର ତାଳଚେର ସହିତ ବିମଳାଗଡ଼କୁ ସଂଯୋଗ କରିବାକୁ ପ୍ରସ୍ତୁତ ଏବଂ ଟେଣ୍ଡର ଆମନ୍ତ୍ରଣରେ ମାଟି କାମ, ସେତୁ ନିର୍ମାଣ, ଷ୍ଟେସନ ସୁବିଧା, ଡ୍ରେନେଜ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଟେ। ଟେଣ୍ଡର ପାଇଁ ଆନୁମାନିକ ମୂଲ୍ୟ ୭୨୬.୧୨୯ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି।

ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରାରମ୍ଭିକ ଭାବରେ ୨୦୦୩-୦୪ ମସିହାରେ ମଞ୍ଜୁର କରାଯାଇଥିଲା କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା, ଆଇନଗତ ବାଧା ଏବଂ ଅନ୍ୟାନ୍ୟ ଆହ୍ୱାନ ଯୋଗୁଁ ବର୍ଷ ବର୍ଷ ଧରି ଅନେକ ବିଳମ୍ବର ସମ୍ମୁଖୀନ ହୋଇଛି। ଏହି ବାଧା ସତ୍ତ୍ୱେ, ପ୍ରକଳ୍ପର ପ୍ରାୟ ୨୬% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, ତାଳଚେର ଏବଂ ସୁନାଖଣି ମଧ୍ୟରେ ୨୦ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି। ଏହା ସହିତ, ଚାଲୁଥିବା ନିର୍ମାଣ କାର୍ଯ୍ୟ ଅନୁଗୁଳ ଜିଲ୍ଲାର ଖମାର ଆଡ଼କୁ ରେଳ ସଂଯୋଗକୁ ଆହୁରି ୩୦.୫ କିଲୋମିଟର ବିସ୍ତାର କରିଛି, ଯାହାର ଲକ୍ଷ୍ୟ ହେଉଛି ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରିବା।

ବିଳମ୍ବ ଦୂର କରିବା ପାଇଁ ପ୍ରୟାସ ଜୋରଦାର କରାଯାଇଛି। ଅନୁଗୁଳ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ ଜମି ଅଧିଗ୍ରହଣ କରାଯାଇଛି ଏବଂ ରାଜ୍ୟ ସରକାର ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅବଶିଷ୍ଟ ଜମି ଯୋଗାଇ ଦେବେ ବୋଲି ଆଶା କରାଯାଉଛି। ରେଳବାଇ ଦ୍ୱାରା ନିୟୋଜିତ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛନ୍ତି ଯାହା ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଆଉ କୌଣସି ବାଧା ବ୍ୟତୀତ ଆଗକୁ ବଢ଼ିବ।

ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ, ରେଳ ଲାଇନର ଉଭୟ ପାର୍ଶ୍ୱ ଯଥା ତାଳଚେର ଏବଂ ବିମଳାଗଡ଼ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବିମଳାଗଡ଼-ମହୁଲଡିହା ସେକ୍ସନ ପୂର୍ବରୁ ନିର୍ମାଣାଧୀନ ଅଛି ଏବଂ ପାଲଲହଡ଼ା ଏବଂ ମହୁଲଡିହା ମଧ୍ୟରେ ଅବଶିଷ୍ଟ ୩୦.୬୨୫ କିଲୋମିଟର ରେଳ ମାର୍ଗ ପାଇଁ ସମ୍ପ୍ରତି ଏକ ଟେଣ୍ଡର ଆହ୍ୱାନ କରାଯାଇଅଛି ଯାହାକି ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ଅଗ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

ପ୍ରାୟ ୧୨ ବର୍ଷ ଧରି ବିଳମ୍ବର ସମ୍ମୁଖୀନ ହୋଇଥିବା ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ଏବେ ପୂର୍ବତଟ ରେଳପଥ ପ୍ରଶାସନ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପ ସହିତ ଅଗ୍ରଗତି ପାଇବାରେ ଲାଗିଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଭୂମି ଅଧିଗ୍ରହଣ ଏବଂ ନ୍ୟାୟାଳୟ ମାମଲା ସହିତ ଜଡ଼ିତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟ ଅନ୍ତର୍ଭୁକ୍ତ। ରେଳ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ପ୍ରାଥମିକତା ଦେଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବରେ ଅଧିକାରୀମାନଙ୍କୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରକଳ୍ପ ସମାପ୍ତି ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ପୂର୍ବତଟ ରେଳପଥ ଇଞ୍ଜିନିୟରିଂ ଦଳ ସୁନାଖଣି ଏବଂ ସମଲ ଷ୍ଟେସନ ମଧ୍ୟରେ ଅବସ୍ଥିତ ୮୪୦ ମିଟର ଲମ୍ବା ସୁଡ଼ଙ୍ଗରେ ଶେଷ ବିସ୍ଫୋରଣ କିଛି ମାସ ପୂର୍ବରୁ ସଫଳତାର ସହିତ ସମ୍ପାଦନ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇଥିଲା। ଏହି ସଫଳତା ଗୁରୁତ୍ୱପୂର୍ଣ୍ଣ ଭୌଗୋଳିକ ଚ୍ୟାଲେଞ୍ଜକୁ ଦୂର କରି ପ୍ରକଳ୍ପର ପ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହଟେଇ ନେଇଛି।

ଏହି ରେଳ ସଂଯୋଗ ଦ୍ୱାରା ଉକ୍ତ ଅଞ୍ଚଳର ଆର୍ଥିକ ଲାଭ ଯଥେଷ୍ଟ ବୃଦ୍ଧି ପାଇବ। ସମ୍ପୂର୍ଣ୍ଣ ହେବା ପରେ, ଏହି ପ୍ରକଳ୍ପ ରାଉରକେଲା ଏବଂ ତାଳଚେର ମଧ୍ୟରେ ପ୍ରାୟ ୧୨୬ କିଲୋମିଟର ଦୂରତା ହ୍ରାସ କରିବ। ଏହି ରେଳ ଲାଇନ ରପ୍ତାନି-ଗୁଣବତ୍ତା ଲୁହାପଥରର ଦକ୍ଷ ପରିବହନକୁ ସହଜ କରିବ, ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ ଏବଂ ଅଞ୍ଚଳର ଶିଳ୍ପଗୁଡ଼ିକୁ ଲାଭ ପ୍ରଦାନ କରାଇବ। ଏହା ସହିତ, ଏହି ପ୍ରକଳ୍ପ ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼ର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ପୂର୍ବତଟ ରେଳପଥ ମଧ୍ୟ ଜମି ଅଧିଗ୍ରହଣର ଶୀଘ୍ର ସମାପ୍ତି ଏବଂ ନିର୍ମାଣ କାର୍ଯ୍ୟରେ ଧାର୍ଯ୍ୟ ଅଗ୍ରଗତି ବଜାୟ ରଖିବା ପାଇଁ ଉତ୍ସର୍ଗୀକୃତ ଭୂମି ଅଧିଗ୍ରହଣ ଅଧିକାରୀଙ୍କୁ ନିଯୁକ୍ତ କରିଛି। ଉଚ୍ଚ ସ୍ତରରେ ପ୍ରକଳ୍ପର ସ୍ଥିତିର ନିୟମିତ ସମୀକ୍ଷା କରାଯାଉଛି ଯାହାଦ୍ୱାରା ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ସମୟସୀମା ପୂରଣ କରିବା ପାଇଁ ଅବଗତ ହୋଇପାରୁଛନ୍ତି।

ତାଳଚେର-ବିମଳାଗଡ଼ ରେଳ ସଂଯୋଗ ସବୁଠାରୁ ନିକଟତମ ତଦାରଖ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟରୁ ଗୋଟିଏ ଯାହା ଓଡ଼ିଶାରେ ଆଞ୍ଚଳିକ ସଂଯୋଗୀକରଣ ଏବଂ କାର୍ଯ୍ୟକ୍ଷମତା ଉନ୍ନତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱରେ ସ୍ଥାନୀୟ ସହଭାଗୀ ଏବଂ ଶିଳ୍ପମାନଙ୍କ ଲାଭ ପାଇଁ ଟ୍ରାଫିକ୍ ଗତିବିଧିକୁ ସୁଗମ କରିବା ଏବଂ ସୁବିଧାଗୁଡ଼ିକୁ ଉନ୍ନତ କରିବା ପାଇଁ ରେଳବାଇ ପକ୍ଷରୁ ପ୍ରୟାସ ଜାରି ରହିଛି।

# ଯାଜପୁରରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦% ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ବିତରଣ କଲେ ସମବାୟ ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଶତକଡା ୮୦ ପ୍ରତିଶତରୁ ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ୩,୫୦୦ ଟଙ୍କା ବିତରଣ ସମାରୋହ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଲେ ମଧୁବାବୁ ପେନସନ ଯୋଜନା ଏବଂ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ୮୦ ବର୍ଷ କିମ୍ବା ତା ଠାରୁ ଅଧିକ ବୟସ୍କ ଭତ୍ତା ହିତାଧିକାରୀ ଏବଂ ଶତକଡା ୮୦ କିମ୍ବା ତଦୁର୍ଦ୍ଧ ଭିନ୍ନକ୍ଷମତା ଥିବା ହିତାଧିକାରୀଙ୍କୁ ପୂର୍ବରୁ ୧୨୦୦ ଟଙ୍କା ଭତ୍ତା ମିଳୁଥିଲା। ମାତ୍ର ଏବେ ସେମାନେ ୩୫୦୦ ଟଙ୍କା ମାସିକ ଭତ୍ତା ପାଇବେ। ଯାଜପୁର ଜିଲ୍ଲାର ୮୦ ବର୍ଷ କିମ୍ବା ତା ଠାରୁ ଅଧିକ ବୟସ ବର୍ଗରେ ମୋଟ ୧୬ ହଜାର ୪୧ ଜଣ ହିତାଧିକାରୀ ଏବଂ ଶତକଡା ୮୦ ଭାଗ କିମ୍ବା ତଦୁର୍ଦ୍ଧ ଭିନ୍ନକ୍ଷମତା ଥିବା ବର୍ଗରେ ୪ ହଜାର ୧୪୮ ଜଣ ହିତାଧିକାରୀ ଉପକୃତ ହେବେ। ଜିଲ୍ଲାରେ ମୋଟ ୨୦ ହଜାର ୧୮୯ ଜଣ ଉପକୃତ ହେଉଥିବା ବେଳେ ରାଜ୍ୟରେ ୪ ଲକ୍ଷ ୧୭ ହଜାର ୪୯୬ ଜଣ ହିତାଧିକାରୀ ଉପକୃତ ହେବେ। ଏହା ବୟସ୍କ ଓ ଦିବ୍ୟାଙ୍ଗମାନଙ୍କ ପ୍ରତି ଆମର ସେବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ନୂତନ ବର୍ଦ୍ଧିତ ଭତ୍ତା ପ୍ରଦାନ ନିଷ୍ପତ୍ତି ସରକାରଙ୍କ ବୟସ୍କ ଓ ଦିବ୍ୟାଙ୍ଗମାନଙ୍କ ପ୍ରତି ସମ୍ବେଦନ ଶୀଳତାର ପ୍ରମାଣ। ଏହା ସେମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବ। ତେଣୁ ସାମାଜିକ ନିରାପତ୍ତା ସୁନିଶ୍ଚିତ ହେବ। ଆମେ ଏପରି ଏକ ସମାଜ ଗଠନ କରିବାକୁ ଚେଷ୍ଟା କରୁଛୁ ଯେଉଁଠାରେ ସବୁ ବର୍ଗର ବ୍ୟକ୍ତି ନିଜକୁ ସଶକ୍ତ ଅନୁଭବ କରିବେ। ପୂର୍ବରୁ ସୁଭଦ୍ରା ଯୋଜନାରେ ମା' ଭଉଣୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ ପାଇଁ ପଦକ୍ଷେପ ନିଆଯାଇଥିବା ବେଳେ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟକରି ଚାଷୀ ମାନଙ୍କ ଶ୍ରମ ପ୍ରତି ଆମ ସରକାର ସମ୍ମାନ ପ୍ରଦର୍ଶନ କରିଛନ୍ତି। ଏହି ବର୍ଦ୍ଧିତ ଭତ୍ତା ସେମାନଙ୍କ ଉପଯୁକ୍ତ ସମ୍ମାନ ପାଇଁ ସାମାଜିକ ସ୍ୱୀକୃତି ପାଇଁ, ସାମାଜିକ ନିରାପତ୍ତା ପାଇଁ, ଉନ୍ନତ ଜୀବନଯାପନ ପାଇଁ। ଏଣିକି ପରିବାରରେ ବଢ଼ିବ ସେମାନଙ୍କ ସମ୍ମାନ। ସେମାନେ ଅଲୋଡ଼ା ମନେ କରିବେ ନାହିଁ। ବାର୍ଦ୍ଧକ୍ୟରେ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେଇପାରିବେ। ଏହି ସମାରୋହରେ ଅଧକ୍ଷତା କରି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୮୦ ବର୍ଷ ଏବଂ ଉର୍ଦ୍ଧ୍ୱ ୭,୭୫୨ ଜଣଙ୍କ ପାଇଁ ଭତ୍ତା ଅନୁମୋଦିତ ହୋଇଥିବା ବେଳେ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ଶତକଡା ୮୦ ପ୍ରତିଶତ ଓ ତଦୁର୍ଦ୍ଧ ୧,୩୨୨ ଜଣ ଭିନ୍ନକ୍ଷମ ପାଇଁ ମଞ୍ଜୁରୀ ହୋଇଛି। ସେହିପରି ମଧୁବାବୁ ପେନସନ ଯୋଜନାରେ ୮୦ ବର୍ଷ ଏବଂ ଉର୍ଦ୍ଧ୍ୱ ୭,୩୯୨ ଜଣଙ୍କ ପାଇଁ ମଞ୍ଜୁରୀ ହୋଇ ଥିବା ବେଳେ ଭିନ୍ନକ୍ଷମ ୨,୯୭୮ ଜଣଙ୍କ ପାଇଁ ମଞ୍ଜୁରୀ ହୋଇଛି। ଯେଉଁମାନେ ଭତ୍ତା ପାଇ ପାରି ନାହାନ୍ତି ଯଥାଶୀଘ୍ର ପଦକ୍ଷେପ ନିଆଯାଇ ଯୋଗାଇ ଦିଆଯିବ। ଭିନ୍ନକ୍ଷମ ମାନଙ୍କୁ ଆତ୍ମନିଯୁକ୍ତି ନିମନ୍ତେ ଏମ.ସି.ଏଲ (ମହାନଦୀ କୋଲ ଫିଲ୍ଡ ଲିମିଟେଡ) ଦ୍ୱାରା ୨୨ ଗୋଟି ଇ-ରିକ୍ସା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଯାଜପୁର, ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଅଂଶୁମାନ ଶତପଥୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ଉପସ୍ଥିତ ଥିଲେ।

## ସିବିଆଇ ତଦନ୍ତ ନେଇ ମୁହଁ ଖୋଲିଲେ ଦୀପାଳି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ମୁହଁ ଖୋଲିଛନ୍ତି ଝିଅ ଦୀପାଳି ଦାସ। ଭାଜପା ନେତାମାନେ ବାରମ୍ବାର ଏହି ପ୍ରସଙ୍ଗ ଉଠାଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଦୀପାଳି। ଏଥିସହିତ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଶ୍ନ ମଧ୍ୟ କରିଛନ୍ତି। ଦୀପାଳି କହିଛନ୍ତି, ଗତ ବିଧାନସଭାରେ ୨ ଜଣ ବିଧାୟକ ଏହି ପ୍ରସଙ୍ଗ ଉଠାଇଥିଲେ। ଏବେ ମୁଁ କାହିଁକି ସିବିଆଇ ତଦନ୍ତ ଦାବି କରୁନି ବୋଲି ଗଣମାଧ୍ୟମରେ କହୁଛନ୍ତି। ତେବେ ମୋହନ ସରକାରଙ୍କୁ ଅନୁରୋଧ ସିବିଆଇ ତଦନ୍ତ କରାଇବେ କି ? ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, 'ଆମ ପରିବାରକୁ ଆକ୍ଷେପ କରାଯାଉଛି, ସେମାନେ ଆମ ସହ ଠିଆ ହେବେକି। ମୋ ଭାଇକୁ ବିନା ୱାରେଣ୍ଟିରେ ଛତିଶଗଡ଼ରେ ଅଟକ ରଖିଲେ। ଏପଟେ ଆଜି ମୋ ବାପାଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ଲେଖା ମାଗୁଛନ୍ତି। ତେଣୁ ମୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି ଆମକୁ ଡାକି ଆଲୋଚନା କରି ଆଗକୁ ବଢ଼ନ୍ତୁ।"

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ରୂପେ ଆଲୋକ ବର୍ମାଙ୍କ ଦାୟିତ୍ୱ ଗ୍ରହଣ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**



ଆଲୋକ ବର୍ମା ଜାନୁଆରୀ ୧୩ ତାରିଖରେ ସେଲ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଆଇଟି ସିନ୍ଦ୍ରି, (ରାଞ୍ଚି ବିଶ୍ୱବିଦ୍ୟାଳୟ)ରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ ପରେ, ଶ୍ରୀ ବର୍ମା ୧୯୯୧ ମସିହାରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର ଅନ୍ୟତମ ୟୁନିଟ୍ ବୋକାରୋ ଇସ୍ପାତ କାରଖାନା (ବିଏସଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି (ଟେକ୍ନିକାଲ୍) ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ।

ବୋକାରୋରେ ତାଙ୍କର ୩୨ ବର୍ଷର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ, ଶ୍ରୀ ବର୍ମା ୧୯୯୭, ୨୦୦୭, ୨୦୧୫ ଏବଂ ୨୦୨୩ ମସିହାରେ ରୋଲିଂ ମିଲ୍ସର ସମୟୋଚିତ ପ୍ରକଳ୍ପ ସମାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସିକ୍ସ ସିଗ୍ମା ବ୍ଲାକ୍ ବେଲ୍ଟ ଭାବରେ ସ୍ୱୀକୃତ ଶ୍ରୀ ବର୍ମା ମିଲ୍ ପରିଚାଳନା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥି ମଧ୍ୟରେ ଇଆରପି କାର୍ଯ୍ୟାନ୍ୱୟନ, ସିକ୍ସ ସିଗ୍ମା ପ୍ରମାଣପତ୍ର ହାସଲ, ହଟ୍ ରୋଲିଂ କୁଲିଂ ଅପରେସନର ଟେକ୍ନିକାଲ୍ ଡିଜାଇନର ପେଟେଣ୍ଟ ହାସଲ ଏବଂ ତିନୋଟି ନୂତନ ଉତ୍ପାଦ ଉଦ୍ଭାବନ ଅନ୍ତର୍ଭୁକ୍ତ ରହିଥିଲା। ଏହି ଅବଦାନଗୁଡ଼ିକ ରୋଲିଂ ମିଲ୍ସର ଉତ୍ପାଦ ଗୁଣବତ୍ତା, ଉତ୍ପାଦନ ପରିମାଣ ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥିଲା।

ଶ୍ରୀ ବର୍ମା ଉତ୍ପାଦ ସମୂହକୁ ସମୃଦ୍ଧ ଗଢ଼ିବା କକ୍ଷେ ବ୍ୟବସାୟ ବିଶ୍ଳେଷଣ ଡିଭିଜନ ସହିତ ଉତ୍ସାହର ସହିତ କାର୍ଯ୍ୟ କରିଥିଲେ, ଏବଂ ତଦନୁସାରେ ବଜାର ଧାରା ଅନୁଯାୟୀ ଉତ୍ପାଦନକୁ ଗ୍ରାହକାଭିମୁଖୀ କରିବା ପାଇଁ ନିବେଶ ଆବଶ୍ୟକତା ଚିହ୍ନଟ କରିବା ସଙ୍ଗେସଙ୍ଗେ ବ୍ୟବସାୟ ସୂଚନାର ସକ୍ରିୟ ବିଶ୍ଳେଷଣ କରୁଥିଲେ।

୨୦୨୩ ଜୁଲାଇ ମାସରେ, ଶ୍ରୀ ବର୍ମା ନିର୍ବାହୀ ନିର୍ଦ୍ଦେଶକ ଭାବରେ ପଦୋନ୍ନିତ ହୋଇଥିଲେ ଏବଂ ତାଙ୍କୁ ରାଉରକେଲା ଇସ୍ପାତ କାରଖାନାର ଖଣି ବିଭାଗର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେ ନୂତନ ଭାବରେ ଗଠିତ ଓଡ଼ିଶା ଖଣି ସମୂହର ବ୍ୟବସ୍ଥାଗୁଡିକୁ ରାଉରକେଲା ଇସ୍ପାତ କାରଖାନା ସହିତ ସୁଗମ ଭାବରେ ଏକୀକୃତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ଦକ୍ଷ ନେତୃତ୍ୱରେ, ପ୍ରାୟ ୪୦ ବର୍ଷର ବ୍ୟବଧାନ ପରେ ବୋଲାଣିରେ ମାଙ୍ଗାନିଜ୍ ଖଣିରୁ ଖଣିଜ ଉତ୍ତୋଳନ ପୁନାରମ୍ଭ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ, ଓଡ଼ିଶା ଖଣି ସମୂହ ୧୪.୩୦ ନିୟୁତ ଟନ୍ ରେକର୍ଡ ଲୁହା ପଥର ଉତ୍ପାଦନ ହାସଲ କରିଥିଲା।

ଜଟିଳ ସୂଚନାର ସଂଶ୍ଳେଷଣ ଏବଂ ସୂଚନାପ୍ରଦ ନିଷ୍ପତ୍ତି ନେବାର ଶ୍ରୀ ବର୍ମାଙ୍କ ଦକ୍ଷତା ବୋଲାଣିରୁ ଡମ୍ପ ଫାଇନ୍ ଏବଂ ବରସୁଆରୁ ଟେଲିଂ ବାହ୍ୟ ଏଜେନ୍ସିଗୁଡ଼ିକୁ ପେଲେଟ୍ ରୂପାନ୍ତର ପାଇଁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ ବୋଲାଣି ଲୌହ ଖଣିରେ ଓଭରସାଇଜ୍ ଲମ୍ପ୍ ନିୟନ୍ତ୍ରଣ ପାଇଁ ଏକ ତୃତୀୟ କ୍ରସରର ସ୍ଥାପନ ଏବଂ କାର୍ଯ୍ୟକାରିତାର ମଧ୍ୟ ତଦାରଖ କରିଥିଲେ।

୨୦୨୪ ସେପ୍ଟେମ୍ବର ୩୦ ତାରିଖରେ, ଶ୍ରୀ ବର୍ମା ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପଦବୀର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ରୂପେ ଦାୟିତ୍ୱ ନେବା ପୂର୍ବରୁ ସେ ନଭେମ୍ବର ୧୫ ତାରିଖରୁ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଥିଲେ ।

ଶ୍ରୀଯୁକ୍ତ ବର୍ମାଙ୍କ ଉତ୍କର୍ଷତା ପ୍ରତି ଅଟଳ ପ୍ରତିବଦ୍ଧତା ଏବଂ ନିଖୁଣ କାର୍ଯ୍ୟାନ୍ୱୟନ ପ୍ରତି ତାଙ୍କର ଉତ୍ସର୍ଗତା ତାଙ୍କୁ ଜଣେ ଦୃଢ଼ ନେତୃତ୍ୱ ଭାବରେ ଖ୍ୟାତି ପ୍ରଦାନ କରିଛି ଯିଏ ଉଚ୍ଚ ଲକ୍ଷ୍ୟ ଧାର୍ଯ୍ୟ କରିବା ସହିତ ଏକ ନିରନ୍ତର ଉନ୍ନତିର ସଂସ୍କୃତିକୁ ପ୍ରୋତ୍ସାହିତ କରିଥାନ୍ତି । ସେ ମେନେଜମେଣ୍ଟ ବିଜିନେସ ସିମୁଲେସନ ଗେମରେ ଅଂଶଗ୍ରହଣ କରି ଜାତୀୟ ଚମ୍ପିୟାନ ହେବା ସହିତ ଏସୀୟ ଚମ୍ପିୟାନ ଆଖ୍ୟା ଲାଭ କରିଥିଲେ ଏବଂ ବିଶ୍ୱ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲେ।

ଜଣେ ସୁଦକ୍ଷ ବୈଷୟିକବିତ ରୂପେ ସେ ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଅଷ୍ଟ୍ରିଆ ଏବଂ ଚୀନ ସମେତ ବିଶ୍ୱର ବିଭିନ୍ନ ଦେଶ ଗସ୍ତ କରି ଇସ୍ପାତ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ହାସଲ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଦ୍ଧିତ ପେନସନ ଯୋଜନାର...

ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଗତ ଦୁଇ ଦିନ ତଳେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି । ଏହା ମାଧ୍ୟମରେ ରାଜ୍ୟର ଗରିବ ଓ ଅସହାୟ ଲୋକଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବ । ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାରେ ୭୦ ବର୍ଷରୁ ଅଧିକ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଯୋଡିଛନ୍ତି । ଗାଁ ଗଣ୍ଡାର ଲୋକମାନେ ସହରର ଭଲ ଭଲ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇ ପାରିବେ। ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ସମୃଦ୍ଧି ତଥା ରାଜ୍ୟର ଚାଷୀ, ମହିଳା, ଶ୍ରମିକ, ଯୁବଗୋଷ୍ଠୀ ଇତ୍ୟାଦି ସମସ୍ତ ବର୍ଗର କଲ୍ୟାଣ ପାଇଁ ଆମ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ଆଦିବାସୀ, ଗରିବ, ପଛୁଆ ଲୋକଙ୍କ ବିକାଶକୁ ଆମ ସରକାର ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ସବୁ ବର୍ଗର ଲୋକଙ୍କୁ ସମାନ ଖୁସି ଦେବାପାଇଁ ଆମ ସରକାର କାମ କରୁଛନ୍ତି । ରାଜ୍ୟର ଜନ ସାଧାରଣ ଚାହୁଁଥିବା ଅନୁଯାୟୀ କାମ ହେବ ଓ ରାଜ୍ୟର ବିକାଶ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝରରେ ଖୁବ୍ ଶୀଘ୍ର ମେଗା ଇସ୍ପାତ କାରଖାନା ନିର୍ମାଣ ହେବ, ଚଳିତ ମାସ ଶେଷ ସପ୍ତାହରେ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏହି ଇସ୍ପାତ କାରଖାନା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର ହେବ । କେବଳ କେନ୍ଦୁଝରର ନୁହେଁ, ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପାନୁଷ୍ଠାନ ଓ କଳ କାରଖାନ ସ୍ଥାପନ ପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି । କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ପାଇଁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କ ମଧ୍ୟରୁ କେନ୍ଦୁଝର ଜିଲ୍ଲାରୁ ରକ୍ଷାକର ଜେନା, ଯୋଗେନ୍ଦ୍ର ନାୟକ, ରଜନୀ ମହାନ୍ତିଙ୍କୁ ବର୍ଦ୍ଧିତ ବୟସ୍କ ଭତ୍ତା ଏବଂ ସତ୍ୟଭାମା ସେଠୀ, ଅନିରୁଦ୍ଧ ଦାସ ଏବଂ ଜୟକୃଷ୍ଣ ମହନ୍ତଙ୍କୁ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବୃନ୍ଦ, ସାଂସଦ, ବିଧାୟକ ଓ ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ ଏବଂ କେନ୍ଦୁଝର ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ ପ୍ରମୁଖ ଏହି ବର୍ଦ୍ଧିତ ଭତ୍ତା ବୟସ୍କ ଓ ଭିନ୍ନକ୍ଷମଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ସହିତ ସେମାନଙ୍କ ଦୈନନ୍ଦିନ ଜୀବନ ନିର୍ବାହ କରିବାରେ ବେଶ୍ ସହାୟକ ହେବ ବୋଲି ବକ୍ତବ୍ୟ ରଖି କେନ୍ଦୁଝର ଓ ରାଜ୍ୟର ବିକାଶ ଦିଗରେ ସମସ୍ତେ ମିଳିମିଶି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଭ୍ରାଟ କରିଥିବା ସେବାୟତଙ୍କ...

ଅବକାଶ ନୀତି, ଭୋଗ ସମର୍ପଣ ବନ୍ଦ ରହିଥିଲା । ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ଘୃତ କମଳ ନୀତିରେ ହୋଇଥିବା ବିବାଦ ପାଇଁ ୩ ଦିନ ହେଲାଣି ସମସ୍ତ ନୀତି ବନ୍ଦ ରହିଥିଲା। କ୍ଷୀର ଆଉଟିବା ନୀତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

### ରାଜ୍ୟରେ ଲାଗୁ ହେବ ଜାତୀୟ...

ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଯତ୍ନର ସହ ବିଚାର କରିବା ପରେ ସରକାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ସ୍ଥାନୀୟ ପାଠ୍ୟକ୍ରମ ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚାକୁ ଓଡ଼ିଶା ରାଜ୍ୟ ପାଇଁ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଭାବରେ ଗ୍ରହଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଓଡିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ଯଥାଶୀଘ୍ର ଜାରି କରାଯିବ।

### ବନ୍ଦେ ଭାରତ ଏବଂ ତେଜସ୍...

ଶତାବ୍ଦୀ ଏକ୍ସପ୍ରେସ ଏବଂ ଦୁରନ୍ତ ଏକ୍ସପ୍ରେସ ଭଳି ପ୍ରିମିୟମ୍ ଟ୍ରେନ ଗୁଡ଼ିକରେ ଏଲ୍‌ଟିସି ଅଧୀନରେ ଯାତ୍ରା କରିବାର ଅନୁମତି ଥିଲା। ଲିଭ୍ ଟ୍ରାଭେଲ୍ କନସେସନ୍ ବା ଏଲଟିସି (ଏଲ୍‌ଟିସି) ଅଧୀନରେ, ଯୋଗ୍ୟ କେନ୍ଦ୍ର ସରକାରୀ କର୍ମଚାରୀ ମାନେ ଏହି ସୁବିଧା ପାଇବା ପରେ, ପେଡ୍ ଲିଭ୍ ବ୍ୟତୀତ ଅନ୍ୟ ଯାତ୍ରା ପାଇଁ ଟିକେଟ୍ ପାଇଁ ଖର୍ଚ୍ଚ କରିଥିବା ଟଙ୍କା ଫେରସ୍ତ ପାଇବେ ।

### ଦିଲ୍ଲୀ ବିଧାନସଭା ନିର୍ବାଚନ...

ପ୍ରସାଦ ମୌର୍ଯ୍ୟ, ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ପେମଚନ୍ଦ ବୈରବା ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ମଧ୍ୟ ସ୍ଥାନ ମିଳିଛି । ଏହା ବାଦ ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବ, ସାଂସଦ ଅତୁଲ ଗର୍ଗ, ଦିଲ୍ଲୀ ବିଜେପି ସହ-ପ୍ରଭାରୀ ଡା. ଅଲକା ଗୁର୍ଜର, କେନ୍ଦ୍ରମନ୍ତ୍ରୀ ଏବଂ ଦିଲ୍ଲୀ ସାଂସଦ ହର୍ଷ ମଲହୋତ୍ରା ଏବଂ ସାଂସଦ ମନୋଜ ତ୍ୱାରୀ ପ୍ରମୁଖ ବିଜେପିର ଷ୍ଟାର ପ୍ରଚାରକ ରହିବେ ।

### ଫେରିବ ଶୀତ : ଘନ...

ସୋନପୁର, ଅନୁଗୁଳ ଏବଂ ଦେଓଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଏଥିପାଇଁ ସୁନ୍ଦରଗଡ, ନୟାଗଡ଼, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ଶୁକ୍ରବାର ଖୋର୍ଦ୍ଧା, କଟକ, ପୁରୀ, ଗଞ୍ଜାମ, ଗଜପତି ସୋନପୁର, ଦେଓଗଡ଼ ଏବଂ ନୟାଗଡ଼ ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିଦିନ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଶ୍ରୀନଅରରେ ସରିଲା ଗଜପତି ...

ଆରୋହଣ କରିବା ସହ ଅଭିଷିକ୍ତ ହୋଇଛନ୍ତି। ଏହି ପର୍ବରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀନଅରରେ ପାରମ୍ପରିକ ଗଜପତି ପୋଷାକରେ ସିଂହାସନରେ ବସିବା ପରେ ମନ୍ତ୍ର ସ୍ନାନ, ଅଭିଷିକ୍ତ ଜଳ ଛିଞ୍ଚନ ହୋଇ ନୂଆ ପଇତା ଲାଗି ହେବା ପରେ ଅଭିଷେକ ଆରମ୍ଭ କରାଯାଇଥିଲା। ଉତ୍କଳୀୟ ଗଜପତି ପରମ୍ପରାର ଅଭିଷେକ ଉତ୍ସବରେ ଷୋଳ ଶାସନରୁ ବ୍ରାହ୍ମଣମାନେ ଶ୍ରୀନଅରରେ ଉପସ୍ଥିତ ରହି ଗଜପତିଙ୍କୁ ଭେଟି ଆକାରରେ ପଇତା, ଗୁଆ, ନଡ଼ିଆ ଆଦି ପ୍ରଦାନ କରି ଆଶୀର୍ବାଦ ପ୍ରଦାନ କରିଥାନ୍ତି। ରାଜା ପୁରୋହିତଙ୍କ ସହ ଅନ୍ୟ ବ୍ରାହ୍ମଣ ମାନେ ମଧ୍ୟ ମନ୍ତ୍ର ଉଚ୍ଚାରଣ କରି ଏହି ଉତ୍ସବରେ ଗଜପତି ମହାରାଜାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ମଙ୍ଗଳ କାମନା କରିଥିଲେ। ପରେ ପରମ୍ପରା ଅନୁଯାୟୀ ଗଜପତିଙ୍କୁ ବ୍ରାହ୍ମଣ ମାନେ ବସ୍ତ୍ର, ଫଳ ଆଦି ପ୍ରଦାନ କରନ୍ତି।

# ବେଦାନ୍ତ ଆଲୁମିନିୟମ ଜିଏଚଜି ନିର୍ଗମନରେ ୨୮% ହ୍ରାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ଆର୍ଥିକ ବର୍ଷ ୨୦୧୨ ମୂଳସୀମା ତୁଳନାରେ ୨୮.୫% ଦ୍ୱାରା ଏହାର ଗ୍ରୀନହାଉସ୍ ଗ୍ୟାସ (ଜିଏଚଜି) ନିର୍ଗମନ ତୀବ୍ରତା ହ୍ରାସ କରି ସ୍ଥାୟୀତ୍ୱ ଆଡକୁ ଯାତ୍ରାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ସଫଳତା ଦାୟିତ୍ୱପୂର୍ଣ୍ଣ ପରିବେଶଗତ ଅଭ୍ୟାସ ଏବଂ ନେଟ୍ ଶୂନ୍ୟ ଭବିଷ୍ୟତ ପାଇଁ ଏହାର ଦୃଷ୍ଟିକୋଣ ପ୍ରତି କମ୍ପାନୀର ଅଟଳ ପ୍ରତିବଦ୍ଧତାକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। କମ୍ପାନୀର ସ୍ଥାୟୀତ୍ୱ ଯାତ୍ରା ଏବଂ ସଫଳତାଗୁଡ଼ିକୁ ଏହାର ସର୍ବଶେଷ ସ୍ଥାୟୀ ବିକାଶ ରିପୋର୍ଟ ୨୦୨୩-୨୪ ରେ ବ୍ୟାପକ ଭାବରେ ଆବଣ୍ଟିତ କରାଯାଇଛି, ଯାହାକି ପରିବେଶଗତ ପରିଚାଳନା, ଶାସନ ଏବଂ ସାମୁଦାୟିକ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଉଲ୍ଲେଖ କରିଛି। କମ୍ପାନୀର ସମ୍ପ୍ରଦାୟ ପ୍ରଭାବ ପ୍ରୟାସ ଦୃଢ଼ ରହିଛି, ବିଭିନ୍ନ ସାମୁଦାୟିକ ବିକାଶ ପ୍ରକଳ୍ପ ପାଇଁ ୧.୧ ବିଲିୟନ ଟଙ୍କା ଆବଂଟିତ ହୋଇଛି। ଏହି ପଦକ୍ଷେପଗୁଡ଼ିକ ଦେଶର କିଛି ପଛୁଆ ଅଂଚଳର ୨୬୯ଟି ଗ୍ରାମର ପ୍ରାୟ ୬୦୦,୦୦୦ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି। ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଉପରେ ଏହି ଧ୍ୟାନ ସହିତ, ବେଦାନ୍ତ ଆଲୁମିନିୟମ୍ ସାମାଜିକ ସମାନତା ବୃଦ୍ଧି କରିଚାଲିଛି ଏବଂ ଏହା ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛି ସେହି ଅଞ୍ଚଳର ସାମାଜିକ-ଆର୍ଥିକ ଉନ୍ନତିରେ ଯୋଗଦାନ ଦେଉଛି।

ବେଦାନ୍ତର ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ନ୍ତବେଦାନ୍ତ ଆଲୁମିନିୟମରେ, ଆମେ ଆମର 'ପରିବର୍ତ୍ତନ ପାଇଁ ଭଲ' ଦର୍ଶନକୁ ଗ୍ରହଣ କରିବାରେ ଗର୍ବ ଅନୁଭବ କରୁ, ଯାହା ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ଅଟଳ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ। ବିଶ୍ୱ ଶକ୍ତି ପରିବର୍ତ୍ତନର ଏକ ପ୍ରମୁଖ ସମର୍ଥକ ଭାବରେ, ଆଲୁମିନିୟମ୍ ଉତ୍ପାଦନ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଆବଶ୍ୟକ କରେ। ଆମର ଇଏସଟି ନୀତି ଦ୍ୱାରା ପରିଚାଳିତ, ଆମେ ୨୦୫୦ ସୁଦ୍ଧା କାର୍ବନ ନିରପେକ୍ଷତା ହାସଲ କରିବା ପାଇଁ ସମର୍ପିତ, ଏବଂ ୨୦୭୦ ପାଇଁ ଭାରତର ନେଟ୍ ଜିରୋ ଦୃଷ୍ଟିକୋଣ ସହିତ ସମନ୍ୱିତ ପରିବେଶ-ସଚେତନ କାର୍ଯ୍ୟଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ। ଆମର କାର୍ଯ୍ୟରେ ନବୀକରଣୀୟ ଶକ୍ତିକୁ ଅନ୍ତର୍ଭୁକ୍ତ କରିବା ଏବଂ ସବୁଜ ଆଲୁମିନିୟମ ଲାଇନ୍, ରେଷ୍ଟୋରା ଏବଂ ରେଷ୍ଟୋରା ଅଲଟ୍ରା ପ୍ରଚଳନ ସମେତ ସାହସିକ ଜଳବାୟୁ କାର୍ଯ୍ୟ ମାଧ୍ୟମରେ, ଆମେ ବିଶ୍ୱ ସ୍ତରରେ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ମାନଦଣ୍ଡ ସ୍ଥାପନ କରୁଛୁ। ଏକତ୍ର ଆମେ ଲୋକଙ୍କ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରୁଛୁ।


Email: rd_bgh@yahoo.co.in
Gmail: rwd.bgh@gmail.com
O-1236

OFFICE OF THE EXECUTIVE ENGINEER
RURAL WORKS DIVISION, BARGARH
e-Procurement Notice No. ONLINE-BGH- 15 OF 2024-25

| | | | | |
|---|---|---|---|---|
| 1 | | Name of the Work | : | Road works during 2024-25 in the district of Bargarh. |
| 2 | | EMD | : | @ 1% of the estimated cost put to tender |
| 3 | | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-15 OF 2024-25 | 16.01.2025 at 11.00 A.M. | 22.01.2025 upto 5.00 P.M. | 22.01.2025 upto 4.00 PM | 24.01.2025 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25062/11/0017/2425
Sd/- Executive Engineer
R.W. Division, Bargarh



GOVT OF ODISHA
O-1252
OFFICE OF THE SUPERINTENDING ENGINEER,RURAL WORKS DIVISION,NAYAGARH
At/Po-Nabaghanpur, Dist-Nayagarh, Ph-06753-252049 E-mail-nayagarhrw2006@yahoo.in
No:-Tender – Online – NayagarhDivn. –11/2024-25 Date:- 13.01.2025
e-Procurement Notice
1. Name of the work : Road works.
2. Total No. of Projects : 06(Six) Nos of projects
3. Class of contractor
a) Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.5.05 Lakhs to Rs.30.62 lakhs
5 Time for completion : 01(One) calendar month.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 11/2024-25 | 21.01.2025 at 10.00 A.M | 31.01.2025 upto 5.30 P.M. | 01.02.2025 at 11.00 A.M. |

Further details can be seen from the website www.tendersorissa.gov.in
OIPR-25106/11/0017/2425
Sd/- Executive Engineer
Rural Works Division, Nayagarh

ଭୁବନେଶ୍ୱର
୧୬ ଜାନୁଆରୀ
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ବିନା ଶୁଳ୍କରେ ବ୍ୟକ୍ତିତ୍ୱ ଓ ଦକ୍ଷତା ବିକାଶ ତାଲିମ
## ଉପକୃତ ହେଲେଣି ବିଭିନ୍ନ ବସ୍ତିର ପ୍ରାୟ ୧୮ ଶହ ଛାତ୍ରଛାତ୍ରୀ

**ଭୁବନେଶ୍ୱର ୧୫।୧ ନ୍ୟୁଜ ବ୍ୟୁରୋ**

ହ୍ୟୁମାନ ପୋଟେନସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟ ତରଫରୁ ଏକ ବିଶେଷ ଉତ୍ସବ 'ରୂପାନ୍ତର' ଜୟଦେବ ଭବନ ଠାରେ ଆୟୋଜିତ ହୋଇଯାଇଛି। ବିଭିନ୍ନ ଅନାଥାଶ୍ରମ, ଆଦିବାସୀ ହଷ୍ଟେଲ, ସ୍କୁଲ ତଥା ବସ୍ତି ଅଞ୍ଚଳର ଯେଉଁ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନେ ଟ୍ରଷ୍ଟ ତରଫରୁ ବିନା ଶୁଳ୍କରେ ଦିଆଯାଉଥିବା ବ୍ୟକ୍ତିତ୍ୱ ଓ ଦକ୍ଷତା ବିକାଶ ତାଲିମ ନେଇଥିଲେ ସେହିମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣ ଛାତ୍ରଛାତ୍ରୀ ମଞ୍ଚ ଉପରେ ଅତିଥି ମାନଙ୍କ ଉପସ୍ଥିତିରେ ନିଜ ଭିତରେ ହୋଇଥିବା ପରିବର୍ତ୍ତନ ସଂପର୍କରେ ନିଜର ଭାବନା ପରିପ୍ରକାଶ କରିଥିଲେ। ଅତିଥିମାନେ ତାଲିମ ପ୍ରାପ୍ତ ଛାତ୍ରଛାତ୍ରୀ ଓ ଯୁବକଯୁବତୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ତାଲିମ ପ୍ରଦାନ କରୁଥିବା ପ୍ରଶିକ୍ଷକ, ପ୍ରଶିକ୍ଷିକା ଏବଂ ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ହ୍ୟୁମାନ ପୋଟେନସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟ ତରଫରୁ ତାଲିମ ଦିଆଯାଉଥିବା ଏହି ୫୦ ଘଣ୍ଟାର କାର୍ଯ୍ୟକ୍ରମରେ ପିଲାମାନଙ୍କୁ ବିଭିନ୍ନ ନୈତିକ ଶିକ୍ଷା ସହିତ ସମୟର ସୁପରିଚାଳନା, ସକାରାତ୍ମକ ମନୋଭାବ, ସୁସମ୍ପର୍କ ସ୍ଥାପନା, ଶୃଙ୍ଖଳା ଇତ୍ୟାଦି ସଂପର୍କରେ ତାଲିମ ଦିଆଯାଏ। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରର ବିଭିନ୍ନ ବସ୍ତିର ପ୍ରାୟ ୧୮୦୦ ଛାତ୍ରଛାତ୍ରୀଙ୍କୁ ଏହି ତାଲିମ ଦିଆ ସରିଲାଣି। ସେହିପରି ବସ୍ତି ଅଞ୍ଚଳରେ ରହୁଥିବା ଯୁବକଯୁବତୀମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ରୋଟାରୀ ଇ-କ୍ଲବ ଅଫ୍ ମହୋଦଧିର ଆର୍ଥିକ ସହାୟତାରେ ବିନା ଦେୟରେ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୭୦ ଜଣ ଏହି ତାଲିମ ପାଇ ସାରିଲେଣି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ଟ୍ରଷ୍ଟ ତରଫରୁ ପଟ୍ଟଚିତ୍ର ଓ ଚାନ୍ଦୁଆ କାମ ଶିକ୍ଷା ଦିଆଯାଉଛି।

## ମହାପ୍ରଭୁଙ୍କ ସେବା ବେଳେ ଟଳିପଡ଼ିଲେ ସୁଆର ବଡୁ ସେବାୟତ

**ପୁରୀ ୧୫।୧ ନ୍ୟୁଜ ବ୍ୟୁରୋ**



ମହାପ୍ରଭୁଙ୍କ ସେବା କରୁଥିବା ସମୟରେ ଟଳି ପଡିଲେ ସେବାୟତ। ପୁରୀ ଶ୍ରୀମନ୍ଦିରରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଉଛନ୍ତି ମାଟି ମଣ୍ଡପ ସାହିର ସୁଆର ବଡୁ ସେବାୟତ ଜଗନ୍ନାଥ ମେକାପ। ସୂଚନା ଯୋଗ୍ୟ ଯେ, ବୁଧବାର ମଧ୍ୟାହ୍ନ ସମୟରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ପାଇଁ ଜଗନ୍ନାଥ ଗର୍ଭଗୃହରେ ପାଣି ପକାଉ ଥିବା ବେଳେ ଛାତିରେ ଯନ୍ତ୍ରଣା ହେବାରୁ ତଳେ ପଡ଼ିଯାଇ ଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ସେବାୟତ, ଜେଟିପି ଓ ଶ୍ରୀମନ୍ଦିର କର୍ମଚାରୀ ମାନେ ଚିକିତ୍ସା ପାଇଁ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ସେବାୟତ କୁଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ସଦର ମୁଖ୍ୟ ଚିକିତ୍ସାଳୟରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ, ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ପହଞ୍ଚି ଶେଷ ଦର୍ଶନ କରିବା ସହ ମୃତ ସେବାୟତଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତେବେ ଗତ ଦୁଇବର୍ଷ ପୂର୍ବେ ହୃଦ୍‌ଘାତ ଜନିତ ସମସ୍ୟା ଯୋଗୁ ସେ ଜଗନ୍ନାଥ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ହେବା ପରେ ସେ ମହାପ୍ରଭୁଙ୍କ ସେବା ପୂଜାରେ ଯୋଗ ଦେଇଥିଲେ। ବୁଧବାର ଠାକୁରଙ୍କ ସେବା ସମୟରେ ଏଭଳି ଅଭାବନୀୟ ଘଟଣା ଘଟିଛି ବୋଲି ଜିଲ୍ଲାପାଳ କହିଛନ୍ତି। ମୃତ ଜଗନ୍ନାଥଙ୍କ ପୁଅଙ୍କୁ ସେବାରେ ନିୟୋଜିତ କରିବା ପାଇଁ ତାଙ୍କ ପରିବାର ଲୋକେ ଅନୁରୋଧ କରିଛନ୍ତି।

## ନନ୍ଦନକାନନରେ ବାଘୁଣୀ ରୂପାର ଧଳା ଶାବକ ମୃତ

**ବାରଙ୍ଗ, ୧୫।୧ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନରେ ବାଘ ଶାବକର ମୃତ୍ୟୁ ଘଟିଛି। ବାଘୁଣୀ ରୂପାର ଅଢ଼େଇ ମାସର ଧଳା ଶାବକର ମୃତ୍ୟୁ ଘଟିଛି। ମା' ବାଘୁଣୀ ଠାରୁ ଅଲଗା କରି ଧଳା ଶାବକର ଚିକିତ୍ସା କରାଯାଉଥିଲା। ଶାବକର ମୃତ୍ୟୁ ପରେ ପ୍ରାଣୀ ଉଦ୍ୟାନରେ ବାଘ ସଂଖ୍ୟା ୨୭କୁ ଖସିଲା। ନନ୍ଦନକାନନ ଉପନିର୍ଦ୍ଦେଶକ ସାନଥ କୁମାର ନାରାୟଣ ଶାବକ ମୃତ୍ୟୁ ନେଇ ସୂଚନା ଦେଇଛନ୍ତି। ୨୦୨୪ ନଭେମ୍ବର ୨ ତାରିଖରେ ବାଘୁଣୀ ରୂପା ୪ ଟି ଶାବକ ଜନ୍ମ ଦେଇଥିଲା। ସେମାନଙ୍କ ମଧ୍ୟରୁ କିଛି ଦିନ ତଳେ ଏକ ଧଳା ମାଈ ଶାବକ ଅସୁସ୍ଥ ହୋଇପଡ଼ିଥିଲା। ତେଣୁ ମା' ବାଘୁଣୀ ରୂପା ଠାରୁ ଶାବକକୁ ଅଲଗା କରି ଚିକିତ୍ସା କରାଯାଉଥିଲା। ଚିକିତ୍ସିତ ଅବସ୍ଥାରେ ବୁଧବାର ସକାଳୁ ଶାବକଟିର ମୃତ୍ୟୁ ହୋଇଛି।






ଭୁବନେଶ୍ୱର : ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରି ରାଜଭବନ ଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ୯ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲେ ତଳକୋର୍ଟ : କୋହଳ କଲେ ହାଇକୋର୍ଟ

**କଟକ, ୧୫/୦୧ ନ୍ୟୁଜ ବ୍ୟୁରୋ**



ଫାଶୀଦଣ୍ଡକୁ କୋହଳ କଲେ ହାଇକୋର୍ଟ। ୯ ଜଣଙ୍କୁ ଫାଶୀ ଦଣ୍ଡ ସମ୍ପର୍କିତ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ବୁଧବାର ରାୟ ପ୍ରଦାନ କରିଛନ୍ତି। ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା ଘଟଣାରେ କୋର୍ଟ ରାୟ ପ୍ରଦାନ କରିଛନ୍ତି। ଅଭିଯୁକ୍ତମାନେ ସାରା ଜୀବନ ଜେଲ୍‌ରେ ରହିବେ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ସେହିପରି କ୍ଷତିପୂରଣ ବାବଦକୁ ମୃତକ ପରିବାରକୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଆଇନସେବା ପ୍ରାଧିକରଣ ଏହି କ୍ଷତିପୂରଣ ରାଶି ପ୍ରଦାନ କରିବେ ବୋଲି କୋର୍ଟ କହିଛନ୍ତି। ଯଦି ପୂର୍ବରୁ ୩୦ ଲକ୍ଷରୁ କମ୍ ରାଶି ପ୍ରଦାନ କରାଯାଇଥିବ ଅବଶିଷ୍ଟ ରାଶି ୪ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତଳ କୋର୍ଟ ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ତଳ କୋର୍ଟର ଏହି ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିମ୍ନ ଅଦାଲତଙ୍କ ଏହି ମୃତ୍ୟୁଦଣ୍ଡ ଅନୁମୋଦନ ସଂପର୍କିତ ମାମଲା ଓ ରାୟ ବିରୋଧରେ ଦାଏର ଅପିଲ୍‌ର ହାଇକୋର୍ଟ ଏକତ୍ର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାର ପୁନର୍ବାର ଶୁଣାଣି କରି ଗତ ୨୦୨୧ ଅକ୍ଟୋବର ୨୧ରେ ରାୟଗଡ଼ା ଦୌରା ଜଜ୍ ଅଦାଲତ ଡେଙ୍ଗୁନ ଶବର, ଦାଷୁନ୍ତ ଶବର, ଅଜନ୍ତା ଶବର, ପ୍ରଧାନ୍ତୁ ଶବର, ଦାଲସା ଶବର, ମାଲକୁ ଶବର, ବୁବୁନା ଶବର, ଲାକିୟା ଶବର, ଇରୁ ଶବରଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରିଥିଲେ। ଏହି ମାମଲାରେ ଗୁଣପୁର ଅତିରିକ୍ତ ଦୌରା ଜଜ୍ ୨୦୧୮, ଏପ୍ରିଲ ୨୩ରେ ଏହି ୯ ଜଣଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରିଥିବା ବେଳେ ହାଇକୋର୍ଟ ଏହି ରାୟକୁ ରଦ୍ଦ କରିଥିଲେ। ଏଥି ସହିତ ମାମଲାର ସାନି ଶୁଣାଣି କରିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନଭେମ୍ବର ୫, ୨୦୧୯ ରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାୟଗଡ଼ା ଜିଲ୍ଲା ଓ ଦୌରା ଜଜ୍ ଅଦାଲତରେ ମାମଲାର ସାନି ଶୁଣାଣି ଆରମ୍ଭ ହୋଇଥିଲା। ଅକ୍ଟୋବର ୨୧, ୨୦୨୧ରେ ଦୌରା ଅଦାଲତ ରାୟ ପ୍ରକାଶ କରି ୯ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ। ୨୦୧୬, ସେପ୍ଟେମ୍ବର ୯ ରାତି ପ୍ରାୟ ୭ଟା ୧୫ରେ ଗୁଣିଗାରେଡ଼ି ସନ୍ଦେହରେ ପୁଟାସିଂ ଥାନା ଅନ୍ତର୍ଗତ କିତୁଂ ଗ୍ରାମର ଅସୀନ ଶବର, ପତ୍ନୀ ଆମ୍ବ ଶବର ଓ ବଡ଼ ଝିଅ ଅସମଣି ଶବରଙ୍କୁ ପିଟି ପିଟି କେତେକ ବ୍ୟକ୍ତି ଅଧମରା କରି ଦେଇଥିଲେ। ଝିଅ ପାଟିରେ କୀଟନାଶକ ଇଞ୍ଜେକସନ୍ ଭର୍ତ୍ତି କରି ମୃତ ପ୍ରାୟ କରି ଦେଇଥିଲେ। ଆସାମୀମାନେ ଜୀବନ ଥାଉ ଥାଉ ବାପା-ମା' ଓ ଝିଅ ୩ଜଣଙ୍କୁ ଗାଁ ଶ୍ମଶାନରେ ଗାତ ଖୋଳି ମାଟି ତଳେ ପୋତି ଦେଇଥିଲେ। ଏହା ପରେ ଦୁଇ ଦିନ ପରେ ପ୍ରମାଣ ନଷ୍ଟ କରିବାକୁ ଶବ ମାଟି ତଳୁ କାଢ଼ି ପୋଡି ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦୃଶ୍ୟର ଜଣେ ମାତ୍ର ସାକ୍ଷୀ ରହିଥିଲେ ପୀଡ଼ିତ ପରିବାରର ସାନ ଝିଅ। ତାଙ୍କୁ ମଧ୍ୟ ଦୁଇ ଦିନ ଧରି ଗାଁର ଜଣେ ବ୍ୟକ୍ତିଙ୍କ ଘରେ ନଜରବନ୍ଦୀ କରି ରଖାଯାଇଥିଲା। କୌଶଳକ୍ରମେ ସେ ଗାଁରୁ ଖସି ଆସିବାରୁ ଘଟଣା ଲୋକଲୋଚନକୁ ଆସିଥିଲା। ରାୟଗଡା ଜିଲ୍ଲା ଗୁଣପୁର ବ୍ଲକ ଟଲଣା ପଞ୍ଚାୟତ ଅନ୍ତର୍ଗତ କିତୁମ୍ବ ଗ୍ରାମରେ ଏହି ଘଟଣା ଘଟିଥିଲା। ୨୦୧୬, ସେପ୍ଟେମ୍ବର ୧୬ରେ ପୁଲିସ ଏତଲା ରୁଜୁ କରିଥିଲା।

## ଫେବୃୟାରୀ ୪ରୁ ଖଣ୍ଡଗିରି କୁମ୍ଭମେଳା : ଆଜି ଖଣ୍ଡଗିରି ଥାନାରେ ବୈଠକ

**ଭୁବନେଶ୍ୱର, ୧୫/୦୧ ନ୍ୟୁଜ ବ୍ୟୁରୋ**



ଫେବୃୟାରୀ ୪ରୁ ଆରମ୍ଭ ହେବ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ସାଧୁସନ୍ଥଙ୍କ ଓଁକାର ଧ୍ୱନିରେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାଗହ୍ୱର ପ୍ରକମ୍ପିତ ହେବ। ଚାଲିବ ବେଦ, ଭାଗବତ ଠାରୁ ଆରମ୍ଭ କରି ବିଭିନ୍ନ ଧର୍ମଚର୍ଚ୍ଚା। ମେଳା ପଡ଼ିଆ ସାଙ୍ଗକୁ ଦୁଲୁକିବ ଯାତ୍ରା ପେଣ୍ଡାଲ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ସମଗ୍ର ଖଣ୍ଡଗିରି ଅଞ୍ଚଳ। ସେପଟେ ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପାଇଁ ମଧ୍ୟ କମିଟିଗୁଡ଼ିକ ତତ୍ପରତା ଆରମ୍ଭ କରିଦେଲେଣି। ବୁଧବାର ଯାତ୍ରା କମିଟି ଓ ପୁଲିସ ପ୍ରଶାସନ ମଧ୍ୟରେ ପ୍ରଥମ ବୈଠକ ବସିଥିଲା। ଏଥର ମେଳା ଓ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ସ୍ୱତନ୍ତ୍ର 'କୋର କମିଟି' ଗଠନ ହୋଇଛି। ଜୋନ୍ ଏସିପିଙ୍କ ସମେତ ଖଣ୍ଡଗିରି ଥାନା ଅଧିକାରୀ, ମେଳା କର୍ତ୍ତୃପକ୍ଷ, ସମସ୍ତ ଯାତ୍ରା କମିଟି ସଭାପତି ଓ ସଂପାଦକ, ସ୍ଥାନୀୟ ଅଞ୍ଚଳର ୫ କର୍ପୋରେଟରମାନଙ୍କୁ ନେଇ ଏହି କମିଟି ଗଠନ ହୋଇଛି। ଗୁରୁବାର ସମସ୍ତଙ୍କୁ ନେଇ ଖଣ୍ଡଗିରି ଥାନାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବ। ଇତିହାସ ଓ ବିଶ୍ୱାସର ମୂଳଦୁଆ ଉପରେ ଠିଆ ହୋଇଥିବା ଖଣ୍ଡଗିରି ପୀଠରେ କୁମ୍ଭମେଳାର ପ୍ରଚୀନତା କାହିଁ କେତେ ବର୍ଷର। କିମ୍ବଦନ୍ତୀ ଓ ଇତିହାସ ପୃଷ୍ଠାରେ ଏହି ମେଳାର ଆରମ୍ଭ ସଂପର୍କରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ନ ଥିଲେ ମଧ୍ୟ ଆବାହମାନକାଳରୁ ଏହିମେଳା ସାର୍ବଜନୀନ ହୋଇ ସାରିଛି। ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୯ ଦିନ ଧରି ଏହି ମେଳା ଆୟୋଜିତ ହୋଇ ଥାଏ। ପ୍ରବାଦ ଅଛି ଏକଦା ଶମ୍ବାସୁର ନାମକ ଜଣେ ବହୁ ପ୍ରତାପୀ ଅସୁର କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ। ଉପଚାର ନିମନ୍ତେ ଅନନ୍ୟୋପାୟ ହୋଇ ଶମ୍ବାସୁର ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରିଥିଲେ। ସୂର୍ଯ୍ୟଦେବଙ୍କ ଠାରୁ ଆଦେଶ ପାଇ ମାଘ ସପ୍ତମୀ ଦିନ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଚାଲି ଚାଲି ଆସି ଖଣ୍ଡଗିରିରେ ପହଞ୍ଚିଲେ। ସେଠାରେ 'ଖଣ୍ଡଖିରି' ସେବନ କରି ଜପତପ କରିବା ପରେ ସେ ରୋଗମୁକ୍ତ ହୋଇଥିଲେ। କୁମ୍ଭମେଳା ନାମରେ ନାମିତ ଏହି ୯ ଦିନ ବ୍ୟାପୀ ମେଳାକୁ ସ୍ଥାନୀୟ ଲୋକେ 'ଅନନ୍ତ କେଶରୀଙ୍କ ଯାତ୍ରା' ବୋଲି ମଧ୍ୟ କହିଥାନ୍ତି। ପୁରୀ ରଥଯାତ୍ରା ଭଳି ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଖଣ୍ଡଗିରିଠାରେ ଠାକୁର ଅନନ୍ତ କେଶରୀଙ୍କ ରଥଯାତ୍ରା ହୋଇଥାଏ। ରଥଯାତ୍ରା ସମୟରେ ଠାକୁର ଅନନ୍ତ କେଶରୀ ଦେବ ଜାଗମରା ଗ୍ରାମରେ ଥିବା ମାଉସୀଘର (ବର୍ତ୍ତମାନର ନାଗା ମଠ)କୁ ୯ ଦିନ ଲାଗି ଯାତ୍ରା କରିଥାନ୍ତି। ମାତ୍ର ଇଂରେଜମାନଙ୍କର ଓଡ଼ିଶା ଆକ୍ରମଣ ସମୟରେ ଖଣ୍ଡଗିରିରୁ ଠାକୁର ଅନନ୍ତ କେଶରୀଙ୍କୁ ଜାଗମରା ଗ୍ରାମକୁ ସ୍ଥାନାନ୍ତର କରାଯାଇଥିବାର ବିଶ୍ୱାସ କରାଯାଏ। ସେହିଦିନ ଠାରୁ ଠାକୁର ୯ ଦିନ ପାଇଁ ଖଣ୍ଡଗିରିକୁ ଯାତ୍ରା କରନ୍ତି। ମେଳା ସରିବା ପରେ ଠାକୁରଙ୍କୁ ପୁଣି ଜାଗମରା ଗ୍ରାମକୁ ଅଣାଯାଇଥାଏ। ତେବେ ସମୟକ୍ରମେ ଏହି ପରମ୍ପରା ବଦଳି ଯାଇଛି। କେବଳ ମାଘ ସପ୍ତମୀ ଗୋଟିଏ ଦିନ ପାଇଁ ଠାକୁର ଅନନ୍ତ କେଶରୀଙ୍କୁ ଖଣ୍ଡଗିରି ପରିବର୍ତ୍ତେ ଉଦୟଗିରିର ରାଣୀହଂସପୁରକୁ ବାଜା, ବାଣ, ରୋଷଣି ମାଧ୍ୟମରେ ନିଆଯାଉଛି।

## ଆସନ୍ତା ୧୯ରେ ଅବସର ନେବେ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ



**କଟକ, ୧୫/୦୧ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଆସନ୍ତା ୧୯ ତାରିଖରେ ଅବସର ଗ୍ରହଣ କରିବେ। ମକର ସଂକ୍ରାନ୍ତି ପାଇଁ ହାଇକୋର୍ଟ ଛୁଟି ରହିଥିବାରୁ ବୁଧବାର, ଗୁରୁବାର ଏବଂ ଶୁକ୍ରବାର ତିନିଦିନ ପାଇଁ ସେ ଅଦାଲତରେ ମାମଲାର ଶୁଣାଣି କରିବେ। ୧୮ ତାରିଖ ଶନିବାର ଥିବାରୁ ତାଙ୍କୁ ଶୁକ୍ରବାର ହାଇକୋର୍ଟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଛି। ଜଷ୍ଟିସ୍ ଶରନ୍ ସିଂ ୨୦୧୨ ଏପ୍ରିଲ ୫ରେ ପାଟନା ହାଇକୋର୍ଟରେ ବିଚାରପତି ନିଯୁକ୍ତି ପାଇଥିଲେ। ପଦୋନ୍ନତି ପାଇ ୨୦୨୪ ଫେବ୍ରୁୟାରୀ ୭ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଦାୟିତ୍ୱ ଗ୍ରହଣ କରିଥିଲେ। ଗୋଟେ ବର୍ଷରୁ କମ୍ ସମୟ ଧରି ମୁଖ୍ୟ ବିଚାରପତି ପଦରେ ରହିଥିଲେ ମଧ୍ୟ ସେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରକାଶ କରିଛନ୍ତି। ଥାନାରେ ସିସିଟିଭି ଲାଗିବା, ଜେଲ୍ ସଂସ୍କାର, ହାତୀଙ୍କୁ ସୁରକ୍ଷା, ଶିକ୍ଷାନୁଷ୍ଠାନର ମୌଳିକ ସୁବିଧା ପ୍ରଦାନ ଆଦି ଅନେକ ମାମଲାରେ ସେ ଆଦେଶ ଦେଇଛନ୍ତି।

## କଳା ବାଘ ଚମଡ଼ା ଜବତ : ୪ ଶିକାରୀ ଗିରଫ

**ବାରିପଦା, ୧୫/୦୧ ନ୍ୟୁଜ ବ୍ୟୁରୋ**



୪ଜଣ ହାର୍ଡ କୋର୍ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହେଲା ଶିମିଳିପାଳ ଦକ୍ଷିଣ ବନ୍ୟ ପ୍ରାଣୀ ଡିଭିଜନ ସହିତ ଷ୍ଟେଟ ଲେବଲ ଜେଟିଏଫ ଟିମ୍। ଶିମିଳିପାଳ ଅଭୟାରଣ୍ୟରେ ଶିକାର କରି ବେଆଇନ ଭାବେ ବନ୍ୟଜନ୍ତୁ କାରବାରରେ ସଂପୃକ୍ତ ଥିବା ଏହି ୪ ଅପରାଧୀ ହେଲେ ବାରିପଦା ବନଖଣ୍ଡ ତଥା ଉଦଳା ଥାନା ଅନ୍ତର୍ଗତ ଅଜମ୍ବର ନାଇକ ଓରଫ ଫାତୁ, ପିତାମ୍ବର ନାଏକ ଓରଫ ଡାକ୍ତର, ରାମ ନାଏକ ଓରଫ ଥାଲୁ। ଏମାନେ ସମସ୍ତେ ତେନ୍ତଳା ଗ୍ରାମର ହୋଇଥିବା ବେଳେ ବୈରାମ ମୁର୍ମୁ ଓରଫ ଦୁବେଇ ବାବାର ଘର ଉଦଳା ଥାନା ଅର୍ନ୍ତଗତ ପାଟଶାଣୀପୁର ନିକଟ ବାଲି ଘାଟ ଗ୍ରାମରେ। ସମସ୍ତ ଅଭିଯୁକ୍ତ ଅପରାଧୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଅନ୍ୟ ଜଣେ ଶିକାରୀ ଫେରାର ଥିବା ସୂଚନା ମିଳିଛି। ସୂଚନା ମୁତାବକ, ୪ ଜଣ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହେଲା ଶିମିଳିପାଳ ଦକ୍ଷିଣ ବନ୍ୟ ପ୍ରାଣୀ ଡିଭିଜନ ସହିତ ଷ୍ଟେଟ ଲେବଲ ଜେଟିଏଫଟିମ୍। ସେମାନଙ୍କ ନିକଟରୁ ଗୋଟିଏ ବାଘ ଛୁଆର ଚମଡା, ନଖ ଜବତ ହୋଇଛି। ଏହି ଶିକାରୀମାନଙ୍କୁ ଧରିବାରେ ଶିମିଳିପାଳ ଟିମ୍ ସହିତ ରାଜ୍ୟ ସ୍ତରୀୟ ଜଏଣ୍ଟ ଟାସ୍କ ଫୋର୍ସ ଟିମ୍ ସହାୟତା କରିଥିଲା। ତେବେ ସମସ୍ତ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଶିମିଳିପାଳ ଦକ୍ଷିଣ ବନ୍ୟ ପ୍ରାଣୀ ଡିଭିଜନର ସ୍ପେଶାଲ୍ ଏନଫୋର୍ସମେଣ୍ଟ ଉଇଙ୍ଗ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ବନ୍ଧୁକ ମୁନରେ ଲୁଟିନେଲେ ୧୫ ଲକ୍ଷ

**ନବରଙ୍ଗପୁର/ରାଇଘର, ୧୫/୧ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ପଠାନ ସାହିରୁ ବନ୍ଧୁକ ମୁନରେ ୬ ଜଣ ଲୁଟେରା ୧୫ ଲକ୍ଷ ଲୁଟି ନେଇଛନ୍ତି। ଲୁଟେରାମାନେ ମାସ୍କ ପିନ୍ଧି ବନ୍ଧୁକ ମୁନରେ ଲୁଟ୍ କରିଛନ୍ତି। ସୂଚନାନୁସାରେ, ୬ଜଣ ଲୁଟେରା ଅବଦୁଲ ଅନସାରୀ ନାମକ ଜଣେ ବ୍ୟବସାୟୀଙ୍କଠାରୁ ୧୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଅନସାରୀ ତାଙ୍କର ଦୁଇ ସାଥୀଙ୍କ ସହ ପାରୁଆ ଗ୍ରାମପଞ୍ଚାୟତର ଛତାବେଡ଼ା ଠାରେ ସାପ୍ତାହିକ ବଜାରକୁ ଯାଉଥିଲେ। ଏହି ସମୟରେ ୬ଜଣ ମାସ୍କ ପିନ୍ଧା ଲୁଟେରା ସେମାନଙ୍କ ଉପରେ ଆକ୍ରମଣ କରି ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ୍ କରି ନେଇଥିଲେ। ଏହି ଆକ୍ରମଣରେ ଅବଦୁଲ ଅନସାରୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ରାଇଘର ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।



ସମ୍ପାଦକୀୟ
ପୃଷ୍ଠା-୪
ପଳାତକଙ୍କ ପାଇଁ ଚିନ୍ତାଜନକ
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-9 • Issue-28 • 15-21st January 2025 • Bhubaneswar
ଦୁଇ ଦେଶର ସମ୍ପର୍କ ଉପରେ ୟୁଏସ୍ ରାଷ୍ଟ୍ରଦୂତଙ୍କ ବୟାନ
'ଭାରତ ସହ ନିଜର ଭବିଷ୍ୟତକୁ ଦେଖୁଛି ଆମେରିକା'
ପ୍ରଧାନମନ୍ତ୍ରୀଙ୍କ ସାର୍ଟିଫିକେଟ ମାମଲା
କର୍ମଚାରୀଙ୍କ ପାଇଁ କାଳ ହେବ ଏଆଇର ବୃଦ୍ଧି
ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱର ୪୧% କମ୍ପାନୀ କର୍ମଶକ୍ତି ହ୍ରାସ କରିବାକୁ ହେଉଛନ୍ତି ପ୍ରସ୍ତୁତ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ, ୧୧ ଜଣଙ୍କ ସମ୍ପୃକ୍ତି ଅଭିଯୋଗ

**ବାଙ୍କୀ ୧୫।୧ ନ୍ୟୁଜ ବ୍ୟୁରୋ**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ। ମଦ ପିଇବାକୁ ଡାକି ହତ୍ୟାକାଣ୍ଡ ଭିଆଇଛନ୍ତି ଦୁର୍ବୃତ୍ତ। ବାଙ୍କୀ ଥାନା ଅନ୍ତର୍ଗତ ରତାଗଡ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା। ସୂଚନାଯୋଗ୍ୟ ଯେ, ବାଙ୍କୀ ଥାନା ଅନ୍ତର୍ଗତ ରତାଗଡ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ। ସଙ୍ଘବଦ୍ଧ ଆକ୍ରମଣରେ ଜଣଙ୍କ ଜୀବନ ଯାଇଛି। ମୃତ ଯୁବକ ଜଣଙ୍କ ହେଲେ ସୁମନ୍ତ ସାହୁ। ଘଟଣାସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛ। ଯୁବକଙ୍କ ମୃତ୍ୟୁ ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଉକ୍ତ ହତ୍ୟା ଘଟଣାରେ ୧୧ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ସମ୍ପୃକ୍ତ ଥିବା ମୃତ ସୁମନଙ୍କ ଭଉଣୀ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ମକର ଯାତ୍ରା ଦେଖି ଫେରିବା ପରେ ରାତିରେ ସୁମନଙ୍କୁ ତାଙ୍କ ସାଙ୍ଗ ମାନେ ମଦ ପିଇବାକୁ ଡାକି କି ନେଇଥିଲେ। ପରେ ସୁମନ ଘରକୁ ଫେରିନଥିଲା। ଅନ୍ୟପଟେ ପରିବାର ଲୋକେ ଏବେ ନ୍ୟାୟ ପାଇଁ ବାଙ୍କୀ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ସେପଟେ ଶବ ବ୍ୟବଚ୍ଛେଦ ପାଇଁ କଟକ ଏସ୍?ସିବିରେ ଭର୍ତ୍ତି ହୋଇଛନ୍ତି।

## ଋଷିକୁଲ୍ୟା ମୁହାଁଣରେ ବିରଳ ଅଲିଭ ରିଡ୍‌ଲେଙ୍କ ମିଳନ ପର୍ବ ଆରମ୍ଭ

**ଛତ୍ରପୁର ୧୫।୦୧ ନ୍ୟୁଜ ବ୍ୟୁରୋ**



ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣ ଅଞ୍ଚଳ ସମୁଦ୍ରରେ ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦ୍ରରେ ଯୋଡ଼ା ଯୋଡ଼ା ହୋଇ ଭାସମାନ ଅବସ୍ଥାରେ କଇଁଛମାନଙ୍କୁ ଦେଖିବାକୁ ମିଳୁଛି। ପାଗର ଅନୁକୂଳ ଅବସ୍ଥା ଆସିଲେ ଅର୍ଥାତ୍ ଦକ୍ଷିଣା ପବନ ବୋହିଲେ କଇଁଛଙ୍କ ଅଣ୍ଡା ଦାନ ପର୍ବ ପ୍ରକ୍ରିୟା ଆରମ୍ଭ ହେବା ନେଇ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବର୍ତ୍ତମାନ ଏହି ମିଳନ ପ୍ରକ୍ରିୟାକୁ ନେଇ ବନ ବିଭାଗ, ପରିବେଶବିତ୍‌ଙ୍କ ମଧ୍ୟରେ ଅଧିକ ଉତ୍ସାହ ପ୍ରକାଶ ପାଇଛି। ବନ ବିଭାଗ ପକ୍ଷରୁ ଋଷିକୂଲ୍ୟା ମୁହାଣ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ସହ ତଦାରଖ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, କୂଳ ଠାରୁ ପ୍ରାୟ ପାଞ୍ଚରୁ ସାତ କିମି ଦୂରରେ ଡିସେମ୍ବରରୁ ଜାନୁଆରୀ ଶେଷ ବେଳକୁ ବହୁ ସଂଖ୍ୟାରେ ସାମୁଦ୍ରିକ କଇଁଛଙ୍କ ମିଳନ ପ୍ରକ୍ରିୟା ସମୁଦ୍ର ମଧ୍ୟରେ ଦେଖିବାକୁ ମିଳିଥାଏ। ୨୦୨୨ରେ ୫ଲକ୍ଷ, ୨୦୨୩ ରେ ୬ ଲକ୍ଷ ୩୭ ହଜାର କଇଁଛ ଅଣ୍ଡା ଦେଇଥିଲେ। କିନ୍ତୁ ୨୦୨୪ରେ କୌଣସି କାରଣରୁ କଇଁଛ ଅଣ୍ଡା ଦେବାକୁ ଆସିନଥିଲେ। ୨୦୨୫ରେ କଇଁଛମାନେ ବହୁ ମାତ୍ରାରେ ଅଣ୍ଡା ଦେବେ ବୋଲି ସମସ୍ତେ ଆଶାବାଦୀ ରହିଛନ୍ତି। ତେବେ ଏହି ବିରଳ ଅଲିଭ ରିଡ୍‌ଲେ ବାହାର ଦେଶରୁ ଆସିଥାନ୍ତି। ଏଠାକାର ପରିବେଶ ସେମାନଙ୍କୁ ସୁହାଇ ଥାଏ। ସେମାନଙ୍କ ସୁରକ୍ଷିତ ଆଗମନ ସହ ପ୍ରଜନନ ଓ ଗଣ ଅଣ୍ଡାଦାନ ପାଇଁ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣ ଏକ ସୁରକ୍ଷିତ ସ୍ଥାନ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଏନେଇ ଚଳିତ ମାସ ୧ ତାରିଖରୁ ମେ' ୩୧ ପ୍ରର୍ଯ୍ୟନ୍ତ, ଏହି ୭ମାସ ଗଞ୍ଜାମ ଋଷିକୁଲ୍ୟା ଉପକୂଳ ସମୁଦ୍ରରେ ମତ୍ସ୍ୟଜୀବୀଙ୍କୁ ମାଛ ଧରିବାକୁ ବାରଣ କରାଯାଇଛି। ଗଞ୍ଜାମ ଋଷିକୁଲ୍ୟା ମୁହଣା ସମୁଦ୍ର ନିକଟ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ପ୍ରର୍ଯ୍ୟନ୍ତ ଏହି ୨୦ କିମିକୁ ନୋ ଫିସିଂ ଜୋନ୍ ଭାବେ ଘୋଷଣା କରାଯାଇଥାଏ। ଏହି ସମୟରେ ଅଲିଭ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟା ହୋଇଥାଏ।